


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-53 ◆SUNDAY ◆17 AUGUST 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୫୩ ◆ରବିବାର ◆୧୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


ବର୍ଷା ବିପ୍ରାତ

**ପ୍ରଳୟଙ୍କରୀ ବନ୍ୟା**

## ଉତ୍ତର ପାକିସ୍ତାନରେ ୩୪୪ ମୃତ



■ **ଇସଲାମାବାଦ୍, ୧୬।୮ (ଏଜେନ୍ସି):** ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାକିସ୍ତାନର ଉତ୍ତରାଞ୍ଚଳ ଧ୍ୱସ୍ତ ହୋଇଯାଇଛି। ଶତାଧିକ ଗାଁ ଭାସିଯାଇଥିବା ବେଳେ ରାସ୍ତାଗୁଡ଼ିକ ଭୁଶୁଡ଼ି ପଡ଼ିଛି। ଏହି ବିପର୍ଯ୍ୟୟରେ ଗତ ୪୮ ଘଣ୍ଟା ମଧ୍ୟରେ ୩୪୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାରରୁ ଅଧିକ ଆହତ ହୋଇଛନ୍ତି। ଖାଇବର ପଖତୁନରେ ସର୍ବାଧିକ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ବିଭିନ୍ନ ନଦୀରେ ଆସିଥିବା ବନ୍ୟା କାରଣରୁ ଏହି ଅଞ୍ଚଳରେ ୩୦୭ ଜଣ ମୃତ୍ୟୁବରଣ କରିଛନ୍ତି। ଏହି ଅଞ୍ଚଳରେ ଅନେକ ଗାଁ ପାଣିରେ ବୁଡ଼ି ନିଶ୍ଚିହ୍ନ ହୋଇଯାଇଛି। ଏବେ ବି ପ୍ରବଳ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଛି। ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଏକ ହେଲିକପଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନେକ ଅଞ୍ଚଳ ପାଣିରେ ବୁଡ଼ି ରହିଥିବାରୁ ▶ପୃଷ୍ଠା-୭

**କିସ୍ତୱାର ବିପର୍ଯ୍ୟୟ**

## ୬୫ ମୃତ, ଏବେ ବି ୨୦୦ ନିଖୋଜ



■ **ଶ୍ରୀନଗର, ୧୬।୮ (ଏଜେନ୍ସି):** ଜମ୍ମୁ- କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷା ଯୋଗୁଁ ଆସିଥିବା ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୬୫ ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଗଲାଣି। ମାଟିତଳେ ଏବେ ବି ଶତାଧିକ ଲୋକ ଦବି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ନିଖୋଜ ରହିଥିବା ଅତିକମରେ ୨୦୦ ଲୋକଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି ଏବଂ ଏଥିରେ ସେନାକୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଏନ୍‌ଡିଆରଏଫ୍ ଏବଂ ସ୍ଥାନୀୟ ସଂଗଠନ ସହାୟତା କରୁଛନ୍ତି।

ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୪ ତାରିଖରେ ବାଦଲଫଟା ବର୍ଷା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ବଡ଼ ଧରଣର ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ମିଳିଥିଲା। ପାଣିରେ ଶତାଧିକ ଘର ଭାସି ଯାଇଥିବା ବେଳେ ▶ପୃଷ୍ଠା-୭

# ଆଶା ବଢ଼ାଇଲା ଆଲାସ୍କା

## ଆମେରିକା-ରୁଷ୍-ୟୁକ୍ରେନ୍ ତ୍ରିପାକ୍ଷିକ ବୈଠକ ହେବ



**ଟ୍ରମ୍ପ-ପୁତିନ ବୈଠକ ୩ ଘଣ୍ଟାରେ ଶେଷ**

**ସୋମବାର ଆମେରିକା ଯିବେ ଜେଲେଁସ୍କି**

■ **ୱାସିଂଟନ, ୧୬।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ବହୁଚର୍ଚ୍ଚିତ ଆଲାସ୍କା ଶିଖର ବୈଠକ ଶେଷ ହୋଇଛି। ଉଭୟ ନେତା ପ୍ରାୟ ତିନି ଘଣ୍ଟା ଧରି ଆଲୋଚନା କରିଛନ୍ତି। ସାରା ବିଶ୍ୱର ନଜର ଥିବା ଏହି ବୈଠକରେ ଦୁଇ ନେତା ବିଶେଷ କରି ୟୁକ୍ରେନ ଯୁଦ୍ଧ ଉପରେ ଆଲୋଚନା କରିଛନ୍ତି। ୟୁକ୍ରେନ ଯୁଦ୍ଧରେ ଅସ୍ତ୍ରବିରତି ଅପେକ୍ଷା ସ୍ଥାୟୀ ଶାନ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କଥାବାର୍ତ୍ତା ନେଇ ଦୁଇ ନେତା ସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାୟୀ ଶାନ୍ତି ପାଇଁ ଟ୍ରମ୍ପ, ପୁତିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହେବ। ସେହି ବୈଠକ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ତେବେ ଆଲାସ୍କା ବୈଠକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ହେଲା ଯେ ଭାରତ ଉପରେ ଟ୍ରମ୍ପ ଆଉ ଅଧିକ ୨୫ ଭାଗ ଶୁଳ୍କ ଧାର୍ଯ୍ୟ କରିନପାରନ୍ତି ବୋଲି ସୂଚନା ଦେଇଛନ୍ତି।

ଗତକାଲି ଆମେରିକାର ଆଲାସ୍କାରେ ଟ୍ରମ୍ପ ଓ ପୁତିନ ଏକାଠି ହୋଇଥିଲେ। ୟୁକ୍ରେନ ଯୁଦ୍ଧ ଶେଷ କରିବା ଉପରେ ଏହି ବୈଠକ ଦୀର୍ଘ ୩ ଘଣ୍ଟାଧରି ଚାଲିଥିଲା। ଏହାରେ ଦୁଇ ନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ। ବୈଠକ ସକାରାତ୍ମକ ଥିଲା ବୋଲି ଟ୍ରମ୍ପ କହିଛନ୍ତି। କେତୋଟି ବିଷୟରେ ଦୁହେଁ ସହମତି ଜଣାଇଥିଲେ। କିନ୍ତୁ ଏହି ହାଇପ୍ରୋଫାଇଲ ବୈଠକରେ କୌଣସି ଚୁକ୍ତି ବା ଡିଲ୍ ହୋଇନାହିଁ। ବୈଠକ ସକାରାତ୍ମକ ହୋଇଥିଲେ ମଧ୍ୟ ଅନ୍ତିମ ବୁଝାମଣା ହୋଇନାହିଁ ବୋଲି ଟ୍ରମ୍ପ କହିଛନ୍ତି। ସେହିପରି ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ହେଲେ ତାହାର ଅସଲ କାରଣକୁ ଶେଷ କରିବାକୁ ହେବ ▶ପୃଷ୍ଠା-୭

## ରୁଷଠାରୁ ତୈଳ କ୍ରୟ ଉପରେ କଟକଣା ଲାଗିବନି: ଟ୍ରମ୍ପ

■ **ଆଲାସ୍କା, ୧୬।୮ (ଏଜେନ୍ସି):** ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ସେ କହିଛନ୍ତି ଯେ ରୁଷ୍‌ଠାରୁ ତୈଳ କିଣୁଥିବା ଦେଶ ଉପରେ ଏବେ କୌଣସି କଟକଣା ଲଗାଇବାକୁ ବିଚାର କରୁନାହୁଁ। ଦୁଇ ତିନି ସପ୍ତାହ ପରେ ଏହା ଉପରେ ବିଚାର କରିବାକୁ ପଡ଼ିପାରେ। କିନ୍ତୁ ଏ ବିଷୟରେ ଶୀଘ୍ରତା କରିବାର ଆବଶ୍ୟକତା ନାହିଁ। ସେହିପରି ରୁଷ୍ ସହ ତୈଳ ବ୍ୟବସାୟ କରିବାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଏହା ଦ୍ୱାରା ରୁଷ୍ ଏକ ବଡ଼ ତୈଳ ଗ୍ରାହକ ହରାଇଛି। ଚୀନ୍ ଉପରେ ଏଭଳି ଶୁଳ୍କ ଲଗାଇଲେ ରୁଷ୍ ପାଇଁ ବିଧ୍ୱଂସକ ସାବ୍ୟସ୍ତ ହେବ। ଆବଶ୍ୟକ ପଡ଼ିଲେ ଏହି ଶୁଳ୍କ ଲଗାଇବି, କିନ୍ତୁ ଲାଗୁଚି ଏପରି କରିବାକୁ ପଡ଼ିବ ନାହିଁ। ସୂଚନାଯୋଗ୍ୟ ଯେ ରୁଷ ତୈଳ ଏବଂ ଅସ୍ତ୍ରଶସ୍ତ୍ର କିଣିବାକୁ ନେଇ ଗତ ୬ ତାରିଖରେ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ଥିଲେ। ଏହା ୨୭ ତାରିଖରୁ କାର୍ଯ୍ୟକାରୀ ହେବ। ଏହାକୁ ମିଶାଇ ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଲେଣି। ତେବେ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ରୁଷ୍‌ରୁ ତୈଳ କ୍ରୟ ଉପରେ କୌଣସି କଟକଣା ଲଗା ଯାଇନାହିଁ ବୋଲି ଭାରତ ସ୍ପଷ୍ଟ କରିଛି।

# ୨୮ରେ ନୂଆଁଖାଇ

■ **ସମ୍ବଲପୁର, ୧୬।୮ (ସମିସ):** ନୂଆଖାଁଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୮ ତାରିଖ, ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀତିଥି (ଗୁରୁବାର) ପୂର୍ବାହ୍ଣ ୧୦ଟା ୩୩ମିନିଟ୍‌ରୁ ୧୦ଟା ୫୫ମିନିଟ ମଧ୍ୟରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ। ଏହାପରେ ପରମ୍ପରା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ। ଏହି କ୍ରମରେ ଶନିବାର ଅପରାହ୍ଣରେ ନନ୍ଦୋତ୍ସବ ଅବସରରେ ଝାଡ଼ୁଆପଡ଼ାସ୍ଥିତ ଶ୍ରୀଶ୍ରୀବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ ପଣ୍ଡିତମାନଙ୍କ ବୈଠକରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ ପାଇଁ ଶୁଭଲଗ୍ନ ନିର୍ଣ୍ଣୟ ହୋଇଛି। ପଣ୍ଡିତସଭାରେ ନିରୂପଣ କରାଯାଇଥିବା ଲଗ୍ନ ପତ୍ରକୁ ପଣ୍ଡିତ ଓ ଟ୍ରଷ୍ଟବୋର୍ଡ ସଭ୍ୟମାନେ ସମଲେଶ୍ୱରୀ ମନ୍ଦିରରେ ନେଇ ପହଞ୍ଚାଇଥିଲେ।



**ନିର୍ଦ୍ଧାରଣ ହେଲା ଲଗ୍ନ ୧୦:୩୩ ରୁ ୧୦:୫୫**

ବ୍ରହ୍ମପୁରା ମନ୍ଦିରର ଟ୍ରଷ୍ଟି ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସଭାରେ ପଣ୍ଡିତ ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ, ଗୋପୀନାଥ ପଣ୍ଡା ପ୍ରମୁଖ ପଣ୍ଡିତମାନେ ଯୋଗ ଦେଇଥିଲେ।

ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଦସ୍ୟ ସରୋଜ ଦଲପତ, ସୁଶାନ୍ତ ପୁରୋହିତ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥସାରଥୀ ମିଶ୍ର, ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ମନୋଜ ମିଶ୍ର, ସ୍ୱଦେନ୍ଦ୍ର ପଣ୍ଡା, ମିଲୁ ପାଣିଗ୍ରାହୀ ଓ ଅଭିଷେକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡା ଯୋଗ ଦେଇଥିଲେ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଆସନ୍ତା ଅଗଷ୍ଟ ୨୮ ତାରିଖ ପଶ୍ଚିମ ଓଡ଼ିଶା ତଥା ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରାଯିବ। ଇଷ୍ଟଦେବୀମାନଙ୍କ ଲଗ୍ନ ଅନୁଯାୟୀ ନୂଆଁ ଚାଉଳ ଅର୍ପଣ ପରେ ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ।

**ଆସୁଛି ଆଉ ଏକ ଲଘୁଚାପ**

## ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୬।୮ (ସମିସ):** ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଆନ୍ଧ୍ରପ୍ରଦେଶ ଉପକୂଳରେ ଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ହୋଇଛି। ଉପର ବାୟୁ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଆଡ଼କୁ ବିସ୍ତାରିତ ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୯ ତାରିଖ ଯାଏଁ ପ୍ରବଳ ବର୍ଷା ସହ ଝଡ଼ି ପବନ ଓ ବିଜୁଳି ଘଡ଼ଘଡ଼ି ହେବା ନେଇ ପାଣିପାଗ ବିଭାଗ ୱାର୍ଣ୍ଣିଂ ଜାରି କରିଛି। ଆଗକୁ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି। ଆସନ୍ତାକାଲିଠାରୁ ବର୍ଷା ଆହୁରି ବଢ଼ିବ। ପ୍ରବଳ ବର୍ଷା ସାଙ୍ଗକୁ ଝଟ୍‌କା ପବନ ଓ ବିଜୁଳି ଘଡ଼ଘଡ଼ି ପାଇଁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ଓ ଝଟ୍‌କା ପବନ ହେବା ନେଇ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।



**ଆସନ୍ତାକାଲି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

**ଅସଦାଚରଣ ଓ ନିର୍ଯ୍ୟାତନା**

## ୨ ଭିସୁଟ୍ ପ୍ରଫେସର ନିଲମ୍ବିତ

■ **ସମ୍ବଲପୁର, ୧୬।୮ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ରିପୋର୍ଟ ଦାଖଲ କରିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ପ୍ରଫେସରଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି। ଜଣେ ପିଏଚ୍‌ଡି ଛାତ୍ରୀଙ୍କୁ ନିର୍ଯ୍ୟାତନା ଦିଆଯାଇଥିବା ବେଳେ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବନ ଆଦେଶନାମାକୁ ସାର୍ବଜନୀନ କରି ନଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ ଏହି ବିଷୟରେ କୌଣସି ମତମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

ପ୍ରାୟ ତିନିମାସ ତଳେ ଜଣେ ଆସୋସିଏଟ୍ ପ୍ରଫେସରଙ୍କ ବିରୋଧରେ ଜଣେ ପିଏଚ୍‌ଡି ଛାତ୍ରୀ ନିର୍ଯ୍ୟାତନା ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ବିରୋଧରେ କୌଣସି ▶ପୃଷ୍ଠା-୭

## ଗଠନ ହେବ ୧୨ ନୂତନ ଏନ୍‌ଏସି

■ **ଭୁବନେଶ୍ୱର, ୧୬।୮ (ସମିସ):** ରାଜ୍ୟର ୭ ଜିଲ୍ଲାରେ ଆଉ ୧୨ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ହେବ। ଏନେଇ ଶନିବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩ଟି ଏନ୍‌ଏସି ଗଠନ ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ ଏବଂ ସମ୍ବଲପୁର ଜିଲ୍ଲାରେ ୨ଟି ଲେଖାଏଁ ଏନ୍‌ଏସି ଗଠନ ହେବ। ସେହିପରି ଅନୁଗୋଳ, ସୁବର୍ଣ୍ଣପୁର ଏବଂ ରାୟଗଡ଼ାରେ ଗୋଟିଏ ଲେଖାଏଁ ଏନ୍‌ଏସି ଗଠନ ହେବ ବୋଲି ବିଜ୍ଞପ୍ତିରେ ଦର୍ଶା ଯାଇଛି। ଅନୁଗୋଳର ପାଲଲହଡ଼ା, ସୋନପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ଚିତ୍ରଡ଼ା ଓ ବାଙ୍ଗିରିପୋଷି, ରାୟଗଡ଼ାର ବିଷମ କଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲି ଏବଂ ଭଦ୍ରକ ଜିଲ୍ଲାର ତିହିଡି ଓ ଧୁଷୁରୀ ନୂଆ ଏନ୍‌ଏସି ତାଲିକାରେ ସ୍ଥାନ ପାଇଛି।

**ନବୀନ ଘୋଷଣା କରିଥିଲେ ୫୬**

**ନୂଆ ସରକାର କମାଇଦେଲେ ୪୪**

ଗତକାଲି ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୨୧ ନୂଆ ଏନ୍‌ଏସି ସ୍ଥାପନ ନେଇ ଘୋଷଣା କରିଥିଲେ। ରାଜ୍ୟର ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହିତ ଜନସାଧାରଣଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଆଜି ପ୍ରକାଶିତ ଚିଠା ବିଜ୍ଞପ୍ତିରେ ୧୨ଟି ନୂଆ ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୪ ଏନ୍‌ଏସି ଗଠନ ହେବ ବୋଲି ୨୪ ଫେବୃଆରୀ ୨୦୨୪ ମସିହାରେ ଘୋଷଣା କରିଥିଲେ। ଏହା ସହ ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିରେ ପରିବର୍ତ୍ତନ କରାଯାଇଥାନ୍ତା। ସେହିପରି ୧୩ଟି ଜିଲ୍ଲା ପାଇଁ ୨୨ଟି ଏନ୍‌ଏସି ଗଠନ ହେବ ବୋଲି ମାର୍ଚ୍ଚ ୨୦୨୪ ମସିହାରେ ଘୋଷଣା କରାଯାଇଥିଲା। ସାମାଜିକ ▶ପୃଷ୍ଠା-୭

## ସମ୍ପତ୍ତି ପାଇଁ ପୁଅକୁ ପୋଡ଼ିଦେଲେ

■ **ଭୁବନେଶ୍ୱର/ବାଲିପାଟଣା, ୧୬।୮ (ସମିସ):** ସମ୍ପତ୍ତି ପାଇଁ ପୁଅକୁ ପୋଡ଼ି ମାରିଦେଲେ। ବାଲିପାଟଣା ବ୍ଲକ ସରିପୁର ଗାଁରେ ଗତ ଶୁକ୍ରବାର ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଜ୍ୟୋତିରଞ୍ଜନ ମଠିଆ। ଏହି ଘଟଣାରେ ବାଲିପାଟଣା ପୁଲିସ୍ ଅଭିଯୁକ୍ତ ବାପା ସୁରେନ୍ଦ୍ରନାଥ ମଠିଆ, ସାବତ ମାଆ ପ୍ରଭାତୀ ମଠିଆ ଓ ସାନ ଭାଇ ପ୍ରଶାନ୍ତ ମଠିଆଙ୍କୁ ଗିରଫ କରିଛି। ଜ୍ୟୋତିରଞ୍ଜନଙ୍କ ମୃତ୍ୟୁକାଳୀନ ବୟାନ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଅଧିକ ପଚରାଉଚରା ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କହିଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ପୁଲିସ୍ ବିଏନ୍‌ଏସ୍ ଦଫା ୧୧୮ (୨), ୧୦୯, ୧୦୩/୩(୫)ରେ ଦଫା ଲଗାଇ କୋର୍ଟଚାଲାଣ କରାଯାଇଛି। ଜୋନ୍-୪ ଏସିପି ଅଭିମନ୍ୟୁ ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ବାପା, ସାବତ ମା' ଏବଂ ସାବତ ଭାଇ ଗିରଫ**

**ମୃତ୍ୟୁକାଳୀନ ବୟାନରେ ଅଭିଯୁକ୍ତଙ୍କ ନାଁ କହିଲେ**

ପୁଲିସ୍ ସୂଚନାନୁଯାୟୀ, ଛୋଟ ବେଳେ ଜ୍ୟୋତିରଞ୍ଜନଙ୍କ ମା'ଙ୍କର ମୃତ୍ୟୁ ପରେ ବାପା ସୁରେନ୍ଦ୍ରନାଥ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ସାବତ ମା' ଘରେ ପାଦ ଦେବା ପରଠାରୁ ଜ୍ୟୋତିଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା। ଏପରିକି, ଶେଷରେ ସୁରେନ୍ଦ୍ରନାଥ ନିଜର ସବୁ ସମ୍ପତ୍ତି ସାନପୁଅ ନାଁରେ କରିଦେଇଥିଲେ। ପରେ ୩ଜଣ ଯାକ ମିଶି ଜ୍ୟୋତିଙ୍କୁ ସେ ଘରେ ରହିବାକୁ ଦେଇ ନଥିଲେ। ତେଣୁ ଜ୍ୟୋତି ତାଙ୍କ ସ୍ତ୍ରୀ ସହ ପାଖରେ ଥିବା ଏକ ଆଜବେଷ୍ଟସ୍ ଘରେ ଅତି ଶୋଚନୀୟ ଅବସ୍ଥାରେ ରହୁଥିଲେ। ତେବେ ଏହା ଭିତରେ ଜ୍ୟୋତି ନିଜର ହକ୍ ପାଇଁ ଲଢ଼େଇ କରିଥିଲେ। ଜାଗାବାଡ଼ିକୁ ନେଇ ସେ ନିଜ ହକ୍ ମାଗି ▶ପୃଷ୍ଠା-୭



**ଗୁଣି ସନ୍ଦେହରେ ହତ୍ୟା**

## ବିଷ ପିଆଇ ଜିଅନ୍ତା ଜାଳିଦେଲେ

■ **ରାୟଗଡ଼ା, ୧୬।୮ (ସମିସ):** ଗୁଣି ସନ୍ଦେହରେ ଜଣେ ଯୁବକଙ୍କୁ ବିଷ ପିଆଇ ନିର୍ଦ୍ଧୁମ୍ ମାଡ଼ ମାରିବା ସହ ଜୀଅନ୍ତା ଜାଳିଦେବା ଭଳି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ରାୟଗଡ଼ା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ସଦର ବ୍ଲକ୍ ବଡ଼ ଆଲୁବାଡ଼ି ପଞ୍ଚାୟତର ଗୁରୁସୁବାଡି ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ରାମାରାଓ ଜିଲାକାରା(୪୦)। ଏନେଇ ପରିବାର ପକ୍ଷରୁ ଶେଷଖାଲ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୧୩ ଅଭିଯୁକ୍ତକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏହାସହ ଅନ୍ୟ ୨ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

ଗିରଫ ଅଭିଯୁକ୍ତମାନେ ହେଲେ, ଘାସି ମାଣ୍ଡାଙ୍ଗି, ଅନକେସ ମାଣ୍ଡାଙ୍ଗି, ସିଂ ପୁଆଲା, ବୃନ୍ଦାବନ ମାଣ୍ଡାଙ୍ଗି, ବିଜୟ ଜିଲାକାରା, ଦିବା ଜିଲାକାରା, ରମେଶ ମାଣ୍ଡାଙ୍ଗି, ଜ୍ଞାନେୟ ଜିଲାକାରା, ପ୍ରକାଶ ମାଣ୍ଡାଙ୍ଗି, ପ୍ରତାପ ଜିଲାକାରା, ରାଜେଶ ମାଣ୍ଡାଙ୍ଗି, ସଶେୟ ମାଣ୍ଡାଙ୍ଗି, ବମ୍ବେୟ ମାଣ୍ଡାଙ୍ଗି। ଏନେଇ ଥାନାରେ ନଂ ୭୩/୨୦୨୫ରେ ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଘଟଣାଟି ଗତ ୮ ତାରିଖରେ ଘଟିଥିବା ବେଳେ ଅଭିଯୁକ୍ତମାନଙ୍କ ଧମକ ଓ ଭୟ ଯୋଗୁଁ ବିଳମ୍ବରେ ମୃତକଙ୍କ ଭାଇ ଧର୍ମାରାଓ ଜିଲାକାରା ଶେଷଖାଲ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

**୧୩ ଗିରଫ**

ଉକ୍ତ ଗ୍ରାମରେ ପୂର୍ବରୁ ଗୁଣିଗାରେଡ଼ିକୁ ସନ୍ଦେହ କରି ମୃତ ରାମାରାଓଙ୍କ ପରିବାର ସହ ଗ୍ରାମବାସୀଙ୍କ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। କିନ୍ତୁ ଉକ୍ତ ପତ୍ରକୁ ଅଣଦେଖା କରି ଗିରଫ ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ କହିଛି। ଧାରା ୧୮୯(୧)(ସି), ୧୯୧(୩), ୧୦୩(୨), ୨୯୬(୬)୨୩୮(ଏ)୩୫୧(୨) ଏବଂ ଭାରତୀୟ ନ୍ୟାୟ ସଂହିତା ୧୯୦ ଅଧାରରେ ଶେଷଖାଲ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ମୃତକଙ୍କ ପୋଡା ପାଉଁଶ ସଂଗ୍ରହ କରିଥିବା ଶେଷଖାଲ ଥାନା ଅଧିକାରୀ ମୁନି ଆଚାରୀ ପ୍ରକାଶ କରିଛନ୍ତି।

## ସୋମବାର ଭାରତ ଆସିବେ ଚୀନ୍ ବିଦେଶମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ଭାରତ ଏବଂ ଚୀନ୍ ସମ୍ବନ୍ଧକୁ ଅଧିକ ନିବିଡ଼ କରିବାକୁ ପ୍ରୟାସ କରୁଛନ୍ତି। ସୀମା ବିବାଦର ସମାଧାନ ଲାଗି ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୋମବାର ଭାରତ ଗସ୍ତରେ ଆସୁଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଚୀନ୍ ମନ୍ତ୍ରୀ ଏନଏସଏ ଅଜିତ ଡୋଭାଲଙ୍କ ସହ ସୀମା ବିବାଦର ସମାଧାନ ଲାଗି ୨୪ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା କରିବେ। ଏହା ପରେ ୱାଙ୍ଗ ୟି ଏବଂ ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ। 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନକୁ ସମର୍ଥନ କରି ଚୀନ୍ ସବୁଦିନିଆ ବନ୍ଧୁ କହିବା ପରେ ପ୍ରଥମ ଥର ପାଇଁ ଏହି ବୈଠକ ବସିବାକୁ ଯାଉଛି। ଭାରତ-ପାକିସ୍ତାନ ସଂଘର୍ଷରେ ଚୀନ୍ ଇସଲାମାବାଦକୁ ସବୁ ପ୍ରକାରର ସହାୟତା ଦେଇଥିଲା। ଗୁଇନ୍ଦାଠାରୁ ନେଇ ଅସ୍ତ୍ରଶସ୍ତ୍ର ବି ଯୋଗାଇ ଥିଲା।

## ବେଙ୍ଗାଲୁରୁ କୋଠାରେ ନିଆଁ; ୫ ରାଜସ୍ଥାନୀ ମୃତ

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ବେଙ୍ଗାଲୁରୁ ଷ୍ଟିଲ ମାର୍କେଟ୍‌ସ୍ଥିତ ଏକ କୋଠାରେ ଭୀଷଣ ନିଆଁ ଲାଗିଛି। ଏଥିରେ ରାଜସ୍ଥାନର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ଜାଲୋର ଜିଲ୍ଲାର ଦୁଇଜଣ ବ୍ୟବସାୟୀ ରହିଛନ୍ତି। ଏହି ଘଟଣାରେ ଭିନମାଲରେ ରହୁଥିବା ଜଣେ ବ୍ୟବସାୟୀ, ତାଙ୍କ ପତ୍ନୀ ଓ ୨ ନାବାଳକ ପୁଅ ମଧ୍ୟ ଜୀବନ ହରାଇଛନ୍ତି। କ୍ଷିପ୍ର ଗତିରେ ନିଆଁ ବ୍ୟାପିଯାଇଥିଲା। ଫଳରେ କୌଣସି ବ୍ୟକ୍ତି ବାହାରକୁ ବାହାରିବାର ସୁଯୋଗ ପାଇ ନ ଥିଲେ। ଶନିବାର ସକାଳ ପର୍ଯ୍ୟନ୍ତ ମଧ୍ୟ ବିଲ୍ଡିଂରେ ନିଆଁ ଜଳୁଥିବାର ସୂଚନା ମିଳିଛି। ଏହି ଘଟଣାରେ ଗୋଦାମରେ କାମ କରୁଥିବା ଦୁଇଜଣ ଯୁବକ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ତେବେ ମୃତକଙ୍କ ସଂଖ୍ୟା ନେଇ ପ୍ରଶାସନ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହିଁ। ନିଆଁର ପ୍ରକୋପ ଏତେ ଥିଲା ଯେ, ଶନିବାର ସକାଳ ପର୍ଯ୍ୟନ୍ତ ନିଆଁ ଜଳୁଥିଲା। ଏହି ବିଲ୍ଡିଂ ସଂକୀର୍ଣ୍ଣ ଗଳିରେ ଥିଲା। ଏଥିପାଇଁ ଦମକଳ ଗାଡି ପହଞ୍ଚିବା ପାଇଁ ସମସ୍ୟାର ସମ୍ମୁଖୀନ ହେବା ସହ ବିଳମ୍ବ ହୋଇଥିଲା। ୧୮ଟି ଦମକଳ ଗାଡି ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ।

## ଅନ୍‌ଲାଇନ୍ ସପିଙ୍ଗ୍ କରି ୧୮ ଲକ୍ଷ ଟଙ୍କା ହରାଇଲେ ବୃଦ୍ଧା

ମୁମ୍ବଇ, ୧୬।୮ (ଏଜେନ୍ସି): ମୁମ୍ବଇର ଜଣେ ୭୧ ବର୍ଷୀୟ ମହିଳା ଅନ୍ ଲାଇନ୍ ସପିଙ୍ଗ କରି ୧୮ ଲକ୍ଷ ଟଙ୍କା ହରାଇଛନ୍ତି। ସେ ଏକ ଲିଟର କ୍ଷୀର ଅର୍ଡର କରିଥିଲେ। କିନ୍ତୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୮.୫ ଲକ୍ଷ ଟଙ୍କା ଚାଲିଯାଇଥିଲା। ବଡାଲାରେ ରହୁଥିବା ଏହି ବୃଦ୍ଧା ଏକ ଅନ୍‌ଲାଇନ୍ ଡେଲିଭରୀ ଆପ୍ ଜରିଆରେ କ୍ଷୀର ଅର୍ଡର କରିବାକୁ ପ୍ରୟାସ କରିଥିଲେ। ତେବେ ମାତ୍ର ଦୁଇଦିନ ମଧ୍ୟରେ ସେ ସଞ୍ଚୟ କରିଥିବା ସବୁ ଅର୍ଥକୁ ଠକ ଲୁଟି ନେଇଥିଲେ। ଯେତେବେଳେ ସେ ଏହା ଜାଣିବାକୁ ପାଇଲେ, ସେ ପୁଲିସରେ ଅଭିଯୋଗ କରିଥିଲେ। ପୁଲିସ ମଧ୍ୟ ଏହି ଘଟଣାରେ ଯାଞ୍ଚ ଆରମ୍ଭ କରିଛି। ଅଗଷ୍ଟ ୪ରେ ଏହି ଘଟଣା ଘଟିଥିଲା। ଜଣେ ବ୍ୟକ୍ତି ଏହି ମହିଳାଙ୍କୁ ଫୋନ୍ କରି ନିଜକୁ ଜଣେ କ୍ଷୀର କମ୍ପାନୀର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ସେ ମହିଳାଙ୍କୁ ମୋବାଇଲ ନମ୍ବରକୁ ଏକ ଲିଙ୍କ ସେୟାର କରି କ୍ଷୀର ଅର୍ଡର କରିବାକୁ ବିଭିନ୍ନ ସୂଚନା ମାଗିଥିଲେ। କଲ୍ ନ କାଟି ଲିଙ୍କରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିବାକୁ ଠକ ଜଣକ କହିଥିଲା। ଏହା ପର ଦିନ ମଧ୍ୟ ସେ ମହିଳାଙ୍କୁ ଫୋନ୍ କରି ଆହୁରି ଅଧିକ ସୂଚନା ଦେବାକୁ କହିଥିଲା। ମହିଳାଙ୍କ ନାମରେ ଥିବା ୩ଟି ବ୍ୟାଙ୍କ ଆକାଉଣ୍ଟରୁ ପଇସା ଲୁଟିବାରେ ଏହି ଠକ ସକ୍ଷମ ହୋଇଥିଲେ। ୩ଟି ଆକାଉଣ୍ଟରୁ ମୋଟ୍ ଉପରେ ୧୮.୫ ଲକ୍ଷ ଟଙ୍କା ଗାଏବ ହୋଇଛି ବୋଲି ପୁଲିସ କହିଛି। ମହିଳା ଲିଙ୍କରେ କ୍ଲିକ୍ କରିବା ପରେ ତାଙ୍କ ଫୋନ ହ୍ୟାକ ହୋଇଥିଲା ଓ ସହଜରେ ଲୁଟେରାମାନେ ନିଜର ଲକ୍ଷ୍ୟ ସାଧନ କରିଥିଲେ।

## ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନଙ୍କ ପରଲୋକ

ରାଞ୍ଚି, ୧୬।୮ (ଏଜେନ୍ସି): ଝାଡଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲ୍‌ରେ ପ୍ରାଣତ୍ୟାଗ କରିଛନ୍ତି। ସେ ୬୨ ବର୍ଷ ବୟସ୍କ ଥିଲେ। ମୁଣ୍ଡରେ ଗମ୍ଭୀର ଭାବେ ଲାଗିଥିବା ଆଘାତ କାରଣରୁ ସେ ଅଗଷ୍ଟ ୨ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ତାଙ୍କର ଚିକିତ୍ସା ଚାଲିଥିଲା। ଶନିବାର ଜାମସେଦପୁରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ଦେହାନ୍ତରେ ଝାଡଖଣ୍ଡରେ ଦିନିକିଆ ଶୋକ ଘୋଷଣା କରାଯାଇଛି। ରାମଦାସଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀରୁ ରାଞ୍ଚି ବିମାନ ବନ୍ଦରକୁ ଆଣାଯାଇଥିଲା ଓ ସେଠାରୁ ଝାଡଖଣ୍ଡ ବିଧାନସଭାକୁ ନିଆଯାଇଥିଲା। ତାଙ୍କୁ ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ତାଙ୍କ ପାର୍ଥିବ ଶରୀରକୁ ଘଟଶିଳା ଓ ପରେ ଜାମସେଦପୁର ନିଆଯାଇଥିଲା। ଶନିବାର ରାତିରେ ଜାମସେଦପୁରସ୍ଥିତ ଘୋଡା ବାନ୍ଧା କ୍ଷେତ୍ରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଗାଧୁଆଘରେ ଗୋଡ ଖସିଯିବା କାରଣରୁ ସେ ପଡ଼ିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ୨୦୦୯ ଓ ୨୦୨୯ରେ ଘଟଶିଳା ବିଧାନସଭାରୁ ନିର୍ବାଚିତ ହୋଇଥିଲେ। ମୃତ୍ୟୁବେଳକୁ ତାଙ୍କ ପାଖରେ ପତ୍ନୀ, ୩ ପୁଅ ଓ ଗୋଟିଏ ଝିଅ ଉପସ୍ଥିତ ଥିଲେ। ୧୯୮୦ରେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ରୁ ସେ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ।

## ଜନ୍ମାଷ୍ଟମୀରେ ଅଘଟଣ: ଦହି ହାଣ୍ଡି ବାନ୍ଧିବା ବେଳେ ଖସିପଡ଼ି ଶ୍ରଦ୍ଧାଳୁ ମୃତ

ମୁମ୍ବଇ, ୧୬।୮ (ଏଜେନ୍ସି): ଜନ୍ମାଷ୍ଟମୀରେ ମୁମ୍ବଇର ମାନଖୁର୍ଦ୍ଦରେ ଶନିବାର ଅପରାହ୍ଣରେ ଦହି ହାଣ୍ଡି ବାନ୍ଧିବା ବେଳେ ତଳକୁ ଖସି ଜଣେ ୩୨ ବର୍ଷୀୟ 'ଗୋବିନ୍ଦା' ମୃତ୍ୟୁବରଣ କରିଛନ୍ତି। ଏହି ବ୍ୟକ୍ତି ଜଣକ ହେଉଛନ୍ତି ଜଗମୋହନ ଶିବକିରନ ଚୌଧୁରୀ। ମହାରାଷ୍ଟ୍ର ନଗରସ୍ଥିତ ନିଜ ଘର ପ୍ରଥମ ତାଲାର ଝରକାରୁ ସେ ରସି ସାହାଯ୍ୟରେ ଦହି ହାଣ୍ଡି ବାନ୍ଧିବାକୁ ପ୍ରୟାସ କରୁଥିବା ବେଳେ ତଳକୁ ଖସି ପଡ଼ିଥିଲେ। ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୭୯ତମ ସ୍ୱାଧୀନତା ଦିବସ ପାଳିତ





**ଲାଲ୍ କିଲ୍ଲାରୁ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ**

# ବିକଶିତ ଭାରତ ରୋଜଗାର ପାଇଁ ଯୋଜନା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ୭୯ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କ୍ରମାଗତ ଦ୍ୱାଦଶଥର ପାଇଁ ଲାଲ୍ କିଲ୍ଲା ଉପରୁ ସବୁଠାରୁ ଦୀର୍ଘ ସମୟ (୧୦୩ ମିନିଟ୍) ଭାଷଣ ଦେଇଛନ୍ତି। ଏହା ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ପାଇଁ ଲାଲ କିଲ୍ଲା ଉପରୁ ସବୁଠାରୁ ଦୀର୍ଘ ଭାଷଣ ବୋଲି କୁହାଯାଉଛି। ଏଥିସହ ମୋଦୀ ନିଜ ରେକର୍ଡକୁ ଭାଙ୍ଗିଛନ୍ତି। ୨୦୨୫ରେ ସେ ୮୮ ମିନିଟ୍‌ର ଭାଷଣ ଦେଇ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ରେକର୍ଡ ଅତିକ୍ରମ କରିଥିଲେ। ୧୯୪୭ରେ ନେହରୁ ୭୨ ମିନିଟ ଭାଷଣ ଦେଇଥିଲେ।

ଅପରେସନ ସିନ୍ଦୂରରୁ ମୋଦୀ ଭାଷଣ ଆରମ୍ଭ କରିଥିଲେ ଓ ଏ ନେଇ ୧୩ ମିନିଟ୍‌ରୁ ଅଧିକ କହିଥିଲେ। ସେ ଆତଙ୍କବାଦ, ସିନ୍ଧୁ ଚୁକ୍ତି, ଆତ୍ମନିର୍ଭରତା, ମେକ୍ ଇନ୍ ଇଣ୍ଡିଆ, ନକ୍ସଲବାଦ୍ ଓ ବେଆଇନ ଅନୁପ୍ରବେଶକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ। ସେ ପ୍ରଥମଥର ପାଇଁ ଦୁଇଟି ବଡ଼ ଘୋଷଣା କରିଥିଲେ। ଜିଏସ୍‌ଟି କମାଇବାକୁ ଓ ରୋଜଗାରକୁ ନେଇ ସେ ନୂଆ ଘୋଷଣା କରିଥିଲେ। ସେ କହିଥିଲେ ଯେ ଏଥର ଦୀପାବଳିରୁ ସରକାର ଜିଏସ୍‌ଟି ସଂସ୍କାର ଆଣିବେ। ଏହାଦ୍ୱାରା ଦେଶରେ ସାଧାରଣ ଲୋକଙ୍କ ଉପରେ ଟିକସ ଭାର କମିବ। ସେହିପରି ସେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଲାଗୁ କରିବାକୁ ଘୋଷଣା କରିଥିଲେ। ଏହା ଦ୍ୱାରା ୩.୫ କୋଟି ଯୁବକଙ୍କୁ ରୋଜଗାର ମିଳିବ। ବେସରକାରୀ କ୍ଷେତ୍ରରେ ପ୍ରଥମେ ଚାକିରି କରୁଥିବା ଲୋକଙ୍କୁ କେନ୍ଦ୍ର ସରକାର ୧୫ ହଜାର ଟଙ୍କା ପ୍ରଦାନ କରିବେ। ଏହି ଯୋଜନା ଅନୁସାରେ ଯେଉଁ କମ୍ପାନୀ ଅଧିକ ରୋଜଗାର ଦେବ ସେହି କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଗତ ବଜେଟରେ କେନ୍ଦ୍ର ସରକାର ଏହାର ବ୍ୟବସ୍ଥା କରିଛନ୍ତି।

ସେହିପରି ସେ ଦେଶର କୃଷକ, ପଶୁପାଳକ, କୈବର୍ତ୍ତ ଆମର ସବୁଠାରୁ ବଡ଼ ପ୍ରାଥମିକତା ବୋଲି କହିଥିଲେ। ଏମାନଙ୍କୁ କ୍ଷତି ପହଞ୍ଚାଉଥିବା କୌଣସି ପ୍ରକାର ନୀତିକୁ ସେ ବିରୋଧ କରିବେ ଓ କାନ୍ଥ ଭଳି ଏମାନଙ୍କ ପାଇଁ ଛିଡା ହେବେ ବୋଲି କହିଥିଲେ। ଏମାନଙ୍କୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ବିଷୟରେ କହିଥିଲେ। ୧୦୦ ବର୍ଷ ତଳେ ସୃଷ୍ଟି ହୋଇଥିବା ସଂଗଠନ ରାଷ୍ଟ୍ର ନିର୍ମାଣ ପାଇଁ ସମର୍ପିତ। ଅପରେସନ ସିନ୍ଦୂର ଅବସରରେ ସେନାବାହିନୀକୁ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନତା ଦିଆଯାଇଥିଲା ବୋଲି ସେ କହିଥିଲେ। ସେ ଭାରତୀୟ ସେନାର ସାହସିକତାକୁ ପ୍ରଶଂସା କରିଥିଲେ। ଶତ୍ରୁକୁ ଆମ ସେନା ସେମାନଙ୍କ କଳ୍ପନାଠାରୁ ଅଧିକ ଦଣ୍ଡ ଦେଇଥିଲେ। ସେହିପରି ସିନ୍ଧୁ ଚୁକ୍ତିକୁ ନେଇ ମଧ୍ୟ ସେ ଦେଶର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ଓ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଥିଲେ। ରକ୍ତ ଓ ପାଣି ଏକାସାଥିରେ ବହିପାରିବ ନାହିଁ ବୋଲି କହିଥିଲେ।

ସେହିଭଳି ପ୍ରଧାନମନ୍ତ୍ରୀ ଦେଶରେ ବୃଦ୍ଧି ପାଉଥିବା ଅନୁପ୍ରବେଶ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ବାଂଲାଦେଶ ଆଡୁ ଅନୁପ୍ରବେଶ ବୃଦ୍ଧି ପାଉଥିବାରୁ ସୀମାରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଏହାର ମୁକାବିଲା ଲାଗି ତାଙ୍କ ସରକାର ଏକ ବଡ଼ ଯୋଜନା ପ୍ରସ୍ତୁତ କରିଥିବା ସେ ସୂଚନା ଦେଇଛନ୍ତି।

**ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ରାଜନୀତି ସରଗରମ**

# ଏନ୍‌ଡିଏ ପ୍ରାର୍ଥୀ ଘୋଷଣା ଆଜି

ନୂଆଦିଲ୍ଲୀ, ୧୬।୮: ଆସନ୍ତା ମାସ ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏର ପ୍ରାର୍ଥୀ କିଏ ହେବ, ତାହା ଉପରେ ସମସ୍ତଙ୍କର ନଜର ରହିଛି। ଆସନ୍ତାକାଲି ସନ୍ଧ୍ୟା ବେଳେ ବିଜେପିର ସଂସଦୀୟ ଦଳ ବୈଠକ ହେବାକୁ ଯାଉଛି। ଏହି ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି।

ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ନିଷ୍ପତ୍ତି ନେବାଲାଗି ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ ଦାୟିତ୍ୱ ଦେଇଛନ୍ତି। ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ଜାତୀୟ ରାଜନୀତିରେ ଯେଉଁମାନଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି ସେମାନଙ୍କ ମଧ୍ୟରେ ଅଛନ୍ତି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ଜମ୍ମୁ-କଶ୍ମୀର ଉପ-ରାଜ୍ୟପାଳ ମନୋଜ ସିହ୍ନା, କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ, ଦିଲ୍ଲୀ ଉପ-ରାଜ୍ୟପାଳ ଭିକେ ସାକସେନା, ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, ସିକିମ ରାଜ୍ୟପାଳ ଓମ୍ ମାଥୁର ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସିଂହ। ଏମାନଙ୍କ ବ୍ୟତୀତ ଆରଏସଏସ୍ ନେତା ସେଶାଦ୍ରୀ ଚାରି ଏବଂ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି।

### ସମ୍ଭାବ୍ୟ ତାଲିକାରେ ଅନେକ ରାଜ୍ୟପାଳ

ଏନ୍‌ଡିଏ ପ୍ରାର୍ଥୀ ଅଗଷ୍ଟ ୨୧ରେ ନାମାଙ୍କନ ଦାଖଲ କରିବେ। ଏହି ଅବସରରେ ଏନଡିଏ ଶାସିତ ରାଜ୍ୟର ସବୁ ମୁଖ୍ୟମନ୍ତ୍ରୀ ଓ ଉପ- ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ଅପରପକ୍ଷରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ନିଜ ପାର୍ଥୀ ଚୂଡ଼ାନ୍ତ କରିବାକୁ ଅଗଷ୍ଟ ୧୮ରେ ବୈଠକରେ ଏକାଠି ହେବେ। ଏ ସଂକ୍ରାନ୍ତରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଇଣ୍ଡିଆ ବ୍ଲକର ସବୁ ନେତାଙ୍କ ସହ କଥା ହୋଇଛନ୍ତି।

ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତ ନିର୍ବାଚନ ଲାଗି ମତଦାନ ହେବ ଓ ଏହି ଦିନ ହିଁ ମତଗଣନା ହେବ। ନାମାଙ୍କନ ଦାଖଲ ପାଇଁ ଅଗଷ୍ଟ ୨୧ ହେଉଛି ଅନ୍ତିମ ତାରିଖ। ଅଗଷ୍ଟ ୨୫ରେ ନାମାଙ୍କନ ପ୍ରତ୍ୟାହାର ହୋଇପାରିବ। ଉଲ୍ଲେଖଥାଉ କି ଜଗଦୀପ ଧନଖଡ ଜୁଲାଇ ୨୧ ରାତିରେ ଅଚାନକ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ୭୪ ବର୍ଷୀୟ ଧନଖଡଙ୍କ କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ରେ ପୂରଣ ହେବାର ଥିଲା।

## ଏନ୍‌ସିଇଆରଟିରେ ନୂଆ ମଡ୍ୟୁଲକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ନ୍ୟାସନାଲ କାଉନସିଲ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ଏହାର ପାଠ୍ୟକ୍ରମରେ କେତୋଟି ପରିବର୍ତ୍ତନ କରିଛି। ଷଷ୍ଠରୁ ୮ମ ଓ ୯ମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଦୁଇଟି ମଡ୍ୟୁଲ୍ ଜାରି କରିଛି। ନିୟମିତ ବହିଠାରୁ ଏହି ମଡ୍ୟୁଲ ଭିନ୍ନ। ଏହା ଦେଶ ବିଭାଜନର ବିଭିଷୀକା ଉପରେ ଆଧାରିତ। ଏଥିରେ ପାକିସ୍ତାନର ସ୍ରଷ୍ଟା ମହମ୍ମଦ ଅଲି ଜିନ୍ନା, କଂଗ୍ରେସ ପାର୍ଟି ଓ ଲର୍ଡ ମାଉଣ୍ଟବେଟେନଙ୍କୁ ଦେଶ ବିଭାଜନ ପାଇଁ ଦାୟୀ କରାଯାଇଛି। ଜିନ୍ନା ବିଭାଜନ ପାଇଁ ଦାବି କରିଥିଲେ, କଂଗ୍ରେସ ଏହାକୁ ସ୍ୱୀକାର କରିଥିଲା ଓ ମାଉଣ୍ଟବେଟେନ ଏହାକୁ ଲାଗୁ କରିବା ସହ କାର୍ଯ୍ୟକାରୀ କରିଥିଲେ ବୋଲି ଏଥିରେ ଦର୍ଶାଯାଇଛି। କଂଗ୍ରେସ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ ଯେ, 'ଆମେ ଏଭଳି ଏକ ସ୍ଥିତିରେ ପହଞ୍ଚିଛୁ ଯେଉଁଠାରେ ଆମକୁ ଦେଶ ବିଭାଜନକୁ ସ୍ୱୀକାର କରବାକୁ ହେବ କିମ୍ବା ନିରନ୍ତର ସଂଘର୍ଷ ଓ ଅରାଜକତାକୁ ସମ୍ନା କରିବାକୁ ହେବ'। ନୂଆ ମଡ୍ୟୁଲରେ କଶ୍ମୀରରେ ଆତଙ୍କବାଦର ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ ବିଭାଜନ ହୋଇନଥିଲେ କାଶ୍ମୀର ଆଜି ଆତଙ୍କବାଦର କେନ୍ଦ୍ର ହୋଇନଥାଆନ୍ତା। ଉଲ୍ଲେଖଥାଉ କି ନିୟମିତ ପାଠ୍ୟକ୍ରମରେ ମଡ୍ୟୁଲ ସାମିଲ ହୋଇ ନ ଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ଗତମାସରେ ଏନ୍‌ସିଇଆରଟିର ନୂଆ ପାଠ୍ୟକ୍ରମରେ ମୋଗଲ ଶାସନ କାର୍ଯ୍ୟକାଳର ନୂଆ ସମୀକ୍ଷାକୁ ସାମିଲ କରାଯାଇଥିଲା। ଏହି ମଡ୍ୟୁଲକୁ ନେଇ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସ ଏହାର ପ୍ରତିବାଦ ଜଣାଇଛି। କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି ଯେ ଏହି ମଡ୍ୟୁଲରେ ସତ କଥାକୁ ଲୁଚାଇ ରଖାଯାଇଛି।

**ବି-୨ ବମ୍ବରରେ ପୁତିନଙ୍କୁ ସ୍ୱାଗତ.....**




ଆଲାସ୍କାରେ ବି୨ ବମ୍ବରରେ ରୁଷିଆ ରାଷ୍ଟ୍ରପତି ପୁତିନଙ୍କୁ ସ୍ୱାଗତ କରିଥିଲେ ରାଷ୍ଟ୍ରପତି ଟ୍ରମ୍ପ। ସେ ରେଡ କାର୍ପେଟ୍ ଉପରେ ଆସିବା ପରେ ଟ୍ରମ୍ପ ତାଳି ବଜାଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଆକାଶରେ ଉଡ଼ିଥିଲା ଆମେରିକାର ବି-୨ ବୋମାବର୍ଷୀ ବିମାନ। ଏହାପରେ ପୁତିନ ଓ ଟ୍ରମ୍ପ ଗୋଟିଏ କାରରେ ବସି ବୈଠକ ପାଇଁ ଯାଇଥିଲେ।

## ଡିଭାଇଡର ଭାଙ୍ଗି ଟ୍ରକ୍‌କୁ ପିଟିଲା ଟ୍ରାଭେଲର; ୪ ମୃତ

ଶିବପୁରୀ, ୧୬।୮: ମଧ୍ୟପ୍ରଦେଶର ଶିବପୁରୀରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୪ ଜଣ ମୃତ୍ୟୁବରଣ କରିଛନ୍ତି। ଏକ ଟ୍ରାଭେଲର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ଗାୟକ ରହିଛନ୍ତି। ୨୦ ଜଣ ସଙ୍ଗୀତ ପାର୍ଟି କାଶୀ ବିଶ୍ୱନାଥରେ ଆୟୋଜିତ ଏକ ଶିବକଥା କାର୍ଯ୍ୟକ୍ରମରେ ଯୋଗ ଦେଇ ଶୁକ୍ରବାର ସନ୍ଧ୍ୟାରେ ପ୍ରତ୍ୟାବର୍ତ୍ତନ କରୁଥିଲେ। ଏହି ଟିମ୍‌ର ସବୁ ସଦସ୍ୟ ଗୁଜରାଟ୍‌ର ମେହଶାଣା ଓ ସୁରେନ୍ଦ୍ରନଗରରେ ରହୁଥିଲେ।

## ରାଷ୍ଟ୍ରପତିଙ୍କ ପାଇଁ ସମୟ ଧାର୍ଯ୍ୟ କରାଯାଇପାରିବ ନାହିଁ: କେନ୍ଦ୍ର

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ସଂସଦ ବା ବିଧାନସଭା ଦ୍ୱାରା ପାସ୍ ହେଉଥିବା ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ। ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି କରିବ। ତାମିଲନାଡୁ ମାମଲାରେ ରାୟ ଶୁଣାଇ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସମୟସୀମାକୁ ବିରୋଧ କରି କେନ୍ଦ୍ର ସରକାର ଏଭଳି ସତର୍କବାଣୀ ଶୁଣାଇଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ ଗଣତନ୍ତ୍ରର ତିନିଟି ସ୍ତମ୍ଭ ମଧ୍ୟରେ କ୍ଷମତାର ସନ୍ତୁଳନ ପାଇଁ ସମ୍ବିଧାନରେ ବ୍ୟବସ୍ଥା ରହିଛି। ସମ୍ବିଧାନରେ ସେମାନଙ୍କ ଲାଗି ସମୟସୀମା ଧାର୍ଯ୍ୟ କରାଯାଇ ନଥିବା ବେଳେ ସୁପ୍ରିମକୋର୍ଟ ସମ୍ବିଧାନର ପୁନର୍ଲିଖନ କରିପାରିବେ ନାହିଁ। ଏହା ସମ୍ବିଧାନର ଧାରା ୧୪୨କୁ ଉଲ୍ଲଂଘନ କରୁଛି। ସେ କହିଛନ୍ତି ଯେ ଯାହା ବିବାଦ ଦେଖାଯାଉଛି, ତାହାର ସମାଧାନ ସମ୍ବିଧାନର ସୀମାରେ ରହି ରାଜନୈତିକ ଉପାୟରେ କରାଯିବା ଉଚିତ। ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦେବା ଠିକ୍ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି।

# ସନ୍ତାନ ଜନ୍ମ କରିବ ରୋବୋଟ

ବେଜିଂ, ୧୬।୮ (ଏଜେନ୍ସି): ବିଶ୍ୱରେ ଦ୍ରୁତ ଗତିରେ ରୋବୋଟ ଟେକ୍ନୋଲୋଜିର ବିକାଶ ହେବାରେ ଲାଗିଛି। ଏବେ ଏହି ରୋବୋଟ ମନୁଷ୍ୟ ଭଳି ସନ୍ତାନ ଜନ୍ମ କରିବାକୁ ଯାଉଛି। ଏହା ୧୦ ମାସରେ ସନ୍ତାନ ପ୍ରସବ କରିବ। ଚୀନ୍‌ର କାଇଭା ଟେକ୍ନୋଲୋଜି ଏହି ରୋବୋଟ ନିର୍ମାଣ କରୁଛି। ଏହାର ନାମ 'ପ୍ରେଗ୍ନାନ୍ସି ରୋବୋଟ' ରହିଛି। କମ୍ପାନୀର ସିଇଓ ଝାଙ୍ଗ କିଫେଙ୍ଗ କହିଛନ୍ତି ଯେ ରୋବୋଟ ପେଟରେ ଏକ ଆର୍ଟିଫିସିଆଲ ଗର୍ଭ ରହିବ। ଏଥିରୁ ଭ୍ରୁଣକୁ ପୋଷଣ ମିଳିବ। ଆସନ୍ତା ବର୍ଷ ଏହି ରୋବୋଟକୁ ଲଞ୍ଚ୍ କରାଯିବ। ଏହାର ମୂଲ୍ୟ ଲକ୍ଷେ ୟୁଆନ ଅର୍ଥାତ୍ ୧୧.୬ ଲକ୍ଷ ଟଙ୍କା ରହିବ। ତେବେ ଏହି ରୋବୋଟକୁ ନେଇ କମ୍ପାନୀକୁ ଅନେକ ସମାଲୋଚନା କରୁଛନ୍ତି। ଏହା ଦ୍ୱାରା ଶିଶୁ ଏବଂ ମା' ମଧ୍ୟରେ ଥିବା ନୈସର୍ଗିକ ସମ୍ପର୍କ ଶେଷ ହୋଇଯିବ। ତେବେ ଆଉ କିଛି ବିଶେଷଜ୍ଞ କହିଛନ୍ତି ଯେ ମନୁଷ୍ୟ ଭଳି ସନ୍ତାନ ଜନ୍ମ କରିବା ଏବେ ରୋବୋଟଙ୍କ ପକ୍ଷେ ସମ୍ଭବ ନୁହେଁ।

# ତେଜିଲା ଏସ୍‌ଆଇଆର ବିବାଦ, ବିହାରରେ ରାହୁଲଙ୍କ 'ଭୋଟ ଅଧିକାର ଯାତ୍ରା'

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ରବିବାରଠାରୁ 'ବିହାରରେ ଭୋଟ ଅଧିକାର ଯାତ୍ରା' ଆରମ୍ଭ କରିବାକୁ ଯାଉଛନ୍ତି। ସାସାରାମରୁ ଆରମ୍ଭ ହେବାକୁ ଥିବା ଏହି ଯାତ୍ରା ପାଇଁ ରାହୁଲ ୧୬ ଦିନ ପର୍ଯ୍ୟନ୍ତ ବିହାରରେ ରହିବେ। ୧୩୦୦କିମିର ଏହି ଯାତ୍ରାରେ ୨୪ ଜିଲ୍ଲାକୁ ଗସ୍ତ କରିବେ। ଏହି ସବୁ ଜିଲ୍ଲାରେ ୧୧୮ ବିଧାନସଭା କ୍ଷେତ୍ର ରହିଛି। ଏହି ଯାତ୍ରାରେ ଇଣ୍ଡିଆ ମେଣ୍ଟର ସବୁ ଦଳର ବରିଷ୍ଠ ନେତା ଏବଂ କର୍ମୀ ସାମିଲ ହେବେ। ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ଯାତ୍ରାରେ ଯୋଗଦେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି କଂଗ୍ରେସ ସାଂସଦ ଅଖିଳେଶ ସିଂହ କହିଛନ୍ତି। ଦେଶରେ ଭୋଟ ମଜବୁତ କରିବା ପାଇଁ ରାହୁଲ ଏହି ଯାତ୍ରା କରୁଛନ୍ତି ବୋଲି କଂଗ୍ରେସ ପ୍ରଭାରୀ କୃଷ୍ଣା ଅଲାବାରୁ କହିଛନ୍ତି। ତେବେ ପ୍ରଶାସନ ଏହି ଯାତ୍ରା ପାଇଁ ଅନୁମତି ଦେଉନାହିଁ ବୋଲି ଆରଜେଡି ସାଂସଦ ସୁଧାକର ସିଂହ ଅଭିଯୋଗ ଲଗାଇଛନ୍ତି। ପ୍ରଶାସନ ସରକାରଙ୍କ ଚାପରେ କାମ କରୁଛି। ରାହୁଲଙ୍କ ସଭା ଏବଂ ହେଲିକପ୍ଟରକୁ ଅବତରଣ ପାଇଁ ଅନୁମତି ଦିଆଯାଉନାହିଁ ବୋଲି ସେ ଅଭିଯୋଗ ଲଗାଇଛନ୍ତି। କିନ୍ତୁ ସାସାରାମ ଜିଲ୍ଲାପାଳ ଏହାକୁ ଖାରଜ କରିଦେଇଛନ୍ତି।



ଇତିମଧ୍ୟରେ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଭୋଟର ତାଲିକା ସଂଶୋଧନକୁ ନେଇ ରାଜନୈତିକ ଦଳ ଓ ନେତାମାନେ ଯେଉଁସବୁ ଅଭିଯୋଗ ଉଠାଉଛନ୍ତି ତାହା ଭିତ୍ତିହୀନ। ସମସ୍ତ ନିର୍ବାଚନ ପୂର୍ବରୁ ଭୋଟର ସଂଶୋଧନ ତାଲିକା ରାଜନୈତିକ ଦଳମାନଙ୍କୁ ଦିଆଯାଇଥାଏ। କୌଣସି ଆପତ୍ତି କି ଦାବି ଥିଲେ ସେମାନେ ସଂପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀମାନଙ୍କ ସହିତ ଆଲୋଚନା କରିପାରିବେ। ଏହା ନକରି ଅନ୍ୟ ସ୍ତରରେ ଏଭଳି ଅଭିଯୋଗ କରିବା ଠିକ୍ ନୁହେଁ। ଇତିମଧ୍ୟରେ ବିହାର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ଏବଂ କର୍ଣ୍ଣାଟକରେ ଭୋଟ୍ ଚୋରିକୁ ନେଇ ରାହୁଲ ଗାନ୍ଧୀ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଉପରେ ସ୍ପଷ୍ଟୀକରଣ ଦେବାଲାଗି ଆସନ୍ତାକାଲି ନିର୍ବାଚନ କମିସନ ପକ୍ଷରୁ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରାଯିବ। ଏଥିରେ ସମସ୍ତ ଅଭିଯୋଗର ଉତ୍ତର ଦେବାକୁ ଚେଷ୍ଟା କରିବେ କମିସନ।

### ନିର୍ବାଚନ କମିସନଙ୍କ ସାମ୍ବାଦିକ ସମ୍ମିଳନୀ ଆଜି

# ଆଗାମୀ ଦଶକ ଓଡ଼ିଶାର: ମୁଖ୍ୟମନ୍ତ୍ରୀ



- ୨୨,୮୯୬ ଖାଲି ପଦ ପୂରଣ ଅନୁମତି ଖୁବ୍‌ଶୀଘ୍ର
- ରାଜ୍ୟରେ ପ୍ରତିଷ୍ଠା ହେବ ଆଉ ୪ ମେଡିକାଲ କଲେଜ
- ବ୍ରହ୍ମପୁର ମେଡିକାଲ କଲେଜକୁ ଏମ୍ସ ପ୍ଲସ୍ କରାଯିବ
- ଇଞ୍ଚୁଡି, ବାହୁଦା, ସୁବର୍ଣ୍ଣରେଖା, ଅସ୍ତରଙ୍ଗରେ ବନ୍ଦର
- ୧୧ଟି ଜିଲ୍ଲାକୁ ଅତିରିକ୍ତ ୫ କେଜି ମାଗଣା ଚାଉଳ

ଭୁବନେଶ୍ୱର,୧୬।୮(ସମିସ): ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ନିକଟରେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପ୍ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ମହିଳା, ଅନ୍ନଦାତା, ଗରିବ ଏବଂ ଯୁବ ବର୍ଗ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାର ରୂପାୟନ କରିବା ପାଇଁ ରାଜ୍ୟ ସରକାର ୪ଟି କ୍ଷେତ୍ର ଯଥା ଜୀବନଜୀବିକା, ଭିତ୍ତିଭୂମି, ସାମାଜିକ ବିକାଶ ଓ ସଶକ୍ତୀକରଣ ଏବଂ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଆଗାମୀ ଦଶ ବର୍ଷ ଓଡ଼ିଶାର ଦଶକ ହେବାକୁ ଯାଉଛି। ୨୦୩୬ ରେ ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠାର ଶତ ବାର୍ଷିକୀ ପାଳନ ବେଳକୁ ଆମ ରାଜ୍ୟ ସମୃଦ୍ଧ ଓଡ଼ିଶାରେ ପରିଣତ ହେବା ସହ ଦେଶର ପାଞ୍ଚଗୋଟି ସର୍ବଶ୍ରେଷ୍ଠ ରାଜ୍ୟ ଭିତରେ ସାମିଲ ହୋଇଥିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୃଦ୍ଧ ଓଡ଼ିଶା ଗଠନ ଓଡ଼ିଶାବାସୀଙ୍କ ଏକ ସାମୂହିକ ଓ ସମାବେଶୀ ଯାତ୍ରା। ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଆମେ ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଆମ ରାଜ୍ୟର ପ୍ରାୟ ୯୨ ପ୍ରତିଶତ ହେଉଛନ୍ତି, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ। ତେଣୁ, କୃଷି ସହିତ ମତ୍ସ୍ୟ, ପ୍ରାଣୀପାଳନ, ଗୋ-ପାଳନ ପ୍ରତି ଦିଗକୁ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଜୀବନଜୀବିକାର ଆଉ ଏକ ଦିଗ ହେଉଛି ଶିଳ୍ପାୟନ। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ କାର୍ଯ୍ୟକ୍ରମ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିଛି। ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଏବଂ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସହିତ, ଏହି କାର୍ଯ୍ୟପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଛି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ନୂଆ ସରକାର ଆସିବା ପରଠାରୁ ରାଜ୍ୟରେ ୨୮ ହଜାର ୩୯୨ଟି ପଦବୀ ପୂରଣ ହୋଇ ସାରିଛି। ଏହା ସହିତ ୩୪ ହଜାର ୫୦୦ଟି ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ବିଭିନ୍ନ ଆୟୋଗ ପକ୍ଷରୁ ଜାରି ରହିଛି। ଆହୁରି ମଧ୍ୟ ୨୨,୮୯୬ଟି ଖାଲି ପଦବୀ ପୂରଣ ପାଇଁ ମଧ୍ୟ ଖୁବ୍‌ଶୀଘ୍ର ଅନୁମତି ପ୍ରଦାନ କରାଯିବ। ୨ ବର୍ଷରେ ୮୫ ହଜାର ପଦ ପୂରଣ ହେବାକୁ ଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ଚିକିତ୍ସାଳୟର ଭିତ୍ତିଭୂମିଗୁଡ଼ିକର ଉନ୍ନତିକରଣ କରାଯାଇ ସେଥିରେ ସମସ୍ତ ଆଧୁନିକ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଓଡ଼ିଶାରେ ବର୍ତ୍ତମାନ ୧୨ଟି ସରକାରୀ ମେଡିକାଲ କଲେଜ ଥିବାବେଳେ ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରଠାରେ ସରକାରୀ ମେଡିକାଲ କଲେଜ ଖୋଲାଯିବ। ବ୍ରହ୍ମପୁର ମେଡିକାଲ କଲେଜର ଉନ୍ନତି କରାଯାଇ ତାକୁ ଏମ୍ସ ପ୍ଲସ କରାଯିବା ପ୍ରସ୍ତାବକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ରାଜ୍ୟର ତିନିଗୋଟି ବୃହତ୍ତମ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କ ସହିତ ଆସୁଥିବା ପରିଜନଙ୍କ ପାଇଁ ରାଜ୍ୟ ସରକାର ସୁଲଭ ମୂଲ୍ୟରେ ରହଣି ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏଥିପାଇଁ ପ୍ରାୟ ୨ ହଜାର ୨୫୦ ଶଯ୍ୟାର ସୁବିଧା କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮ଟି କେବିକେ ଜିଲ୍ଲା ସହିତ ବୌଦ୍ଧ, ଗଜପତି ଓ କନ୍ଧମାଳ- ସମୁଦାୟ ୧୧ଟି ଜିଲ୍ଲାର ପ୍ରାୟ ୨୭ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ପରିବାରଙ୍କୁ ତିନି ମାସ ପାଇଁ ମାସିକ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ, ମାଗଣାରେ ଯୋଗାଇ ଦେବା ପାଇଁ ନିର୍ଣ୍ଣୟ କରାଯାଇଛି। ଏଥିରେ ସମୁଦାୟ ୪୧,୦୮୨ ମେଟ୍ରିକ ଟନ୍ ଅତିରିକ୍ତ ଚାଉଳ ବଣ୍ଟନ କରାଯିବ। ଏ ବାବଦରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୮୦ କୋଟି ଟଙ୍କା ବହନ କରିବେ ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିମାନ ବନ୍ଦର ଭିତ୍ତିଭୂମିରେ ମଧ୍ୟ ଉନ୍ନତିକରଣ କରାଯାଇ ଦେଶବିଦେଶର ନୂଆ ନୂଆ ଗନ୍ତବ୍ୟ ସ୍ଥଳକୁ ବିମାନ ଚଳାଚଳର ସୁବିଧା କରାଯାଇଛି। ରାଜ୍ୟର ବନ୍ଦର ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ରାଜ୍ୟରେ ତିନୋଟି ପ୍ରମୁଖ ବନ୍ଦର ଥିବାବେଳେ ଆମେ ଇଞ୍ଚୁଡି, ବାହୁଦା, ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗଠାରେ ଆଉ ୪ଟି ନୂତନ ବନ୍ଦର ନିର୍ମାଣ କରିବାର ଲକ୍ଷ୍ୟ ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

■ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶିତ

## ପାସ୍ ହାର ୫୬.୨୩ ପ୍ରତିଶତ

କଟକ, ୧୬।୮ (ସମିସ): ଚଳିତବର୍ଷର ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଉଭୟ ହାଇସ୍କୁଲ ସାର୍ଟିଫିକେଟ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଫଳାଫଳ ବୋର୍ଡ ପକ୍ଷରୁ www.bseodisha.ac.in ୱେବସାଇଟ୍‌ରେ ଅପରାହ୍ଣ ୨ଟା ପରଠାରୁ ଉପଲବ୍ଧ ହୋଇଛି। ସପ୍ଲିମେଣ୍ଟାରୀ ପରୀକ୍ଷା ପାସ ହାର ଗତ ବର୍ଷ ତୁଳନାରେ ବୃଦ୍ଧି ପାଇଛି। ଗତବର୍ଷ ସପ୍ଲିମେଣ୍ଟାରୀ ପାସ ହାର ୫୨.୨୧ ପ୍ରତିଶତ ଥିବା ବେଳେ ଏଥର ଏହା ୫୬.୨୩ପ୍ରତିଶତ ହୋଇଛି। ଅନ୍ୟପଟରେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାସ ହାର ଗତ ବର୍ଷ ୫୫ ପ୍ରତିଶତ ଥିବା ବେଳେ ଏଥର ବୃଦ୍ଧି ପାଇ ୫୫.୨୬ ପ୍ରତିଶତ ହୋଇଥିବା ବୋର୍ଡ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଭାପତି ଶ୍ରୀକାନ୍ତ ତରାଇ।

ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ସମୁଦାୟ ୩୪୫୭ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୪୭୪ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଏହି ପରୀକ୍ଷାରେ ମୋଟ ୧୯୪୪ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଚଳିତବର୍ଷର ପାସ ହାର ୫୬.୨୩ପ୍ରତିଶତ ରହିଛି। ଏ-୨ରେ ୩ଜଣ, ବି-୧ରେ ୧୪ଜଣ, ବି-୨ରେ ୩୯ଜଣ, ସି'ରେ ୧୧୩ଜଣ, ଡିରେ ୨୭୬ଜଣ, ଇ ଗ୍ରେଡରେ ୫୨୩ଜଣ ଓ କମ୍ପାର୍ଟମେଣ୍ଟାଲରେ ୯୭୬ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ୧୦୩୮ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି।

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୫ହଜାର ୯୭୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୫୫.୨୬ ପ୍ରତିଶତ ରହିଛି। ଏ-୨ରେ ୧୩ଜଣ, ବି-୧ରେ ୨୩୨ଜଣ, ବି-୨ରେ ୭୨୩ଜଣ, ସି' ରେ ୧୭୩୮ଜଣ, ଡି' ଗ୍ରେଡ୍‌ରେ ୨୦୭୫ଜଣ ଓ ଇ-ଗ୍ରେଡରେ ୧୧୯୨ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେହିଭଳି ୪୧୪୦ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବେଳେ ୬୨୫ଜଣ ପରୀକ୍ଷା ଦେଇନଥିଲେ। ଏହି ପରୀକ୍ଷାରେ କପି କରି ୪୬ଜଣ ମାଲପ୍ରାକ୍ଟିସ ହୋଇଥିବା ଜଣାପଡ଼ିଛି। ଟାବୁଲେସନ୍ ରେଜିଷ୍ଟରଗୁଡ଼ିକ ବୋର୍ଡ ୱେବସାଇଟରୁ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଡାଉନଲୋଡ କରି ପିଲା ମାନଙ୍କୁ ପ୍ରଦାନ କରିପାରିବେ। ଗତ ଜୁଲାଇ ୧ରୁ ୧୦ତାରିଖ ପର୍ଯ୍ୟନ୍ତ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ଯୁବତୀଙ୍କୁ ଘରେ ରଖି ଯୌନ ନିର୍ଯାତନା

ସାର୍‌ଙ୍କ କଳାକାରନାମାକୁ ମ୍ୟାଡମ୍ ଚାପି ଦେଉଥିଲେ

ବାରିପଦା, ୧୬।୮(ସମିସ): ନିଜ ଝିଅ ଭଳି ପାଳି ପୋଷି ମଣିଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଜ ଘରେ ରଖି ପାଠ ପଢ଼ାଇବା ସହ ବଡ଼ ହେବା ପରେ ଉପଯୁକ୍ତ ପାତ୍ର ଦେଖି ବିବାହ କରାଇଦେବେ ବୋଲି ବି କହିଥିଲେ। ଏମିତି ସୁନେଲି ସ୍ୱପ୍ନ ଦେଖାଇ ଗରିବ ବାପା-ମା'ଙ୍କ ପାଖରୁ ନେଇ ଆସିବା ପରେ ସେମାନଙ୍କର ଅସଲ ରୂପ ଦେଖାଇଥିଲେ। ପାଠଶାଠ ପଢ଼ାଇବା ତ ଦୂରର କଥା, ଘରଯାକର ସବୁ କାମ ମୁଣ୍ଡ ଉପରେ ଲଦିଦେଲେ। ଚାକରାଣୀଙ୍କ ଭଳି ଦିନ ରାତି ଖଟାଇଲେ। ସେତିକିରେ ନିର୍ଯାତନା ସରିଲାନି ଯେ ତାକୁ ଯୌନ ନିର୍ଯାତନା ବି ଦେଲେ। ବାରିପଦା ରେଡିଓ ଷ୍ଟେସନ୍‌ରେ ଟେକ୍ନିସିଆନ ଭାବେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ନାଁରେ ଆଜି ଭଞ୍ଜପୁର ଥାନାରେ ଏଭଳି ଏକ ସଂଗିନ୍ ଅଭିଯୋଗ ହୋଇଛି। ୩ବର୍ଷ ଧରି ଅକଥନୀୟ ନିର୍ଯାତନା ସହିବା ପରେ ଶେଷରେ ଯୁବତୀଜଣଙ୍କ ମୁହଁ ଖୋଲିବା ପରେ ଏହି ଘଟଣା ପଦାକୁ ଆସିଛି। ଏପରିକି, ବାବୁଙ୍କ କଳାକାରନାମା ଘୋଡ଼ାଇବା ପାଇଁ ତାଙ୍କ ସ୍ତ୍ରୀ ଉଦ୍ୟମ ଚଳାଇଥିଲେ। ସେ ଯୁବତୀଙ୍କୁ ଗୃହବନ୍ଦୀ ଭଳି କରି ରଖିଥିଲେ। ବାହାରକୁ ଛାଡୁନଥିଲେ ବୋଲି ଯୁବତୀଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ୩ ବର୍ଷ ତଳେ ମୋରଡ଼ା ଅଞ୍ଚଳର ଜଣେ ଗରିବ ନାବାଳିକାଙ୍କୁ ଉକ୍ତ ସରକାରୀ ବାବୁ ଓ ତାଙ୍କ ପତ୍ନୀ ଘରକୁ ନେଇ ଆସିଥିଲେ। ଏଥିପାଇଁ ତାଙ୍କ ବାପା-ମା'ଙ୍କୁ ନାନାଦି ମିଛ ପ୍ରତିଶ୍ରୁତି ଦେଇଥିଲେ। ଘରେ ରଖି ତା' ଦ୍ୱାରା ସବୁ କାମ କରାଇବା ସହ ଯୌନ ଶୋଷଣ ମଧ୍ୟ କରୁଥିଲେ। ଏବେ ନାବାଳିକାଙ୍କୁ ୧୮ ବର୍ଷ ପୂରି ସାବାଳିକା ହେଲେଣି। ତେବେ ନିର୍ଯାତନା ସହି ନପାରି ଯୁବତୀଜଣଙ୍କ ସେଠାରୁ ପଳାଇ ଆସି ନିଜ ଘରେ ସବୁ କଥା ପ୍ରକାଶ କରିଥିଲେ। ପରେ ପରିବାରଲୋକେ ଯୁବତୀଙ୍କୁ ନେଇ ମୋରଡ଼ା ଥାନାରେ ପ୍ରଥମେ ଏତଲା ଦେଇଛନ୍ତି। କିନ୍ତୁ ଏହି ଆପରାଧିକ ଘଟଣା ଭଞ୍ଜପୁର ଥାନାଞ୍ଚଳରେ ହୋଇଥିବାରୁ ପୁଲିସ୍ ସେମାନଙ୍କୁ ଭଞ୍ଜପୁର ଥାନାକୁ ପଠାଇ ଦେଇଥିଲା। ଯୁବତୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଭଞ୍ଜପୁର ଥାନା ଘଟଣାର ତଦନ୍ତ ଜାରି ରଖିଛି।

## ଦୁଇ ପୁଲିସ ଇନ୍ସପେକ୍ଟର ନିଲମ୍ବିତ

ଭୁବନେଶ୍ୱର,୧୬।୮(ସମିସ): କାର୍ଯ୍ୟରେ ଅବହେଳା ଅଭିଯୋଗରେ ୨ଜଣ ଇନ୍ସପେକ୍ଟରଙ୍କୁ ପୁଲିସ ଡିଜି ନିଲମ୍ବିତ କରିଛନ୍ତି। ଗତକାଲି ପୁରୀଜିଲ୍ଲା ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଆଜି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତିଙ୍କୁ ନିଲମ୍ବିତ କରାଯାଇଛି। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନାରେ ଥିଲାବେଳେ ଗଞ୍ଜେଇ ଚୋରା ଚାଲାଣରେ ଅଭିଯୁକ୍ତମାନଙ୍କ ସହିତ ସମ୍ପୃକ୍ତ ଥିବାର ବିଭାଗ ପାଖରେ ଅଭିଯୋଗ ପହଞ୍ଚିଥିଲା। ୨୦୨୩ ଅଗଷ୍ଟ ୨୧ରେ ଅସ୍ତରଙ୍ଗ ଥାନାରେ ଯୋଗ ଦେଇଥିବା ରାଜେଶ ବଳିୟାରସିଂ ୫ଦିନ ଛୁଟିନେଇ ନିଜ ପରିବାର ସହ ଭୁବନେଶ୍ୱରରେ ରହୁଥିଲାବେଳେ ତାଙ୍କୁ ଜୟପୁର ପୁଲିସ୍ ଡାକି ପଚରାଉଚରା କରିଥିଲା। ଜୟପୁର ଟାଉନ୍ ଥାନା ଏକ ମାମଲାରେ ପଚରାଉଚରା ବେଳେ ସେ ଫେରାର୍ ହୋଇଯିବା ଖବର ମିଳିଥିଲା। ପରେ ତାଙ୍କ ଉପରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଲମ୍ବିତ କରାଯାଇଛି। ସେହିପରି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତି ଥାନାକୁ ଯାଉଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଉ ନ ଥିବା ଏବଂ ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜର ଫାଇଦା ଉଠାଉଥିବା ଡିଜିପିଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା।

## ସାତକୋଶିଆରେ ଆଉ ଏକ ହାତୀର ଶବ ଠାବ

ଅନୁଗୋଳ,୧୬।୮(ସମିସ): ସାତକୋଶିଆ ଅଭୟାରଣ୍ୟର ବାଘମୁଣ୍ଡା ସେକ୍ସନ ଅଞ୍ଚଳରେ ଆଉ ଏକ ହାତୀର ଗଳିତ ଶବ ଠାବ ହୋଇଛି। କିଛି ଦିନ ପୂର୍ବରୁ ୪୦/୫୦ବର୍ଷ ବୟସ୍କ ଏହି ହାତୀର ମୃତ୍ୟୁ ହୋଇଥିଲେ ମଧ୍ୟ ବନ ବିଭାଗ ଡେରିରେ ଏହି ଖବର ପାଇଥିଲା। ଘଟଣାସ୍ଥଳକୁ ସାତକୋଶିଆ ବନଖଣ୍ଡର ନବନିଯୁକ୍ତ ଅଧିକାରୀ ଗଦାଧର ପାତ୍ର ଯାଇଥିବା ତଦନ୍ତ କରିଛନ୍ତି।

ଚିନ୍ତାର ବିଷୟ ହେଲା, ସାତକୋଶିଆ ଅଭୟାରଣ୍ୟ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗତ କିଛି ବର୍ଷ ମଧ୍ୟରେ ହାତୀ ମୃତ୍ୟୁ ଘଟଣା ଆଶାତୀତ ଭାବେ ବଢ଼ି ଚାଲିଛି। ଏପରି ଜାରି ରହିଲେ ସାତକୋଶିଆ ଖୁବଶୀଘ୍ର ହାତୀଶୂନ୍ୟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ବନ ବିଭାଗ ଏଠି ସମ୍ପୂର୍ଣ୍ଣ ରୂପେ ବିଫଳ ବୋଲି ବିଭିନ୍ନ ସ୍ତରରେ ଚର୍ଚ୍ଚା ହେଉଛି। ସାତକୋଶିଆ ବନବିଭାଗ ନିଜ କାର୍ଯ୍ୟଶୈଳୀର ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଏଠାରୁ ପୂର୍ବତନ ବିବାଦୀୟ ବନଖଣ୍ଡ ଅଧିକାରୀ ବଦଳି ହୋଇ ଗଲା ପରେ, ନୂତନ ଭାବେ ଡିଏଫ୍‌ଓ ଭାବେ ଗଦାଧର ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସାତକୋଶିଆ ଅଭୟାରଣ୍ୟ ବନବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବହୁମାତ୍ରାରେ ଅତ୍ୟାଧୁନିକ ଗାଡ଼ି ସବୁ ରହିଛି। ସୁରକ୍ଷା ପାଇଁ ଅବସରପ୍ରାପ୍ତ ସୈନିକ ମଧ୍ୟ ନିଯୁକ୍ତ ହୋଇଛନ୍ତି। ବିଭାଗରେ ଅନ୍ୟ କର୍ମଚାରୀ ମଧ୍ୟ ଅଛନ୍ତି। ତେବେ ଏତେ ସବୁ ସତ୍ତ୍ୱେ କାହିଁକି ବନବିଭାଗ ବନ୍ୟପ୍ରାଣୀଙ୍କ ଜୀବନରକ୍ଷାରେ ବିଫଳ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି।

୧୨ ଥର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ମଧ୍ୟ ଫଳ ଶୂନ

## ସରକାର ଶିକ୍ଷକଙ୍କୁ ପ୍ରତାରଣା କରନ୍ତୁ ନାହିଁ: ଭକ୍ତ



ଭୁବନେଶ୍ୱର,୧୬।୮(ସମିସ): ବିଜେପି ସରକାର ଗଠନ କରିବା ୧୪ ମାସ ମଧ୍ୟରେ ନାରୀ ନିର୍ଯାତନା, ଅପରାଧ, ଲୋକଙ୍କ ଦୁର୍ଦ୍ଦଶା, ମିଥ୍ୟା ପ୍ରତିଶ୍ରୁତି ଆଦି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ବର୍ତ୍ତମାନ ମୋହନ ସରକାରଙ୍କ ଦ୍ୱାରା ପ୍ରତାରିତ ଶିକ୍ଷକ ରାଜରାସ୍ତାରେ ଅଛନ୍ତି। ଆଜି ଦୁଇଗୋଟି ଭିନ୍ନ ଅନୁଷ୍ଠାନ ତାଙ୍କ ଦାବି ନେଇ ସଚିବାଳୟ ସମ୍ମୁଖ ମହାତ୍ମା ଗାନ୍ଧୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତାରିତ ଶିକ୍ଷକ ଓ ଅଧ୍ୟାପକଙ୍କ ଦାବିମାନ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ସରକାର କର୍ପୋରେଟ ହାଉସ ଦ୍ୱାରା ପରିଚାଳିତ ସ୍କୁଲ ଓ ଶିକ୍ଷାନୁଷ୍ଠାନମାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ନିଜ ଶିକ୍ଷାନୁଷ୍ଠାନ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଶିକ୍ଷକଙ୍କୁ ପେନସନ, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକର ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା ସହ ୨୦୦୪ ରୁ ୨୦୨୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଏକମାତ୍ର ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୋହନ ସରକାର ଆସିବା ଦିନଠୁ ଏମାନେ ୧୨ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବି ଜଣାଇଥିଲେ ସୁଦ୍ଧା ସରକାର କିଛି ପଦକ୍ଷେପ ନେଇ ନାହାନ୍ତି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘର ସମସ୍ତ ଶିକ୍ଷକ ଏବଂ କର୍ମଚାରୀଙ୍କ ପ୍ରତି ସରକାରଙ୍କ ପ୍ରତାଡ଼ନାକୁ ନିନ୍ଦା କରିବା ସହ ଅତିଶୀଘ୍ର ସେମାନଙ୍କ ଦାବି ଗ୍ରହଣ କରି ସରକାର ନ୍ୟାୟ ପ୍ରଦାନ କରନ୍ତୁ ଶ୍ରୀ ଦାସ ଦାବି କରିଛନ୍ତି।

## ଓଟିଇଟି ପରୀକ୍ଷା ନେଇ ସ୍ପଷ୍ଟ କଲେନି କର୍ତ୍ତୃପକ୍ଷ

କଟକ, ୧୬।୮(ସମିସ): ଆସନ୍ତା ଅଗଷ୍ଟ ୩୧ତାରିଖରେ ହେବାକୁ ଥିବା ଓଟିଇଟି ପରୀକ୍ଷା ହେବ କି ନାହିଁ, ସେନେଇ ସ୍ପଷ୍ଟ ଉତ୍ତର ରଖିନାହାନ୍ତି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ନୂତନ ପରୀକ୍ଷା ପରିଚାଳନା କମିଟି ଏହି ସମୟ ମଧ୍ୟରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରି ପରୀକ୍ଷା କରିପାରିବ କି ନାହିଁ ତାହା ତର୍ଜମା କରୁଛି। ସମ୍ଭବତଃ ବିଭିନ୍ନ କାରଣରୁ ଏହି ପରୀକ୍ଷା ନିର୍ଦ୍ଧାରିତ ତାରିଖରେ ନହୋଇପାରେ ବୋଲି ଶ୍ରୀ ତରାଇ କହିଛନ୍ତି। ଯଦି ଏହି ପରୀକ୍ଷା ଘୁଞ୍ଚିଯାଏ, ତାହେଲେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପୂର୍ବକ ସୂଚନା ଦିଆଯିବ ବୋଲି ସେ କହିଛନ୍ତି। ପ୍ରକାଶଥାଉକି ଗତ ଜୁଲାଇ ୨୦ରେ ହେବାକୁ ଥିବା ଓଟିଇଟି ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ ପାଇଁ ୧୯ତାରିଖ ମଧ୍ୟ ରାତ୍ରୀରେ ସ୍ଥଗିତ ରଖାଯାଇଥିଲା। ଗୋଟିଏପଟରେ ପ୍ରଶ୍ନପତ୍ର ଲିକ ଘଟଣାର ତଦନ୍ତ ଚାଲୁରହିଥିବା ବେଳେ ପୁନଃ ଅଗଷ୍ଟ ୩୧ତାରିଖରେ ପରୀକ୍ଷା ପାଇଁ ସାନି ତାରିଖ ଧାର୍ଯ୍ୟ ହୋଇଥିଲା। ଏବେ ଏହି ତାରିଖରେ ପରୀକ୍ଷା ହେବା ନେଇ ଅନିଶ୍ଚିତତା ଲାଗି ରହିଛି।

କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରେ ବଢୁଛି ଦୁର୍ଘଟଣା

## ନିଯୁକ୍ତ ହେବେ ୫୦୦ ଟ୍ରାଫିକ ୱାର୍ଡେନ

କଟକ,୧୬।୮(ସମିସ): ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲ୍ଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି। ବିଶେଷକରି ଦୁଇଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ଟି ଜିଲ୍ଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ସଡ଼କ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କଡ଼ା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଜିଲ୍ଲା ଏସ୍‌ପିମାନେ ଉପରୋକ୍ତ ୱାର୍ଡେନମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ। ସେମାନଙ୍କୁ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ଡିଜିପି ସୂଚନା ଦେଇଥିଲେ। ଏହାସହ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ମଧ୍ୟ ସେ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ଏବଂ ରେଳବାଇ ସୁରକ୍ଷା) ଅରୁଣ ବୋଥ୍ରା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ସମେତ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଭାସୀ ମାଧ୍ୟମରେ ଆଇଜି (କେନ୍ଦ୍ରାଞ୍ଚଳ) ଏସ୍. ପ୍ରବୀଣ କୁମାର, ଆଇଜି (ଦକ୍ଷିଣାଞ୍ଚଳ) ନୀତି ଶେଖର, ଡିଆଇଜି (ପୂର୍ବାଞ୍ଚଳ) ଡା. ସତ୍ୟଜିତ ନାୟକ, ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ କୁମାର ରାୟ ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଉପସ୍ଥିତ ଥିଲେ।

■ ରାଜ୍ୟବ୍ୟାପୀ ପରିବହନ ବିଭାଗର ଯାଞ୍ଚ

## ୨୨୭ଟି ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ

ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇ ନ ଥିଲେ

କଟକ,୧୬।୮(ସମିସ): ସଡକ ନିରାପତ୍ତା ଦୃଷ୍ଟିରୁ ମାଲବାହୀ ଗାଡ଼ିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଯିବା ବାଧ୍ୟତାମୂଳକ। ତେବେ ଏହାକୁ ଉଲ୍ଲଙ୍ଘନ କରାଯାଉଥିବା ପରିବହନ ବିଭାଗର ଦୃଷ୍ଟିକୁ ଆସିବା ପରେ ରାଜ୍ୟବ୍ୟାପୀ ଯାଞ୍ଚ ଅଭିଯାନ କରାଯାଇଛି। ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଉନଥିବା ୨୨୭ଟି ଗାଡ଼ିର ଫିଟନେସ ପ୍ରମାଣପତ୍ର ରଦ୍ଦ କରାଯାଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ବିରୋଧରେ ରାଜ୍ୟ ପରିବହନ ପ୍ରାଧିକରଣ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦ୍ୱାରା କଡ଼ାକଡ଼ି ଏନଫୋର୍ସମେଣ୍ଟ ଜାରି ରହିଛି। ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଗତ ଦୁଇ ଦିନ ଧରି କରାଯାଇଥିଲା। ଆରଟିଓ ମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ରାଜପଥରେ ଉଭୟ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଗୁଡ଼ିକୁ ଯାଞ୍ଚ କରିଥିଲେ। ଜଗତସିଂହପୁର ଆରଟିଓ ଦ୍ୱାରା ସର୍ବାଧିକ ୨୭, ଝାରସୁଗୁଡ଼ା ଆରଟିଓରେ ୨୬, ଭୁବନେଶ୍ୱର-୧ ଆରଟିଓ ୧୫, ରାଉରକେଲା ଆରଟିଓ ୧୩, କେନ୍ଦୁଝର ଆରଟିଓ ୧୨, କଟକ ଓ ଚଣ୍ଡିଖୋଲ ଆରଟିଓରେ ୯ ଲେଖାଏଁ, ଭୁବନେଶ୍ୱର-୨ ଆରଟିଓ ୮, ଗଞ୍ଜାମ ଆରଟିଓ ୭, ବଲାଙ୍ଗିର, ତାଳଚେର ଓ କେନ୍ଦ୍ରାପଡ଼ା ଆରଟିଓରେ ୬ ଲେଖାଏଁ, ଭଦ୍ରକ ଓ ସୋନପୁରରେ ୫ ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି। ସେହିଭଳି ଢେଙ୍କାନାଳ, ଫୁଲବାଣୀ, ନୂଆପଡ଼ା, ବୌଦ୍ଧ, ଯାଜପୁର, ରାୟଗଡ଼ା ଆରଟିଓ ଓ ଖୋର୍ଦ୍ଧା ଏଆରଟିଓରେ ୪ଟି ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି। ସେହି ଗାଡ଼ି ଗୁଡ଼ିକ ପୁଣି ଫିଟନେସ ପାଇବାକୁ ନିୟମ ଅନୁଯାୟୀ ଟେପ୍ ଲଗାଇ ଆବେଦନ କରିବାକୁ କୁହାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ସମସ୍ତ ବାଣିଜ୍ୟିକ ଯାନର ପଛପଟେ ନାଲି, ଉଭୟ ପାର୍ଶ୍ୱରେ ହଳଦିଆ ଏବଂ ଆଗରେ ଧଳା ଟେପ୍ ଲଗାଯାଏ। ଏହାଦ୍ୱାରା ଅନ୍ୟ ସଡ଼କ ବ୍ୟବହାରକାରୀ ଗାଡ଼ିକୁ ଅନ୍ଧାର କିମ୍ବା କମ୍ ଆଲୁଅରେ ଦେଖିପାରନ୍ତି। ଯାହା ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ନିୟମିତ ଭାବରେ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ସ୍ୱାସ୍ଥ୍ୟସେବା ଅବ୍ୟବସ୍ଥା ନେଇ ବିରୋଧୀଙ୍କ କଟାକ୍ଷ

## 'ଆୟୁଷ୍ମାନ୍' ଏବେ ଶ୍ମଶାନ ଯୋଜନାରେ ପରିଣତ



ଆୟୁଷ୍ମାନଠାରୁ ବିଏସକେୱାଇ ଭଲ ଥିଲା : ଶ୍ରୀକାନ୍ତ

ରାଜନୀତିକୁ ପଛ କରି ସରକାର ହୋସକୁ ଆସନ୍ତୁ: ଅରୁଣ



ଭୁବନେଶ୍ୱର,୧୬।୮(ସମିସ): ଆୟୁଷ୍ମାନ ଭାରତ ଓ ସ୍ୱାସ୍ଥ୍ୟବସ୍ଥାର ଦୁରାବସ୍ଥା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ଗୋଲ ଟେବୁଲ ବୈଠକରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ପ୍ରବଳ ସମାଲୋଚନା କରିଛନ୍ତି ବିରୋଧୀ। ଆୟୁଷ୍ମାନ ଯୋଜନା ବର୍ତ୍ତମାନ ଶ୍ମଶାନ ଯୋଜନାରେ ପରିଣତ ହୋଇଛି ବିରୋଧୀ କଟାକ୍ଷ କରିଛନ୍ତି। ସେହିପରି ଆୟୁଷ୍ମାନ ଭାରତ ତୁଳନାରେ ବିଜେଡି ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ ଥିଲା ବୋଲି ମତ ଦେଇଛନ୍ତି କଂଗ୍ରେସର ନେତା ଶ୍ରୀକାନ୍ତ ଜେନା।

ଜନସ୍ୱାସ୍ଥ୍ୟ ଅଭିଯାନ (ଓଡ଼ିଶା), ଆଗାମୀ ଓଡ଼ିଶା ଓ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଏହି ଆଲୋଚନାରେ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଉପସ୍ଥିତ ରହିବା ଆବଶ୍ୟକ ଥିଲା। ସ୍ୱାସ୍ଥ୍ୟ ପ୍ରସଙ୍ଗ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ। ତେଣୁ ସାମୂହିକ ଭାବେ ବସି ଏହି ପ୍ରସଙ୍ଗ ଆଲୋଚନା କରିବା କଥା। ଲୋକେ କହୁଛନ୍ତି ପୂର୍ବ ସରକାର ସମୟରେ ବିଏସକେୱାଇ ଆୟୁଷ୍ମାନ ତୁଳନାରେ ଭଲ ଯୋଜନା ଥିଲା। ଯଦି ନାଁ ରେ ସମସ୍ୟା ଥିଲେ ନାଁ କୁ ବଦଳାଇ ଦିଆଯାଇ ପାରିଥାନ୍ତା। ମାତ୍ର ଯୋଜନାକୁ ବଦଳାଇବାର ଆବଶ୍ୟକତା କଣ ଥିଲା ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ ବିଜେଡି ବିଧାୟକ ଡ. ସାହୁ କହିଛନ୍ତି ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଲୋକଙ୍କ ଭରସା ଥିଲା। ଏହି ଯୋଜନାରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ। କିନ୍ତୁ ଆୟୁଷ୍ମାନ ଭାରତ ଯୋଜନା ଏକ ବୀମା ଉପରେ ପର୍ଯ୍ୟବେସିତ ଯୋଜନା। ରୋଗୀ ନିଜର ଚିକିତ୍ସା କରିବା ପରେ ଏଥିରେ ଅର୍ଥ ମିଳିବ। ସେହିପରି ଲୋକେ ଏହି ଯୋଜନା ଅଧିନରେ ସ୍ୱାସ୍ଥ୍ୟସେବା ପାଇବାରେ ବହୁ ଜଟିଳତା ରହୁଛି। ଏଥିରେ ଆଠ ପ୍ରକାର ଓଟିପି ଆସୁଛି। ଡାକ୍ତରଙ୍କ ଫଟୋ ଅପଲୋଡ଼ ହେଉଛି। ଡାକ୍ତର ଓଟି ଭିତରେ ଥିଲେ ଗୁରୁତର ରୋଗୀ କଣ ଅପେକ୍ଷା କରି ବସିବ କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦୧୭ ମସିହାରେ ଯେତେବେଳେ ବିଏସକେୱାଇ ଆରମ୍ଭ ହେଲା ସେତେବେଳେ ପ୍ରାରମ୍ଭିକ ଭାବେ ୩୦୦-୪୦୦ କୋଟି ଖର୍ଚ୍ଚ ହେଉଥିଲା। ତେବେ ୨୦୨୩-୨୪ ବେଳକୁ ଏହା ୪ ହଜାର କୋଟିରେ ପହଞ୍ଚିଥିଲା। ମାତ୍ର ଆୟୁଷ୍ମାନ ଭାରତରେ ସାରା ଦେଶରେ ମାତ୍ର ୫ ହଜାରରୁ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ତାହେଲେ ଆୟୁଷ୍ମାନ ଭାରତରେ ଓଡ଼ିଶାର ଭାଗ କେତେ ଓ ରୋଗୀ ଏଥିରୁ କ'ଣ ପାଇବେ? ତେଣୁ ସରକାର ଭୋଟ ରାଜନୀତି ନ କରି ଟିକେ ହୋସକୁ ଆସନ୍ତୁ। ଲୋକଙ୍କ ପାଇଁ ଚିନ୍ତା କରନ୍ତୁ। ସିଧାସଳଖ ଓଡ଼ିଶାବାସୀ ଯେଉଁ ସୁବିଧା ପାଇଥିଲେ ତାକୁ ସୁନିଶ୍ଚିତ କରନ୍ତୁ ବୋଲି ସେ କହିଛନ୍ତି।

ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର ଆୟୁଷ୍ମାନ ଭାରତ ଯୋଜନାର ଦୁରବସ୍ଥା ସମ୍ପର୍କରେ ଏକ ବିଷଦ ରିପୋର୍ଟ ବୈଠକରେ ଉପସ୍ଥାପନ କରିଥିଲେ। ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଓଡିଶା ଘରୋଇ ମେଡିକାଲ ଆସୋସିଏସନର ସଭାପତି ଇନ୍ଦ୍ରମଣି ଜେନା, ସମ୍ପାଦକ ସଂଗ୍ରାମ ମହାପାତ୍ର, ପ୍ରଫେସର ବିଜୟ ବହିଦାର, ପ୍ରଫେସର ଅମୀୟ ମହାନ୍ତି, ଶ୍ରମିକ ନେତା ମହେନ୍ଦ୍ର ପରିଡା, ଲୋହିଆ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ ପ୍ରମୁଖ ଯୋଗ ଦେଇଥିଲେ।

# ସାର ଯୋଗାଣ ଦାବିରେ ଚାଷୀଙ୍କ ରାସ୍ତାରୋକ

କୋଟପାଡ,୧୬।୮(ସମିସ): କୋରାପୁଟ ଜିଲ୍ଲା କୋଟପାଡ ଅଞ୍ଚଳରେ ୟୁରିଆ ସାର ପାଇଁ ଚାଷୀ ରାସ୍ତାରୋକ କରିଛନ୍ତି। ଅଞ୍ଚଳରେ ସାରର ଅଭାବକୁ ନେଇ ଶନିବାର ଚାଷୀ ସମବାୟ ବିଭାଗ ଘେରଉ କରିବା ସହ କେନ୍ଦୁଗୁଡା ଛକରେ ୬୩ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଦୀର୍ଘ ଦିନ ହେବ କୋରପାଡ଼ ଅଞ୍ଚଳରେ ସାର କଳା ବଜାର ହୋଇ ଚଢ଼ା ଦରରେ ବିକ୍ରି ହେଉଥିବା ବେଳେ ସରକାରୀ ଦରରେ ସମବାୟ ବିଭାଗ ଚାଷୀଙ୍କୁ ଯୋଗାଇ ଆସୁଛି। କିନ୍ତୁ ଆବଶ୍ୟକ ପରିମାଣରେ ବିଭାଗ ସାର ଯୋଗାଇ ପାରୁ ନଥିବା ବେଳେ ଚାଷୀ ବର୍ତ୍ତମାନ ରାଜରାସ୍ତାକୁ ଓହ୍ଲାଇଥିବା ଜଣାପଡିଛି। ଗତ କିଛି ଦିନ ହେବ ସମବାୟ ବିଭାଗ ତରଫରୁ ପ୍ରତ୍ୟେକ ଚାଷୀଙ୍କ ଆଧାର କାର୍ଡ ଅନୁଯାୟୀ ଦୁଇ ବସ୍ତା ସାର ଯୋଗାଇଦେଉଛି। କିନ୍ତୁ ଗତ ଆଠଦିନ ହେବ ଶତାଧିକ ଚାଷୀ ସମବାୟ ବିଭାଗ କାର୍ଯ୍ୟାଳୟ ଆସି ସକାଳ ୭ଟା ରୁ ରାତ୍ର ନ ଘଣ୍ଟା ଧରି ଅପେକ୍ଷା କଲେ ସୁଦ୍ଧା ସାର ମିଳୁ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସୁଦ୍ଧା ସାର ମିଳୁ ନଥିବାରୁ ୧୭ଟି ପଞ୍ଚାୟତରୁ ହଜାର ହଜାର ଚାଷୀ ଏକତ୍ରିତ ହୋଇ ସମବାୟ ବିଭାଗ ଘେରଉ କରିବା ସହ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଶେଷରେ କୋଟପାଡ଼ ତହସିଲଦାର ପହଞ୍ଚି ପ୍ରତ୍ୟେକ ପଞ୍ଚାୟତରେ ସାର ବଣ୍ଟନ କରାଯିବ ବୋଲି ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିଲା।

# ସୁବାଇ ଜୈନ ମନ୍ଦିରରୁ ଦୁର୍ଲଭ ଜୈନ ମୂର୍ତ୍ତି ଚୋରି



ନନ୍ଦପୁର,୧୬।୮(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନସ୍ଥ ସୁବାଇ ଅଞ୍ଚଳର ପ୍ରସିଦ୍ଧ ଜୈନ ମନ୍ଦିରରୁ ଗୁରୁବାର ରାତିରେ ଦୁର୍ଲଭ ଜୈନ ମୂର୍ତ୍ତି ଚୋରି ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଉକ୍ତ ମନ୍ଦିରଟି ଶହ ଶହ ବର୍ଷ ପୁରୁଣା ହୋଇଥିବା ବେଳେ ଏହି ମନ୍ଦିରରେ ସ୍ଥାପିତ ମୂର୍ତ୍ତି ଗୁଡିକ ଅତ୍ୟନ୍ତ ପୁରାତନ ଓ ଦୁର୍ଲଭ କଳାକୃତିର ନିଦର୍ଶନ ଅଟେ। ଏହି ଐତିହାସିକ ମନ୍ଦିରରୁ ଗତ ୨୦୧୪ ମସିହାରେ ଅନ୍ୟ ଦୁଇଟି ଦୁର୍ଲଭ ମୂର୍ତ୍ତି ଚୋରି ହୋଇଥିଲା। ଏହି ଚୋରିର ପୁନରାବୃତ୍ତି ଗୁରୁବାର ମଧ୍ୟରାତ୍ରରେ ପୁଣି ଘଟିଛି। ମନ୍ଦିରର ତାଲା ଭାଙ୍ଗି ଚୋରମାନେ ମନ୍ଦିର ଭିତରକୁ ପଶି ପୂଜାମଣ୍ଡପରୁ ମୂର୍ତ୍ତିକୁ ଚୋରିକରିଥିବା ମନ୍ଦିର ପୂଜକ କହିଛନ୍ତି। ସେପଟେ ୨୦୧୪ ମସିହାରେ ମୂର୍ତ୍ତି ଚୋରିର ଟେର ଆଜି ପର୍ଯ୍ୟନ୍ତ ପୁଲିସ ପାଇ ନଥିବା ବେଳେ ପୁଣି ଏହାର ପୁନରାବୃତ୍ତି ୨୦୨୫ ମସିହାରେ ଘଟିଛି। ଯାହା ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ସୂଚିତ ଯେ, ଶୁକ୍ରବାର ସକାଳୁ ପୂଜକ ମନ୍ଦିର ଖୋଲିବା ବେଳେ ମୂର୍ତ୍ତି ଚୋରି ହୋଇଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଅବଗତ କରିବା ସହ ଥାନାରେ ଏତଲା ଦେଇଥିଲେ। ଖବରପାଇ ନନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା।

# ଧଳା ପେଚା ଉଦ୍ଧାର



କୋରାପୁଟ,୧୬/୮(ସମିସ): କୋରାପୁଟ ବନ ବିଭାଗ ପକ୍ଷରୁ ଏକ ଧଳା ପେଚା ଉଦ୍ଧାର କରାଯାଇଛି। ଗତକାଲି ରାତି ୧୨ଟାରେ ଏକ ଆହତ ଧଳା ପେଚା ହଠାତ କୋରାପୁଟ ହସ୍‌ପିଟାଲ ପଛପଟେ ଥିବା ମାରୁତି ନଗରରେ ରହୁଥିବା ସାମ୍ବାଦିକ ଦିଲୀପ ମହାନ୍ତିଙ୍କ ଘର ଭିତରକୁ ପଶି ଆସିଥିଲା। ସାମ୍ବାଦିକ ଜଣକ ତାକୁ ଉଦ୍ଧାର କରି ସୁରକ୍ଷିତ ଭାବେ ରଖିଥିଲେ। ଡେଣାରେ ମାଡ଼ ହୋଇଥିବାରୁ ପେଚା ଉଡି ପାରୁ ନ ଥିଲା। ସାମ୍ବାଦିକ ଜଣଙ୍କ କୋରାପୁଟ ବନ ବିଭାଗ ରେଞ୍ଜ ଅଧିକାରୀ ଏସ୍‌କେ ପାହାଡ଼ ସିଂଙ୍କୁ ଖବର ଦେବା ପରେ ଫରେଷ୍ଟ ଗାର୍ଡ ରବି ମୁଦୁଲି ଓ ସୋମନାଥ ମୁଦୁଲି ସାମ୍ବାଦିକ ଶ୍ରୀ ମହାନ୍ତିଙ୍କ ଘରେ ପହଞ୍ଚି ପେଚାକୁ ଉଦ୍ଧାର କରି ତାର ଏବେ ଚିକିତ୍ସା ଚାଲିଥିବା ଜଣାପଡିଛି।

# ମଶାଲ ଶୋଭାଯାତ୍ରାରେ ବାହିନୀପତିଙ୍କୁ ଚାପୁଡ଼ା ମାଡ଼



- ଥାନାରେ ପିଏସ୍‌ଓଙ୍କ ଏତଲା
- ବାହିନୀପତି ଓ ଦୁଇ ଭାଇଙ୍କ ବିରୁଦ୍ଧରେ ପାଲଟା ଅଭିଯୋଗ ଆଣିଲେ ମାଡ଼ ମାରିଥିବା ଖଲାସୀ
- ଘଟଣା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଆଲୋଚନା

କୋରାପୁଟ,୧୬।୮(ସମିସ): ଗତ ସାଧାରଣ ନିର୍ବାଚନରେ ଭୋଟ ଚୋରି ଘଟଣାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ସଂଧ୍ୟାରେ କୋରାପୁଟରେ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାରେ ସାମିଲ ଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଅଚାନକ ଜଣେ ବ୍ୟକ୍ତି ଚାପୁଡ଼ା ମାରିବା ଘଟଣା ବର୍ତ୍ତମାନ ଥାନାରେ ପହଞ୍ଚିଛି। ଟାଉନଥାନା ପୁଲିସ ଉଭୟ ପକ୍ଷଙ୍କର ଏତଲା ଗ୍ରହଣ କରି ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ସୂଚନା ଥାଉକି, ଗୁରୁବାର ସଂଧ୍ୟାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ମଶାଲ ଶୋଭାଯାତ୍ରାରେ ବିଧାୟକ ବାହିନୀପତି, ପଟାଙ୍ଗି ଓ ଲକ୍ଷ୍ମୀପୁର ବିଧାୟକ, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଯୋଗ ଦେଇଥିଲେ। ଶୋଭାଯାତ୍ରା କୋରାପୁଟ ବସଷ୍ଟାଣ୍ଡରେ ସରିବା ପରେ ବିଧାୟକ ବାହିନୀପତି ଜନସାଧାରଣଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ କୃଷ୍ଣ କୁଳଦୀପ ନାମକ ଜଣେ ଖଲାସୀ ବାହିନୀପତିଙ୍କ ପାଖକୁ ଆସି ଅଚାନକ ଏକ ଚାପୁଡ଼ା ମାରିଥିଲେ। ବିଧାୟକଙ୍କୁ ଆକ୍ରମଣ ଦେଖି ନିକଟରେ ଥିବା ବିଧାୟକଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ(ପିଏସ୍‌ଓ) ସୁବ୍ରତ ସାସ୍ମଲ୍ ଖଲାସୀ ଜଣଙ୍କୁ ପ୍ରତିହତ କରିବା ସହ କାବୁ କରି ନେଇଥିଲେ। ଉପସ୍ଥିତ ଥିବା ଦଳୀୟ ନେତା ଓ କର୍ମୀ ସମ୍ପୃକ୍ତ ଖଲାସୀଙ୍କୁ ପୁଲିସକୁ ହସ୍ତାନ୍ତର କରିଥିଲେ। ଘଟଣାକୁ ନେଇ ବାହିନୀପତିଙ୍କ ପିଏସ୍‌ଓ କୋରାପୁଟ ଟାଉନ ଥାନାରେ ଏତଲା ଦେଇଛନ୍ତି। ବିଧାୟକ ବାହିନୀପତିଙ୍କୁ ଚାପୁଡ଼ା ମାରି ଖଲାସି ଜଣକ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଦେଇ ଜୀବନରେ ମାରିଦେବାକୁ ଧମକ ଦେଇଥିବା ବିଷୟ ପିଏସ୍‌ଓ ଏତେଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣକାରୀ ଖଲାସୀ କୃଷ୍ଣ କୁଳଦୀପ ଟାଉନ ଥାନାରେ ବିଧାୟକ ବାହିନୀପତି, ଭାଇ ଟୁନା ବାହିନୀପତି ଓ ଭଗବାନ ବାହିନୀପତିଙ୍କ ବିରୁଦ୍ଧରେ ପାଲଟା ଅଭିଯୋଗ କରିଛନ୍ତି। ବିଧାୟକ ଏବଂ ତାଙ୍କର ଦୁଇ ଭାଇ ଦୀର୍ଘ ବର୍ଷରୁ ତାଙ୍କୁ ହଇରାଣ ହରକତ କରିବା ସହ ହତ୍ୟା କରିବାକୁ ଯୋଜନା କରିଥିବା ବିଷୟ କୃଷ୍ଣ କୁଳଦୀପ ଏତଲାରେ ଉଲ୍ଲେଖ କରିଛନ୍ତି। ତାରା ବାହିନୀପତି ବିଧାୟକ ଥିବାରୁ କ୍ଷମତାର ଅପବ୍ୟବହାର କରି ମୋତେ ଭୟଭୀତ କରାଉଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ପୁଲିସ ଉଭୟଙ୍କ ଏତେଲାକୁ ଭିତ୍ତି କରି ବିଭିନ୍ନ ଦଫାରେ ଟାଉନ ଥାନାରେ ଦୁଇଟି ମାମଲା (୧୭୩/୨୫ ଏବଂ ୧୭୪/୨୫ ) ରୁଜୁ କରି ତଦନ୍ତ ଚଳାଇଛି। ଖଲାସୀ କୃଷ୍ଣ କୁଳଦୀପକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ବାହିନୀପତି ଓ ତାଙ୍କ ଦୁଇ ଭାଇଙ୍କ ବିରୁଦ୍ଧରେ ଖଲାସୀ କୃଷ୍ଣ କୁଳଦୀପଙ୍କ ଅଭିଯୋଗର ମଧ୍ୟ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେବା ସହ ଉଭୟ ଘଟଣାର ତଦନ୍ତ ସବ୍‌ଇନ୍ସପେକ୍ଟର ରାଜେଶ ପ୍ରିୟଦର୍ଶୀ ନାୟକ କରୁଥିବା ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି। ତେବେ ଘଟଣାକୁ ନେଇ କୋରାପୁଟ ଜିଲ୍ଲାରେ ଚର୍ଚ୍ଚା ଚାଲିଥିବାବେଳେ ବିଭିନ୍ନ ମହଲରେ ବରିଷ୍ଠ ବିଧାୟକ ବାହିନୀପତିଙ୍କୁ ଆକ୍ରମଣର ନିନ୍ଦା କରାଯାଇଛି। ବାହିନୀପତିଙ୍କ ଲୋକପ୍ରିୟତା ଓ ପତିଆରା ପ୍ରତି କିଛି ବ୍ୟକ୍ତି ଈର୍ଷା ପରାୟଣ ହୋଇ ଖଲାସୀ ଜରିଆରେ ଏଭଳି କାଣ୍ଡ ଭିଆଇଥିବା ଆଲୋଚନା ହେଉଛି।

# ବେଆଇନ କ୍ଲିନିକ୍ ସିଲ୍ କଲା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ



ଗୁଣୁପୁର,୧୬।୮(ସମିସ): ରାୟଗଡା ଜିଲ୍ଲା ଗୁଣପୁର ସହରର କପିଳପୁରଠାରେ ଥିବା ଲକ୍ଷ୍ମଣ ଲାବନ୍ୟ ମେଟ୍ରିନିଟି ହୋମ ରିସର୍ଚ ସେଣ୍ଟର ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଚଢଉ କରି ସିଲ୍ କରିଛି। କ୍ଲିନିକ୍ ବେଆଇନ ଭାବେ ଚାଲୁଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ, ଅଗ୍ନିଶମ ବିଭାଗ ଉପସ୍ଥିତିରେ ଚଢ଼ଉ କରାଯାଇଥିଲା। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଯାଞ୍ଚ ପରେ କ୍ଲିନିକ୍ ବେଆଇନ ଭାବେ ଚାଲିଥିବା ନେଇ ସ୍ପଷ୍ଟ ହୋଇଥିଲା। ଚଢ଼ଉ ବେଳେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରି ବି . ସରୋଜିନି ଦେବି, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ମମତା ସାହୁ ଓ ପିକେ ମିଶ୍ର, ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ ପଦ୍ମପୁର୍ ତହସିଲଦାର ଶଙ୍କର ବାଗ ଉପସ୍ଥିତ ଥିଲେ। ଚଢ଼ଉ ସମୟରେ ଗୁଣୁପୁର ଅଗ୍ନିଶମ ଅଧିକାରୀ ରଜନୀ କାନ୍ତ ଗଡଡ, ଗୁଣୁପୁର ଏସ୍‌ଡିପିଓ ବାବୁଲି ନାୟକ ଉପସ୍ଥିତ ଥିଲେ। ଗୁଣୁପୁର ଉପଖଣ୍ଡସ୍ତରୀୟ ମେଡିକାଲ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଡା. ପ୍ରଦୀପ କୁମାର ପଣ୍ଡା ଏହି କ୍ଲିନିକ୍ ପରିଚାଳନା କରୁଥିଲେ। ଏଠାରେ ବେଆଇନ ଭାବେ ଅସ୍ତ୍ରୋପଚାର ସହ ଅଲଟ୍ରାସାଉଣ୍ଡ ଓ ପ୍ରସୂତିଙ୍କ ଡେଲିଭେରି କରାଯାଉଥିଲା।ଶିଶୁ ଜନ୍ମ ପରେ ଜନ୍ମ ପ୍ରମାଣପତ୍ର ଦିଆଯାଉନ ଥିଲା। ଏହି କ୍ଲିନିକ୍‌ରେ ସାତ ମହଲା ବିଶିଷ୍ଟ କୋଠ ରହିଥିବା ବେଳେ ନଥିପତ୍ର ନଥିବା ଜଣାପଡିଛି। ଦୀର୍ଘ ବର୍ଷଧରି ଏଭଳି କ୍ଲିନିକ ବେଆଇନ ଭାବେ ଚାଲିଥିବାରୁ ଲୋକେ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଠାରେ ଡେଲିଭେରି ହେଲା ପରେ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ରହିଥିଲା। ସମସ୍ତ ଘଟଣା ପଦାକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରକାରୀ ଡାକ୍ତରଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାର ମଧ୍ୟ ତଦନ୍ତ କରାଯାଉଥିବା କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ। ସମସ୍ତ କାଗଜପତ୍ର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଯାଞ୍ଚ କରିବା ପରେ ବେଆଇନ କ୍ଲିନିକ୍ ଚାଲିଥିବା ଜାଣିପାରି ଆଜି ୭ ମହଲା ବିଷିଷ୍ଟ କୋଠାର ମୁଖ୍ୟ ଫାଟକକୁ ସିଲ୍ କରିଛି ସ୍ୱାସ୍ଥ୍ୟ ବିଭାଗ। ସରାକାରୀ ଡାକ୍ତର ହୋଇ ବେଆଇନ କ୍ଲିନିକ୍ ଚଳାଇବା ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ତଦନ୍ତ କରୁଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି।

# ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରୁ ଚୋରି

ପଟାଙ୍ଗି,୧୬।୮(ସମିସ): କୋରାପୁଟ ଜିଲ୍ଲା କୁନ୍ଦୁଲି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରୁ ସ୍ୱାଧୀନତା ଦିବସ ରାତ୍ରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ବିଦ୍ୟାଳୟର ପିଅନ ଘାସିରାମ ଧଙ୍ଗଡାମାଝି ସକାଳୁ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟର ସମସ୍ତ କକ୍ଷ ଗୁଡ଼ିକର ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ପରିଡା ସୂଚନା ପାଇ ପଟାଙ୍ଗି ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ପଟାଙ୍ଗି ଥାନା ଏସ୍‌ଆଇ କରୁଣା କର ଶବର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ସାଇଣ୍ଟିଫିକ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅଫିସ କାର୍ଯ୍ୟାଳୟର ଗଡରେଜ୍ ର ସମସ୍ତ ଲକର ଭାଙ୍ଗିଥିବା, ସିସି ଟିଭିର ମନିଟରକୁ ଚୋରି କରାଯାଇଥିବା, ଶ୍ରେଣୀ ଗୃହର ପାଠପଢ଼ାରେ ବ୍ୟବହାର ହେଉଥିବା ହୋମ ଥିଏଟର ଆଦି ଚୋରି ହୋଇଥିବା ନଜରକୁ ଆସିଥିଲ। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ପୂର୍ବତନ ଜିଲ୍ଲାପରିଷଦ ସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

**ଲକ୍ଷ୍ମୀପୁର,୧୬।୮(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପାରଦା କୁଲେସିକାଙ୍କୁ ୧୫ ତାରିଖ ରାତି ପ୍ରାୟ ୧୨ ଟା ସମୟରେ ମରଣାନ୍ତକ ଆକ୍ରମଣ ହୋଇଛି। ସେ କୌଣସି ଏକ କାମରେ ଯାଇ ନିଜ ଘରକୁ ଫେରୁଥିବା ସମୟରେ କୁଲେସିକାଙ୍କ ଘର ସମ୍ମୁଖରେ ଗାଡିରୁ ଓହ୍ଲାଇବା ବେଳେ ଦୁର୍ବୃତ୍ତମାନେ ଅତର୍କିତ ଆକ୍ରମଣ କରିଥିଲେ। ଲକ୍ଷ୍ମୀପୁର ମେଡ଼ିକାଲରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ପରେ ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି।

# ମହିଳା ରୋଗୀକୁ ରକ୍ତଦାନ କଲେ ଥାନା ଅଧିକାରୀ

ବିଷମକଟକ,୧୬।୮(ସମିସ): ପୋଲିସ ଲୋକଙ୍କ ପ୍ରକୃତ ବନ୍ଧୁ ଏହାକୁ ଆଜି ସତ ପ୍ରମାଣିତ କରିଛନ୍ତି ରାୟଗଡ଼ା ଜିଲ୍ଲାର ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ। ବିଷମ କଟକ ଖ୍ରୀଷ୍ଟିୟାନ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ମହିଳା ରୋଗୀ ଜ୍ୟୋସ୍ନା ହିଆଲଙ୍କ ରକ୍ତର ଆବଶ୍ୟକ ପଡିଥିବାବେଳେ କୌଣସି ସୂତ୍ରରୁ ଖବରପାଇ ବିଷମ



କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ ମେଡିକାଲରେ ପହଞ୍ଚି ରକ୍ତଦାନ କରିଥିଲେ। ଏଥିପାଇଁ ରୋଗୀଙ୍କ ପରିବାର ଲୋକେ ଥାନା ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ମହତ କାର୍ଯ୍ୟପାଇଁ ବିଷମ କଟକ ବ୍ଲକର ସମସ୍ତ ଜନସାଧାରଣ ଶ୍ରୀ ପାଢୀଙ୍କୁ ପ୍ରଶଂସା କରିଛନ୍ତି।

● ପାୱାର ୱେଟ ଲିଫ୍ଟ ପ୍ରତିଯୋଗିତା

# ୩ ପୁଲିସ ଅଧିକାରୀଙ୍କ ପଦକ ହାସଲ



**ପଟାଙ୍ଗି,୧୬।୮(ସମିସ):** କୋରାପୁଟ ଜିଲ୍ଲାର ଦୁଇ ପୋଲିସ ଅଧିକାରୀ ଗୌରବ ଆଣିଲେ କୋରାପୁଟ ଜିଲ୍ଲା ନିମନ୍ତେ। କୋଜିକୋଟ, କେରଳରେ ପାୱାର ୱେଟ ଲିଫ୍ଟ ଖେଳ ଆୟୋଜନ କରାଯାଇଥିଲା। ସେଥିରେ ଓଡିଶାରୁ କୋରାପୁଟ ଜିଲ୍ଲାର ତିନି ପୁଲିସ ଅଧିକାରୀ ପାୱାର ୱେଟ ଲିଫ୍ଟ ପ୍ରତିଯୋଗିତାରେ ଜଣେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ପାଇବାରେ ସଫଳ ହୋଇଅଛନ୍ତି। ସୂଚନାନୁଯାୟୀ, ଗତ ୨ ତାରିଖରୁ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୱେଟ ଲିଫ୍ଟ ପ୍ରତିଯୋଗିତାରେ ସୁଙ୍କି ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ବାବୁଲା ସାମଲ ଏବଂ କୋରାପୁଟର ବାଇବ କୁମାର ତାଣ୍ଡି ଓ ମୌସମୀ ଟାକ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ ନେଇଥିଲେ। ସେଥିମଧ୍ୟରୁ ଶ୍ରୀ ସାମଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଶ୍ରୀ ତାଣ୍ଡି ରୌପ୍ୟ ପଦକ ବିଜୟୀ ହେବା ସହ ମୌସମି ଟାକ୍ରୀ ବ୍ରଞ୍ଜ ପଦକ ହାସଲ କରିଥିବା ନେଇ ଜଣାପଡିଛି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାଟି କେରଳରେ ଆୟୋଜନ କରାଯାଇଥିଲା। ସୁଙ୍କି ଅଧିକାରୀ ଶ୍ରୀ ସାମଲ ସ୍ୱର୍ଣ୍ଣ ପଦକ ଜିତି ଫେରିବା ପରେ ବିଭିନ୍ନ ଉପରିସ୍ଥ ଅଧିକାରୀ ତାଙ୍କୁ ପ୍ରଶଂସା କରିଥିଲେ। ଆଗାମୀ ଫେବୃଆରୀ ମାସର ଅନ୍ତର୍ଜାତୀୟ ଖେଳ ଅଛି ବୋଲି କହିବା ସହ ଅନ୍ତର୍ଜାତୀୟ ଖେଳରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିବା ପାଇ ପ୍ରୟାସ କରିବି ବୋଲି ସେ କହିଛନ୍ତି।

# ଅବକାରୀ ଚଢ଼ଉ; ୧୭ କ୍ୱିଣ୍ଟାଲ ମହୁଲ ଜବତ

ଝରିଗାଁ, ୧୬।୮(ସମିସ): ଅବକାରୀ ବିଭାଗକୁ ମିଳିଛି ସଫଳତା। ବ୍ଲକ୍‌ରେ ବିଭିନ୍ନ ସ୍ଥାନରେ ଚୋରା ମହୁଲ ବେପାର ଚାଲିଥିବା ବେଳେ ଝରିଗାଁ ଉମରକୋଟ ମୁଖ୍ୟ ରାସ୍ତାର ନୂତନ କଲ୍ୟାଣ ମଣ୍ଡପ ସାମ୍ନା ସ୍ଥିତ ଦୋକାନ ଗୃହରେ ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ଉ କରି ୧୭ କ୍ୱିଣ୍ଟାଲ ୨ କେଜି ମହୁଲ ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନାପ୍ରକାରେ, ଆଜି ସକାଳ ୧୧ ଘଣ୍ଟା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ନବରଙ୍ଗପୁର ଅବକାରୀ ବିଭାଗ ଅଧିକାରୀ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ଅବକାରୀ ବିଭାଗ ଇନ୍ସପେକ୍ଟର ରଞ୍ଜୁଲତା ବାରିକଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଦୋକାନ ଗୃହରେ ପହଞ୍ଚି ଚଢ଼ଉ କରି ମହୁଲ ଜବତ କରିଛି। ଏହି ମାମଲାରେ ମୋହନ ରାଓଙ୍କ ପୁଅ ଯୁବ ବ୍ୟବସାୟୀ ରବି ତେଜାଙ୍କୁ ଅଭିଯୁକ୍ତ ଭାବେ କୋର୍ଟ ଚାଲନା କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉ ବେଳେ ଅବକାରୀ ଟିମ୍ ମଧ୍ୟରେ କନେଷ୍ଟବଳ ସୁବାଷ ଗୌଡ଼, ଛତର ଗଣ୍ଡ, ଜଛନା ହରିଜନ, ଶୁକୁ ଦଳାଇ ପ୍ରମୁଖ ସାମିଲ ଥିଲେ।

# ପାଣି ପମ୍ପ ଚୋରି ଅଭିଯୋଗରେ ୨ ଗିରଫ

କୋଷାଗୁମୁଡା,୧୬।୮(ସମିସ): ଆଜି କୋଷାଗୁମୁଡ଼ା ପୁଲିସ ପାଣି ପମ୍ପ ଚୋରି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଗତ ୧୪ ତାରିଖବିଳମ୍ବିତରାତିରେଜୋଟାବାଲ ଗ୍ରାମର ଜୀସୋଇ ହିଆଲ(୩୦) ଓ କୋଡ଼ିଙ୍ଗା ଗ୍ରାମର ଜଣେ ୧୭ବର୍ଷର ନାବାଳକ ଟେମ୍ରା ଗ୍ରାମରୁ ଏକ ପାଣି ପମ୍ପକୁ ଚୋରି କରି ଏକ ଟେମ୍ପୋରେ ନେଉଥିବା ବେଳେ ଗ୍ରାମର କିଛି ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ । ତୁରନ୍ତ ଦୁଇ ଚୋରଙ୍କୁ ଅଟକାଇ ଟେମ୍ରା ଗ୍ରାମବାସୀ କୋଷାଗୁମୁଡା ଥାନାକୁ ଖବର ଦେଇଥିଲେ। କୋଷାଗୁମୁଡା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଏସ୍‌ଆଇ ରାମଚନ୍ଦ୍ର କୋଣ୍ଡୋଗୋରୀଙ୍କୁ ଏହି ଘଟଣାରେ ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦେଇଥିଲେ। ଏସ୍‌ଆଇ ଶ୍ରୀ କୋଣ୍ଡୋଗୋରୀ ଦୁଇ ଚୋରଙ୍କୁ କୋଷାଗୁମୁଡା ଥାନାରେ ୧୬୬/୨୫ରେ ଧାରା ୩୦୩(୨)/୩(୫)ବିଏନ୍‌ଏସରେ ମାମଲା ରୁଜୁ କରି ଆଜି ଜୀସୋଇ ହିଆଲକୁ ନବରଙ୍ଗପୁର କୋର୍ଟ ଚାଲାଣ କରିଥିବା ବେଳେ ନାବାଳକକୁ ସୁଧାର ଗୃହକୁ ପଠାଇଛି।

# ବାଇକ୍ ଧକ୍କାରେ ବୃଦ୍ଧ ମୃତ

କୋଷାଗୁମୁଡା,୧୬।୮(ସମିସ): କୋଷାଗୁମୁଡା ଥାନା ଅନ୍ତର୍ଗତ ଗଜାଗାଁ ନୂଆ ପେଟ୍ରୋଲ ପମ୍ପ ନିକଟରେ ଗତ ୧୪ତାରିଖ ସନ୍ଧ୍ୟାରେ ବଡ ଆମ୍ବଡା ପଟରୁ କୋଣ୍ଡାପଦର ଅଭିମୁଖେ ବାଇକ୍‌ରେ ପ୍ରଦୀପ ହରିଜନ(୨୦) ନାମକ ଯୁବକ ଅସୁଥିବା ବେଳେ ଗଜାଗାଁ ଗ୍ରାମର ସାମଲାଲ ଭତ୍ରା(୬୦) ନାମକ ବୃଦ୍ଧଙ୍କୁ ଧକ୍କା ଦେଇଥିଲେ। ସାମଲାଲଙ୍କୁ କୋଷାଗୁମୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ବାଇକ ଚାଳକ ମଧ୍ୟ ଗୁରୁତର ଅବସ୍ଥାରେ ଛତିଶଗଡ଼ର ଡିମରା ପାଲି ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏନେଇ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ସୁକୁରାମ ଭତ୍ରା(୩୦) କୋଷାଗୁମୁଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଏସ୍‌ଆଇ ଲଳିତ କୁମାର ପଣ୍ଡାଙ୍କୁ ଦାଇତ୍ୱ ଅଧିକାରୀ ଭାବେ ନିଯୁକ୍ତି କରିଛନ୍ତି। ଏସ୍‌ଆଇ ଶ୍ରୀପଣ୍ଡା ଥାନାରେ ୧୬୫/୨୫ରେ ଧାରା-୨୮୧,୧୦୬-୧ ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।


# ଜମି ପ୍ଲଟିଂରେ ଡ୍ରେନ୍ କାର୍ଯ୍ୟକୁ ୱାର୍ଡ ମେମ୍ବର ଓ ଗ୍ରାମବାସୀଙ୍କ ବିରୋଧ



ଜୟପୁର,୧୬।୮(ସମିସ): କୋରାପୁଟ ଜିଲ୍ଲା ଜୟପୁରସହର ସନ୍ନିକଟ ବ୍ଲକ୍ ଅଞ୍ଚଳର ଗଡପଦର ଗ୍ରାମପଞ୍ଚାୟତର ଦୁବୁଲି ଗ୍ରାମ ବଙ୍ଗାଳିବାଡଠାରେ ରିଅଲ-ଇଷ୍ଟେଟଙ୍କ ଜମି ପ୍ଲଟିଂ ଅଞ୍ଚଳରେ ଡ୍ରେନ୍ ନିର୍ମାଣକୁ ନେଇ ଗ୍ରାମବାସୀ ଏବଂ ଏକଟାଗୁଡ଼ା ଅଞ୍ଚଳର ୱାର୍ଡ ମେମ୍ବର ଉକ୍ତ ଗ୍ରାମରେ ଗତକାଲି ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ଗ୍ରାମସଭାରେ ବିରୋଧ କରିଛନ୍ତି। ତେବେ ଉପସ୍ଥିତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଏହା ନୂତନ ଗୃହ ନିର୍ମାଣ ଅଞ୍ଚଳର ଉନ୍ନୟନ ନେଇ ସଂପୃକ୍ତ ରିୟଲଇଷ୍ଟେଟ ପକ୍ଷରୁ ଟଙ୍କା ପୈଠ ସହ ପଞ୍ଚାୟତକୁ ଜମି ପ୍ରଦାନ କରିଥିବା ଯୋଗୁଁ ବ୍ଲକ୍ ପକ୍ଷରୁ ପାରିପାର୍ଶ୍ୱିକ ଯୋଜନାରେ ଏହା ନିର୍ମାଣ କରାଯାଉଛି ବୋଲି ପ୍ରକାଶ କରିଥିଲେ। କିନ୍ତୁ ଗ୍ରାମବାସୀମାନେ ଏହା ଜମିକୁ ଜଳ ଯୋଗାଣ ପାଇଁ ଏମଏନଆରଇଜିଏସ ଯୋଜନାରେ ଡ୍ରେନ୍ କାର୍ଯ୍ୟ କରାଯିବାକୁ ଦୁବଲି ନାମରେ ରହିଥିବା ବେଳେ ଏହାକୁ ଚାଷ ଜମି ବଦଳରେ ରିୟଲଇଷ୍ଟେଟ କାର୍ଯ୍ୟ କରାଯାଉଥିବା ଅଭିଯୋଗ କରିଥିଲେ। ଏକତାଗୁଡ଼ା ଗ୍ରାମର ୱାର୍ଡ ମେମ୍ବର ରାଧା ମାଝି ଗ୍ରାମସଭାରେ ବିରୋଧ କରିବା ସହ କେଉଁ କାର୍ଯ୍ୟ କରାଯାଉଛି ତାହାର ସୂଚନାଫଳ ଲଗାଯାଇନାହିଁ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଗ୍ରାମବାସୀ ଓ ସାଧାରଣଲୋକଙ୍କ ଅଭିଯୋଗକୁ ସ୍ପଷ୍ଟ ଉତ୍ତର ବଦଳରେ ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ ଜିଆରଏସ୍‌ମାନଙ୍କ ଭିନ୍ନଭିନ୍ନ ମତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହକାରୀ ଯନ୍ତ୍ରୀଙ୍କ ନିକଟରେ ଏହି ଅଭିଯୋଗ ପରେ ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଚାଲୁ ରଖାଯାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଗ୍ରାମାଞ୍ଚଳରେ ପୁରଣା ତଥା ରାଜସ୍ୱ ଗ୍ରାମ ଏବଂ ଆଖପାଖ ଅଞ୍ଚଳର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନାରେ କାର୍ଯ୍ୟକୁ ଗ୍ରାମବାସୀ ଏବଂ ଲୋକପ୍ରତିନିଧିମାନଙ୍କ ଅଗଚୋରରେ ଗ୍ରାମ ଓ ଜାଗା ପରିବର୍ତ୍ତନ କରାଯାଇ ଏପରି ରିୟଲଇଷ୍ଟେଟଙ୍କ ପ୍ଲଟିଂ ଅଞ୍ଚଳର ସରକାରୀ ଟଙ୍କାରେ ଉନ୍ନତୀକରଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ କରାଯିବାକୁ ଦାବି ହୋଇଛି। ଏନେଇ ଜୟପୁର ବ୍ଲକ୍ ସହକାରୀ ଯନ୍ତ୍ରୀ ବିଜୟ କୁମାର ନନ୍ଦଙ୍କୁ ପଚାରିବାରୁ ଗତକାଲି ଏନେଇ ଅଭିଯୋଗ ହୋଇଥିଲା, ଉକ୍ତ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଏହାର ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଝଞ୍ଜାବତୀ ନଦୀରୁ ମୃତଦେହ ଉଦ୍ଧାର

ନାରାୟଣପାଟଣା, ୧୬।୮(ସମିସ): କୋରାପୁଟ ଜିଲ୍ଲା ନାରାୟଣପଟଣା ବ୍ଲକ୍ ଝଞ୍ଜାବତୀ ନଦୀରୁ ଶନିବାର ଅପରାହ୍ନ ରେ ଜଣେ ବ୍ୟକ୍ତିଙ୍କର ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ହେଲେ ଶମ୍ଭୁରୁ ନାଚିକା ବୟସ( ୭୦)। ସୂଚନାନୁଯାଇ, ପୋଡାପଦର ପଞ୍ଚାୟତ ଅଞ୍ଜଳପୁର ଗ୍ରାମର ଶମ୍ଭୁରୁ ନାଚିକା ଗୁରୁବାର କୌଣସି କାର୍ଯ୍ୟରେ ନାରାୟଣପଟଣା ଚାଲି ଚାଲି ଯାଇଥିଲେ। ଶମ୍ଭୁରୁ ନଦୀ ପାର ହେଉଥିବା ସମୟରେ ପାଣିର ସ୍ରୋତରେ ସେ ଭାସିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ନଦୀରେ ମୃତଦେହ ଭାସୁଥିବା ଖବର ପାଇ ଥାନା ଅଧିକାରୀ ପ୍ରମୋଦ ନାୟକ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତନ୍ତର କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।



## ମାଲକାନଗିରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

# ‘ଆଜିର ଯୁବପିଢ଼ି ପ୍ରଭାବଶାଳୀ ସମାଜ ନିର୍ମାଣର ଆଧାର’



ମାଲକାନଗିରି,୧୬ ।୮ (ସମିସ):

ମାଲକାନଗିରି ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ମାଲକାନଗିରି ଡିଏନ୍‌କେ ଖେଳ ପଡିଆଠାରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଆଜିର ଯୁବଶକ୍ତି ହେଉଛନ୍ତି ଆମ ରାଜ୍ୟର ଆଶା ଓ ଏକ ପ୍ରଭାବଶାଳୀ ସମାଜ ନିର୍ମାଣର ଆଧାର । ସେମାନେ ହେଉଛନ୍ତି ସୃଜନାତ୍ମକ ଓ ଉତ୍ସାହର ଏକ ସଂଗମ । ତେଣୁ ସମସ୍ତ ଯୁବବର୍ଗ ଉଚ୍ଚ ଶିକ୍ଷା ଲାଭକରି ନିଜକୁ ସଶକ୍ତ କରିବା ସହ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ଜିଲ୍ଲାପାଳ । ବିକଶିତ ଓଡ଼ିଶାର ନିର୍ମାଣ ପାଇଁ ସମସ୍ତେ ସଂକଳ୍ପ କରିବା ପାଇଁ ମଧ୍ୟ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ପରସ୍ପର ମଧ୍ୟରେ ଭାଇଚାରା ଓ ସଦ୍‌ଭାବନାକୁ ଅକ୍ଷୁଣ୍ଣ ରଖି ସମାଜର ତୃଣମୂଳ ସ୍ତରରୁ ଆରମ୍ଭ କରି ସମସ୍ତଙ୍କ ଉନ୍ନତି ପାଇଁ ଏକ ମନରେ ଚିନ୍ତା କରିବା ଓ କାର୍ଯ୍ୟକରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଉପାଧ୍ୟାୟ ନିଜ ଅଭିଭାଷଣରେ କହିଛନ୍ତି । ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନା ବିଷୟରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ଉପଜିଲ୍ଲାପାଳ ଅଶ୍ୱି ଏଏଲ୍ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ । ପୋଲିସ୍ ଆର୍‌ଆଇ ସତ୍ୟପ୍ରିୟ ବିଶ୍ୱାଳ ପରେଡର ନେତୃତ୍ୱ ନେଇଥିବା ବେଳେ ସେକେଣ୍ଡ ଇନ୍ କମାଣ୍ଡ ଭାବେ ପୁଲିସ ସରଜେଣ୍ଟ ବିଭିଷଣ ଶବର ଉପସ୍ଥିତ ଥିଲେ । ମୋଟ ୩୧ଟି ଟ୍ରୁପ ପରେଡରେ ଭାଗ ନେଇଥିଲେ । ଦୀପ୍ତିକନଭେଣ୍ଟ ସ୍କୁଲର ଛାତ୍ର ଓ ଛାତ୍ରୀଙ୍କ ବ୍ୟାଗପାଇପର ବ୍ୟାଣ୍ଡ ପାର୍ଟି ବାଜା ବଜାଇବା କୌଶଳକୁ ଅତିଥି ଓ ଦର୍ଶକମାନେ ପ୍ରଶଂସା କରିଥିଲେ । ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେଶ ଚନ୍ଦ୍ର ପାତ୍ର ଓ ଡିଏସ୍‌ପି ଓନାମ ଲାକ୍ରା ପରେଡର ବିଚାରକ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜାତୀୟ ହ୍ୟାଣ୍ଡବଲ୍ ଚମ୍ପିଅନ୍‌ସିପ୍‌ରେ ଭାଗ ନେଇଥିବା ସିନ୍ଧ୍ରିମାଲ୍ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ବିଭୁତି ମୁଣ୍ଡାଗୁଡିଆଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ତଥା ପରେଡରେ କୃତିତ୍ୱ ହାସଲ କରିଥିବା ଦଳଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲାର ବହୁ ବରିଷ୍ଠ ସରକାରୀ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି, ସାମାଜିକ କର୍ମୀ ଉପସ୍ଥିତ ରହି ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଅପରାହ୍ନରେ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ପୁଲିସ ଏକାଦଶ ଓ ପ୍ରଶାସନ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଆୟୋଜନ କରାଯାଇଥିଲା ।

■ ୩ କାର୍ଯ୍ୟାଳୟରେ ତାଲା

## ଉଡ଼ିଲାନି ପତାକା; ପାଳନ ହେଲାନି ସ୍ୱାଧୀନତା ଦିବସ



କୋରୁକୋଣ୍ଡା,୧୬ ।୮ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ସଦର ଠାରେ ଥିବା ୩ଟି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସରେ ଉଡିଲାନି ଜାତୀୟ ପତାକା କି ପାଳନ ହେଲାନି ଦିବସ । କୋରୁକୋଣ୍ଡା ସଦରରେ ଥିବା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ, ହର୍ଟିକଲଚର କାର୍ଯ୍ୟାଳୟ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇ ନଥିବା ବେଳେ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ଅଫିସରେ ପାଦ ମଧ୍ୟ ପଡ଼ିନଥିବା ଦେଖିବାକୁ ମିଳିଛି । କେବଳ ହର୍ଟିକଲଚର କାର୍ଯ୍ୟାଳୟକୁ ଛାଡିଦେଲେ ଅନ୍ୟ ୨ଟି କାର୍ଯ୍ୟାଳୟ ମତ୍ସ୍ୟ ଏବଂ ଆରଡି ବିଭାଗର କାର୍ଯ୍ୟାଳୟରେ ବର୍ଷ ତମାମ ତାଲା ପଡିଥିବା ଦେଖିବାକୁ ମିଳେ । ଏହି ୨ କାର୍ଯ୍ୟାଳୟକୁ କୌଣସି ସରକାରୀ ଅଧିକାରୀ କେବେ ମଧ୍ୟ ଆସନ୍ତି ନାହିଁ ବୋଲି ସାଧାରଣ ଲୋକେ ଅଭିଯୋଗ କରିଛନ୍ତି । ତେବେ ସ୍ୱାଧୀନତା ଦିବସ ଭଳି ଦିନରେ ମଧ୍ୟ ପତାକା ଉତ୍ତୋଳନ କରାଯାଇନଥିବା ଘଟଣାକୁ ଅଞ୍ଚଳବାସୀ ତୀବ୍ର ନିନ୍ଦା କରିଛନ୍ତି । ତେବେ ଏନେଇ ହର୍ଟିକଲଚର ବିଭାଗର କୋରୁକୋଣ୍ଡା ଅଧିକାରୀ ପ୍ରତ୍ୟୁଷ ମହାନନ୍ଦଙ୍କୁ ପଚାରିବାରୁ କାର୍ଯ୍ୟାଳୟରେ ରାତ୍ରିଯାପନ ନିମନ୍ତେ ବାସଭବନର ସୁବିଧା ନଥିବା ହେତୁ ସ୍ୱାଧୀନତା ଦିବସ ପାଳନ ହୋଇପାରୁନାହିଁ; ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଏହି ଦିବସ ପାଳନ କରାଯାଉଥିବା କହିଛନ୍ତି । ଆରଡି ବିଭାଗର ସହକାରୀ ଯନ୍ତ୍ରୀ ସୁଜାତା ଦିଶାରୀଙ୍କୁ ପଚାରିବାରୁ ତାଙ୍କ ବିଭାଗର କର୍ମଚାରୀଙ୍କ ଅଭାବ ହେତୁ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ହୋଇ ପାରିନଥିବା ସେ କହିଥିଲେ । ସେହିପରି ମତ୍ସ୍ୟ ବିଭାଗର ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ ଗୌଡ଼ଙ୍କୁ ପଚାରିବାରୁ, ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଉଥିବା ହେତୁ କୋରୁକୋଣ୍ଡା ସଦରରେ ଥିବା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଉନଥିବା ସେ କହିଥିଲେ । ବ୍ଲକ୍‌ସଦରରେ ଥିବା କାର୍ଯ୍ୟାଳୟ ଗୁଡିକରେ ଯଦି ପବିତ୍ର ସ୍ୱାଧିନତା ଦିବସ ପାଳନ ହେଉନାହିଁ ତାହେଲେ ଲୋକମାନଙ୍କ କାର୍ଯ୍ୟ କିପରି ହେଉଥିବ ତାହା ଏଥିରୁ ସ୍ପଷ୍ଟ ବାରି ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଆସ ସ୍କୁଲ ଯିବା ଓ ସ୍ୱତନ୍ତ୍ର ପିଟିଏମ୍ ବୈଠକ




ମାଥିଲି,୧୬ ।୮ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସୀମାନ୍ତ ଅଞ୍ଚଳର ଟେମୁରୁପାଲ୍ଲୀ ପଞ୍ଚାୟତ କୁକୁରକୁଣ୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସ ସ୍କୁଲ ଯିବା ଓ ସ୍ୱତନ୍ତ୍ର ପିଟିଏମ୍ ବୈଠକ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ, ଗ୍ରାମ ଶିକ୍ଷା କମିଟି ସଦସ୍ୟ ଅଭିଭାବକ ସମ୍ମିଳିତ ଭାବେ ପ୍ଲାକ୍‌କାର୍ଡ ବ୍ୟାନର ଧରି ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ବିଦ୍ୟାଳୟରେ ନାମ ଲେଖାଇ ନଥିବା କିମ୍ବା ଅଧାରୁ ବିଦ୍ୟାଳୟକୁ ନ ଆସୁଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆଣିବାକୁ ପ୍ରୟାସ କରାଯାଇଥିଲା । ପରେ ଆୟୋଜିତ ବୈଠକରେ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଏକ କମିଟି ଗଠନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷା କମିଟି ସଭାପତି ମାରୁ ଦୁରୁଆ, ମୁକୁନ୍ଦ ଦୁରୂଆ, ବରିଷ୍ଠ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ, ପି. ଜାନକୀ ରାଓଙ୍କ ସମେତ ବହୁ ଗ୍ରାମବାସୀ, ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

## ସ୍ୱାଧିନତା ଦିବସରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍



ମାଲକାନଗିରି,୧୬ ।୮ (ସମିସ): ମାଲକାନଗିରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଅପରାହ୍ନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ପ୍ରଶାସନ ଏକାଦଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍‌ଙ୍କ ନେତୃତ୍ୱରେ ପୁଲିସ ଏକାଦଶ ଟିମ୍ ଏଥିରେ ଭାଗ ନେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ତତ୍ୱାବଧାନରେ ଏହି ମ୍ୟାଚ୍‌କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ମାଣ୍ଡାଙ୍ଗୀ ଆୟୋଜନ କରିଥିଲେ । ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ରାମ ହରି ପଣ୍ଡା ଓ ସହ ସମ୍ପାଦକ ଗୋପୀ କୃଷ୍ଣ ପଟ୍ଟନାୟକ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ । ପ୍ରଶାସନ ଏକାଦଶ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ଖଣି ଅଧିକାରୀ ସତ୍ୟେନ୍ଦ୍ର ସରଦାର, ଭଗତ ନାୟକ, ସହାୟକ ଜିଲ୍ଲପାଳ ମୁନା ଡୁରୁକ ଓ ଅନ୍ୟମାନେ ସାମିଲ୍ ଥିଲେ । ପୁଲିସ୍ ଏକାଦଶ ପକ୍ଷରୁ ପୁଲିସ୍ ଆର୍‌ଆଇ ସତ୍ୟପ୍ରିୟ ବିଶ୍ୱାଳ, ଡିଏସ୍‌ପି ଓନାମ ଲାକ୍ରା, ଆଇଆଇସି ରିଗାନ୍ କିଣ୍ଡୋ, କୁମୁଦ ପ୍ରଧାନ, ଭିଭିଷଣ ଶବରଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଏଥିରେ ଭାଗ ନେଇଥିଲେ । ଏହି ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଆୟୋଜନ କରିବାରେ ସ୍ପୋର୍ଟସ କମ୍ପ୍ଲେକ୍ସର କର୍ମଚାରୀ ସହାୟତା କରିଥିଲେ । ସେକ୍ସନ ଅଧିକାରୀ ଶ୍ୟାମ ସୁନ୍ଦର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏ ଆଇଟିଡିଏ ହଳଧର ଶବର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ପିଏମ୍ ଅର୍ଥ ମାନସ ମିଶ୍ର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

## ୭ କିଲୋ ଗଞ୍ଜେଇ ସହ ବାଇକ୍ ଜବତ; ୨ ଗିରଫ



କୋରୁକୋଣ୍ଡା/ବାଲିମେଲା,୧୬ ।୮ (ସମିସ): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ୭ କିଲୋ ଗଞ୍ଜେଇ ସମେତ ଗୋଟିଏ ବାଇକ ଜବତ କରି ଆଜି ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାନୁଯାୟୀ, ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ବିଶେଷ ସୂତ୍ରରୁ ଖବର ପାଇ ନୀଳାଦ୍ରିନଗର ସ୍ଥିତ ସୋରଲୁକୋଣ୍ଡା ବ୍ୟାରେଜଠାରେ ଏକ ଟିମ ପାଟ୍ରୋଲିଂ ନିମନ୍ତେ ଶୁକ୍ରବାର ପଠାଇଥିଲେ । ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ଏହି ଟିମ ଶୁକ୍ରବାର ମଧ୍ୟାହ୍ନ ସମୟରେ ପାଟ୍ରୋଲିଂ କରୁଥିବାବେଳେ ଏମଭି-୧୨୦ ପଟୁ ବସ୍ତା ବୋହି ଅସୁଥିବା ଗୋଟିଏ ବାଇକ ପୁଲିସକୁ ଦେଖି ଫେରି ପଳାଇବାକୁ ଉଦ୍ୟମ କରୁଥିବା ଦେଖିବାକୁ ପାଇଥିଲେ । ପୋଲିସ ଟିମ ସଙ୍ଗେ ସଙ୍ଗେ ଉକ୍ତ ବାଇକ ଚାଳକଙ୍କୁ ମାଡି ବସିଥିଲେ । ପରେ ବସ୍ତା ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ । ଓରକେଲ ଥାନାକୁ ନେଇ ଓଜନ କରିବା ପରେ ୭ କିଲୋ ଗଞ୍ଜେଇ ରହିଥିବା ଜଣାପଡ଼ିଥିଲା । ୨ ଚାଲାଣକାରୀ ହେଲେ ଏମଭି-୨୫ର ରାଖଲ ବାଲା(୪୫) ଏବଂ ଜୀଉଟିପାଲ୍ଲୀର ଭିମା ପଡ଼ିଆମୀ(୫୦) । ଏହି ଗଞ୍ଜେଇକୁ ମାଲକାନଗିରି ଚାଲାଣ କରୁଥିବା ତଦନ୍ତକାରୀ ଅଧିକାରୀ ଅଜିତ ସିଂ ବରାହା କହିଛନ୍ତି । ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଲଗାଣ ବର୍ଷାରେ ବୁଡିଲା ଏମ୍‌ଭି- ୯୬ ପୋଲ; ଯୋଗାଯୋଗ ବିଚ୍ଛିନ୍ନ



କାଲିମେଲା,୧୬।୮ (ସମିସ): ମାଲକାନଗିରି ଜିଲ୍ଲାରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷାରେ ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ କାଲିମେଲା ମୋଟୁ ରାସ୍ତାର ଏମ୍‌ଭି ୯୬ ବ୍ରିଜ୍ ବୁଡିବା ସହ ବ୍ରିଜ୍ ପରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ଏହାଦ୍ୱାରା ଶୁକ୍ରବାର ମଧ୍ୟରାତ୍ରରୁ ଶନିବାର ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଓ ଯାତାୟତ ଠପ୍ ହୋଇଯାଇଛି । ରାସ୍ତାର ଉଭୟ ପଟେ ଅନେକ ଯାନବାହାନ ଅଟକି ରହିଛି । ଫଳରେ ଜନ ସାଧାରଣ ଗତକାଲି ଠାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସ୍ଥାନରେ ଏକ ଉଚ୍ଚପୋଲ ନିର୍ମାଣ କାମ ଗତ ୪ବର୍ଷ ହେଲା ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ସରୁନଥିବାରୁ ପ୍ରତିବର୍ଷ ବର୍ଷା ଦିନେ ଏହି ପୋଲଟି ବୁଡ଼ିଯାଉଥିବା ସ୍ଥାନୀୟବାସୀନ୍ଦା କହିଛନ୍ତି ।

## ସୀମାନ୍ତରେ ଯବାନ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି,୧୬ ।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କୋଣ୍ଡାଗାଁରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି । ଜିଲ୍ଲା ସୀମାନ୍ତ ଛତିଶଗଡର କୋଣ୍ଡାଗାଁର କେଶକାଲ ଅଞ୍ଚଳରେ ମାଓ ଦମନ ନିମନ୍ତେ ଡିଆରଜି ଓ ବସ୍ତର ଫାଇଟର ଯବାନଙ୍କ ମିଳିତ ଅପରେସନ ସମୟରେ ଯବାନ ଓ ମାଓବାଦୀ ମୁହାଁମୁହିଁ ହେବା ସହ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା । ଏହି ଗୁଳି ବିନିମୟରେ ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ମାଓବାଦୀମାନେ ଲୁଚି ପଳାଇଥିବା ବେଳେ ଘଟଣାସ୍ଥଳରେ ପୁନଃ ତଲାସି ଅଭିଯାନ ସମୟରେ ଦୁଇଟି ବନ୍ଧୁକ ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି । ଅଞ୍ଚଳରେ ତଲାସି ଅଭିଯାନ ବର୍ତ୍ତମାନ ସୁଧା ଜାରି ରହିଥିବା ଜଣାପଡିଛି ।

## ୟୁରିଆ ସାର ପ୍ରଦାନ ଦାବି; ଚାଷୀଙ୍କ ରାସ୍ତା ଅବରୋଧ



ମାଥିଲି,୧୬ ।୮ (ସମିସ): ଆଜି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍‌ସଦର ମହକୁମାରେ ୟୁରିଆ ସାର ପ୍ରଦାନ ଦାବିରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି । ସଠିକ ସମୟରେ ଚାଷୀଙ୍କୁ ସାର ଯୋଗାଯାଉ ନଥିବାରୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସାର ଲାଗି ଲ୍ୟାମ୍ପ୍‌ସକୁ ବାରମ୍ବାର ଦୌଡ଼ି ନହାନ୍ତ ହେଲେଣି, ହେଲେ ସାର ମିଳୁନି ବୋଲି ଅଭିଯୋଗ କରି ଆଜି ଖଇରପୁଟ ବ୍ଲକ୍‌ର ଶତାଧିକ ଚାଷୀ ଝିପି ଝିପି ବର୍ଷା ସତ୍ତ୍ୱେ ଜୟପୁର ଓ ବାଲିମେଳା ସଂଯୋଗ କରୁଥିବା ୪୯ ନଂ ରାଜ୍ୟ ରାଜପଥ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ସମୟଧରି ରାସ୍ତା ଅବରୋଧ ଯୋଗୁଁ ଗାଡି ମୋଟର ଯାତାୟାତ ଠପ୍ ହୋଇଯାଇଥିଲା । ଘଟଣାସ୍ଥଳକୁ ଖଇରପୁଟ ବିଡ଼ିଓ, ତହସିଲଦାର ଓ ମୁଦୁଲିପଡା ଥାନା ଅଧିକାରୀ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଘଟଣା ସ୍ଥଳରେ ଲ୍ୟାମ୍ପସ କର୍ମଚାରୀ ପହଞ୍ଚି ଶୁକ୍ରବାର ସମସ୍ତ ଚାଷୀଙ୍କୁ ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା ।

### ବେଆଇନ ବ୍ଲାଷ୍ଟିଙ୍ଗକୁ ଗ୍ରାମବାସୀଙ୍କ ବିରୋଧ

## ଠିକାଦାରଙ୍କୁ ଇସ୍ପାତ ଖଣି ବିଭାଗର କାରଣ ଦର୍ଶାଅ ନୋଟିସ

ମାଥିଲି,୧୬ ।୮ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ତୁଳସୀ ପାହାଡରେ ବେଆଇନ ବ୍ଲାଷ୍ଟିଙ୍ଗ ନେଇ ଅଭିଯୋଗ କରି ଗ୍ରାମବାସୀଙ୍କ ବିକ୍ଷୋଭ କରିବା ପରେ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଏକଦା ଲାଲଗଡ ଭାବେ ପରିଚିତ ଥିବା ମାଥିଲି ବ୍ଲକ୍‌ର ଟେମୁରପାଲୀ ପଞ୍ଚାୟତର ତୁଳସୀ ପାହାଡ଼କୁ ରାସ୍ତା ନିର୍ମାଣ ନାମରେ ବେଆଇନ ବ୍ଲାଷ୍ଟିଙ୍ଗ କରି କ୍ରସର କରୁଛି ଆନ୍ଧ୍ରପ୍ରଦେଶ କମ୍ପାନୀ । ଗତ ଦୁଇଦିନ ହେଲା ଏହି ବ୍ଲାଷ୍ଟିଙ୍ଗ ଚାଲି ଥିବାରୁ ପ୍ରଚଣ୍ଡ ଶବ୍ଦ ସହିତ ପଥର ଖଣ୍ଡ ନିକଟସ୍ଥ ଗ୍ରାମ ଓ ଜମି ଗୁଡିକରେ ପଡୁଛି । ଏହା ଫଳରେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ । ରାସ୍ତାର ଆଳ ଦେଖାଇ ଲାଲକରିଡର ତଥା ତୁଳସୀ ଘାଟିରେ ବେଆଇନ କ୍ରସର ପଏଣ୍ଟ କରିଥିଲା ଆନ୍ଧ୍ରପ୍ରଦେଶର ଠିକା କମ୍ପାନୀ । ବ୍ଲାଷ୍ଟିଙ୍ଗ ସାଙ୍ଗକୁ ହଜାର ହଜାର ଗଛ କାଟିଥିଲା ହାଇଗ୍ରୀଭା ଠିକା କମ୍ପାନୀ । ଏପଟେ ଏହାକୁ ବିରୋଧ କରି ତୁଳସୀ ପାହାଡ଼ ଅଞ୍ଚଳର ଗ୍ରାମବାସୀମାନେ କ୍ରସର ନିକଟରେ ବିକ୍ଷୋଭ ପ୍ରଦର୍ଶନ ସହିତ ଗାଁରେ ଶୋଭାଯାତ୍ରା କରିଥିଲେ । ଗାଁକୁ ରାସ୍ତା ନିର୍ମାଣ କି କ୍ରସର ପଏଣ୍ଟ କରି ବ୍ଲାଷ୍ଟିଙ୍ଗ ନକରିବା ପାଇଁ ସେମାନେ ଦାବି କରିଥିଲେ । ଏସମ୍ପର୍କରେ ତଦନ୍ତ ପାଇଁ କିଛି ଅଧିକାରୀ ସେଠାକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିବାର ଜଣାପଡିଛି । ଏସମ୍ପର୍କରେ ମାଲକାନଗିରି ଜିଲ୍ଲା ଖଣି ଓ ଇସ୍ପାତ ଅଧିକାରୀ ସତ୍ୟେନ୍ଦ୍ର ସରଦାରଙ୍କୁ ପଚାରିବାରୁ, ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି, କାହା ନିର୍ଦ୍ଦେଶରେ ପଥର ବ୍ଲାଷ୍ଟିଙ୍ଗ କରାଯାଉଥିଲା ସେ ସମ୍ପର୍କରେ ସମ୍ପୃକ୍ତ ଠିକା କମ୍ପାନୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।



CAD-1496
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ODISHA REAL ESTATE REGULATORY AUTHORITY
ORERA
Odisha Real Estate Regulatory Authority
ଆପଣ ଜାଣନ୍ତି କି ?
- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ । ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ ।
Secretary, Odisha RERA
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
Email: reraodisha@gmail.com
ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in
“ଆପଣଙ୍କର ଅଧିକାର, ଆମ ଦାୟିତ୍ୱ”
OIPR-13223/11/0014/2526

# ଆତ୍ମଦାହ


ମହମ୍ମଦ ହିଫଜୁର ରହେମାନ

ବୁଢ଼ା ଲୋକଟି । ବୟସ ପାଖାପାଖି ୭୦ ହେବ । ହାତରେ ବାଡ଼ି ଓ ଖଣ୍ଡିଆ ସାଇକଲ ଧରି ସବୁଦିନ କଲେଜ ସାମ୍ନାରେ ଥିବା ଆମ୍ବଗଛ ମୂଳେ ବସନ୍ତି । ସକାଳୁ ସନ୍ଧ୍ୟା ଯାଏଁ ସେଠି ବସନ୍ତି । ସୂର୍ଯ୍ୟ ନଇଁଲେ ଚୁପଚାପ୍ ପୁଣି ଗାଁ ଘରକୁ ଫେରି ଯାଆନ୍ତି । କି ଖରା, କି ବର୍ଷା, କି ଶୀତ, ୬-୭ ବର୍ଷ ହେଲା ଏହା ତାଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି । ଧୋତି, ପଞ୍ଜାବୀ, ଗାମୁଛା, ସଅଁପ, ତକିଆ ହେଉଛି ତାଙ୍କର ମୋଟ୍ ସଂପତ୍ତି । କିନ୍ତୁ ଗାଁ ଲୋକ ତାଙ୍କର ବହୁତ ସମ୍ମାନ କରନ୍ତି । ସମୟରେ ଆଣି ତାଙ୍କୁ ଖାଇବାକୁ ଦିଅନ୍ତି । କେହି କେହି ତାଙ୍କର କପଡ଼ା ନେଇ ସଫା ମଧ କରି ଦିଅନ୍ତି । ସେ କାହାରିକୁ କିଛି କହନ୍ତି ନାହିଁ । ପାଗଳପ୍ରାୟ, ଚୁପଚାପ୍ ରହନ୍ତି । କେହି କିଛି ପଚାରିଲେ ଉତ୍ତର ବି ଦିଅନ୍ତି ନାହିଁ । କେବଳ ଅନାଇ ଦିଅନ୍ତି । ଲାଗୁଛି ତାଙ୍କ ଆଖିରେ ଭର୍ତ୍ତି ରହିଛି ମାଳ ମାଳ ପ୍ରଶ୍ନ ।

ବିଶ୍ୱମିତ୍ର ସାର୍‌ଙ୍କୁ କିଏ ନ ଚିହ୍ନେ! ମାଳତିପୁର ହାଇସ୍କୁଲର ଖୁବ୍ ଲୋକପ୍ରିୟ ଶିକ୍ଷକ । ତାଙ୍କର ଅନେକ ଶିଷ୍ୟ ସରକାରରେ ବଡ଼ ବଡ଼ ପଦବିରେ ଅଛନ୍ତି । ପିଲାମାନଙ୍କୁ ଏମିତି ସ୍ନେହରେ ପଢ଼ାନ୍ତି ଯେ ପିଲାମାନେ ନିଜ ଘରକୁ ଭୁଲି ଯାଆନ୍ତି । ସେମାନେ ଖାଇବାକୁ ଭୁଲି ପାରନ୍ତି, କିନ୍ତୁ ବିଶ୍ୱମିତ୍ର ସାର୍‌ଙ୍କ କ୍ଲାସ୍‌କୁ ମିସ୍ କରିବେ ନାହିଁ । ଦରକାର ପଡ଼ିଲେ ଘରକୁ ଡାକି ପିଲାଙ୍କୁ ପାଠ ପଢ଼ାନ୍ତି । ଏଥିପାଇଁ ଟଙ୍କାଟିଏ ବି ନିଅନ୍ତି ନାହିଁ ।

ତାଙ୍କର ବି ସୁଖୀ ସଂସାର । ପତ୍ନୀ ବିଜୟଲକ୍ଷ୍ମୀ ମଧ ପର୍‌ଫେକ୍ଟ ଗୃହିଣୀ । ସ୍କୁଲ ପିଲା ଆସିଲେ, ସେମାନଙ୍କୁ ମା'ଙ୍କ ପରି ସ୍ନେହ କରି ଘରେ ବସାନ୍ତି । ନିଜ ପିଲାଙ୍କ ଭଳି ଘରେ ଖାଇବାକୁ ଦିଅନ୍ତି । ବିଶ୍ୱମିତ୍ର ସାର୍‌ଙ୍କର ଦୁଇଟି ଝିଅ । ବଡ଼ ଝିଅ ମନୋରମା ବିପି କଲେଜରେ ବି.ଏସ୍‌ସି. କରୁଛି । ନା ଯେମିତି ଦେଖିବାକୁ ବି ଭାରି ସୁନ୍ଦର । ପାଠପଢ଼ାରେ ବି ସ୍ମାର୍ଟ । ସାନ ଝିଅ ଶେଫାଳି ନବମ କ୍ଲାସ୍‌ରେ ପଢୁଛି ।

ମନୋରମା ସବୁଦିନ ଠିକ୍ ୧୦ଟାରେ ସାଇକଲ୍ ଧରି କଲେଜ ଯାଏ । ସନ୍ଧ୍ୟା ହେଲେ ଫେରି ଆସେ । କ୍ଲାସ୍ ସରିଲେ ଲାଇବ୍ରେରିରେ ବସି ନୋଟ୍ ଲେଖାଲେଖି କରେ । କୌଣସି ଟେନସନ୍ ନାହିଁ । ପାଠ ପଢ଼ିବା ସହିତ ଘର କାମରେ ମାଆଙ୍କ ହାତ ବଢ଼ାଏ । କଲେଜ ଯିବା ପୂର୍ବରୁ ବାପାଙ୍କ ପାଇଁ ଖାଇବା ପ୍ରସ୍ତୁତ କରିଦିଏ । ବାପାଙ୍କର ଯେମିତି ଟିକିଏ ବି ଅସୁବିଧା ନହୁଏ, ସେଥିପାଇଁ ସେ ଭାରି କେୟାରଫୁଲ୍ ।

ସେଦିନ କାହିଁ କେଜାଣି, ମନୋରମା ଭାରି ଟେନ୍‌ସନ୍‌ରେ ଲାଗୁଥିଲା । ମାଆ ବିଜୟଲକ୍ଷ୍ମୀ ବିଶେଷ ଧାନ ଦେଲେନି । ଭାବିଲେ ପଢ଼ାପଢ଼ି କରୁଛି ତ ପ୍ରେସର୍‌ରେ ଥିବ । ସନ୍ଧ୍ୟା ବେଳେ ଚା' ପିଇବାକୁ ବାରଣ୍ଡାରେ ବସି ଥାଆନ୍ତି ବିଶ୍ୱମିତ୍ର ସାର୍ । ପାଖରେ ବିଜୟଲକ୍ଷ୍ମୀ ଏବଂ ଶେଫାଳି ବି ବସିଛନ୍ତି । କିନ୍ତୁ ସେଠାରେ ନଥିଲା ମନୋରମା । ବିଶ୍ୱମିତ୍ର ସାର୍ ଖୋଜିଲେ, ଆରେ ମନୋରମା କୁଆଡ଼େ ଗଲା? କଲେଜରୁ ଫେରିଲାଣି ତ?

ବିଜୟଲକ୍ଷ୍ମୀ କହିଲେ, "ହଁ ଫେରିଛି । ବୋଧେ ଦେହ ଭଲ ଲାଗୁନି, ଶୋଇଛି ସେ ।"

- କାହିଁକି କ'ଣ ହେଲା ତାକୁ? ବ୍ୟସ୍ତ ହୋଇପଡ଼ିଲେ ବିଶ୍ୱମିତ୍ର ସାର୍ ।

- ତମେ ଚା' ପିଅ, ସେ ଟିକିଏ ପରେ ଆସିବ, କହିଲେ ବିଜୟଲକ୍ଷ୍ମୀ ।

- ଚା' କପ୍ ଧରି ଉଠିପଡ଼ିଲେ ବିଶ୍ୱମିତ୍ର ସାର୍ । ମନୋରମାଙ୍କ ରୁମକୁ ଯାଇ ପଚାରିଲେ, "ଆରେ ମା' କ'ଣ ହେଲା, ଶୋଇଛୁ କାହିଁକି? ଦେହ ଭଲ ଲାଗୁନି?"

କିଛି କହିଲାନି ମନୋରମା । ବ୍ୟସ୍ତ ହୋଇପଡ଼ିଲେ ବିଶ୍ୱମିତ୍ର ସାର୍ । ପାଖରେ ଯାଇ ବସି ମନୋରମାର ମୁଣ୍ଡ ଆଉଁସି ଦେଲେ ।

ଧଡ଼ କରି ଉଠିପଡ଼ିଲା ମନୋରମା । କହିଲା – "ନାହିଁ ବାପା କିଛି ନୁହେଁ । ଦେହ ଭଲ ଲାଗୁନି ।"

-କ'ଣ ହେଇଛି କହୁନୁ? ଡାକ୍ତର ପାଖକୁ ନେଇଯିବି ।

ସେପଟୁ ବିଜୟଲକ୍ଷ୍ମୀ ପାଟି କରି କହିଲେ, "ଛାଡ଼ି ଦିଅ ତାକୁ । ଦେହ ଭଲ ଲାଗିଲେ ସେ ଆସିବ ନି ।"

- ଠିକ୍ ଅଛି ମା', ତୁ ରେଷ୍ଟ ନେ । କହିଲେ ବିଶ୍ୱମିତ୍ର ସାର୍ ।

ରାତିରେ ଖାଇଲା ବେଳକୁ ବି ଆସିଲାନି ମନୋରମା । ତାକୁ ଡାକିବା ଲାଗି ବିଶ୍ୱମିତ୍ର ସାର୍ ଜିଦ୍ ଧରିବାରୁ ବିଜୟଲକ୍ଷ୍ମୀ ଯାଇ ମନୋରମାକୁ ଡାକିଲେ । କିନ୍ତୁ ସେ ଖାଇବାକୁ ମନାକଲା ।

-ତତେ କ'ଣ ହେଇଛି କହୁନୁ? କଲେଜରୁ ଫେରିବା ବେଳଠୁ ବେଡ୍‌ରେ ପଡ଼ିଛୁ । ତୋର ପରୀକ୍ଷା ପାଇଁ ଏବେ ସମୟ ତ ଅଛି । ଏତେ ଟେନ୍‌ସନ୍ କାହିଁକି? ବାପାଙ୍କୁ କହୁଛି କାଲି ନେଇ ତତେ ମାମୁଁ ଘରେ ଛାଡ଼ିଦେବେ । ଟିକେ ବୁଲି ଆସିଲେ ଭଲ ଲାଗିବ ।

ଏହାଶୁଣି କାନ୍ଦିବାକୁ ଲାଗିଲା ମନୋରମା । କହିଲା, "କାଲିଠୁ ଆଉ କଲେଜ ଯିବି ନାହିଁ ।"

ମନୋରମା ମୁହଁରୁ ଏହା ଶୁଣି ଚମକି ପଡ଼ିଲେ ବିଜୟଲକ୍ଷ୍ମୀ । ଆଉ ଯାହା ପଚାରିଲେ, କିଛି କହିଲାନି ମନୋରମା । ଖାଲି କାନ୍ଦିବାକୁ ଲାଗିଲା । ବିଜୟଲକ୍ଷ୍ମୀ ଡାକ ପକାଇବାରୁ ବିଶ୍ୱମିତ୍ର ସାର୍ ଆସିଲେ ।

- ହେଇଠି ଶୁଣ, କ'ଣ କହୁଛି ମନୋରମା ।

- କ'ଣ ହେଇଛି ମା' । କାନ୍ଦୁଛୁ କାହିଁକି ପଚାରିଲେ ବିଶ୍ୱମିତ୍ର ସାର୍ ।



ସେହି ତା'ର ଗୋଟିଏ ଉତ୍ତର, ମୁଁ ଆଉ କଲେଜ ଯିବିନାହିଁ ।

- କାହିଁକି କ'ଣ ହେଇଛି, କହୁନୁ ।

- ମୁଁ କଲେଜରୁ ଫେରିଲା ବେଳେ ତିନି ଚାରି ଜଣ ଟୋକା ମୋର ପିଛା କରି ଖରାପ ଖରାପ କମେଣ୍ଟ ମାରୁଛନ୍ତି ।

ମନୋରମାର ଏହି କଥା ଶୁଣି, ରାଗିଗଲେ ବିଶ୍ୱମିତ୍ର ସାର୍ । " ତୁ ତ କାହିଁକି ଆଗରୁ କହିଲୁନି । ହଉ କାଲି ମୁଁ ଯାଇ ତୋ ପ୍ରିନ୍‌ସିପାଲଙ୍କୁ ଦେଖା କରି କହିବି ।"

ମନୋରମା କହିଲା, "ମୁଁ ପ୍ରିନ୍‌ସିପାଲ ସାରଙ୍କୁ କହିଥିଲି । ଖାଲି କହୁଛନ୍ତି, ହଁ ଦେଖିବା , ଆଉ କିଛି କରୁ ନାହାନ୍ତି ।"

- ହଉ ଠିକ୍ ଅଛି ମୁଁ କଥା ହେବି । ତୁ ବ୍ୟସ୍ତ ହୁଅନା । କହିଲେ ବିଶ୍ୱମିତ୍ର ସାର୍ ।

ରାତିରେ ଖାଇପିଇ ସମସ୍ତେ ଶୋଇବାକୁ ଗଲେ । ସକାଳେ ସମସ୍ତେ ଶୋଇକି ଉଠିଲେ । ମନୋରମା ଏତେ ଡେରି ଯାଏଁ ଶୋଇବ ନାହିଁ ତ? ବିଜୟଲକ୍ଷ୍ମୀ ଘର କବାଟ ଦେଖିଲା ବେଳକୁ ମନୋରମା ତା' ରୁମରେ ନାହିଁ । ତା' ବେଡ୍‌ରେ ଖାଲି ଗୋଟିଏ ପେପର୍ କ'ଣ ପଡ଼ିଛି!

କାଗଜ ପଢ଼ି ବିଜୟଲକ୍ଷ୍ମୀଙ୍କ ମୁଣ୍ଡରୁ ଝାଳ ବୋହିଗଲା । ସେ ଦୌଡ଼ିଯାଇ ବିଶ୍ୱମିତ୍ରଙ୍କୁ ଦେଖାଇଲେ । ବାରଣ୍ଡାରେ ବସି ଖବର କାଗଜ ପଢୁଥିଲେ ବିଶ୍ୱମିତ୍ର । କାଗଜ ପଢ଼ି ବିଶ୍ୱମିତ୍ର ସାର୍‌ଙ୍କ ଆଖି ତଳେ ଅନ୍ଧାର ହୋଇଗଲା ।

"ବାପା-ବୋଉ, ମତେ ଆଉ ଖୋଜିବ ନାହିଁ । କାଲି କଲେଜରୁ ଫେରିଲା ବେଳେ ସେହି ପିଲାମାନେ ମୋ ସହ ଯାହା କରିଛନ୍ତି, ମୁଁ କହିପାରିବି ନାହିଁ । ମୋତେ କ୍ଷମା କରିବ । ମୁଁ ଆଉ ବଞ୍ଚିବାକୁ ଚାହେଁ ନାହିଁ । ଶେଫାଳିକୁ ଆଉ କଲେଜ ଛାଡ଼ିବ ନାହିଁ । ପ୍ଲିଜ୍ ।"

ମନୋରମାର ଏହି ନୋଟ୍ ଯେମିତି ବିଶ୍ୱମିତ୍ର ସାର୍‌ଙ୍କ ସଂସାର ଉଜାଡ଼ି ଦେଲା । ଆଖପାଖ ଅଞ୍ଚଳରେ ଯେତେ ଖୋଜିଲେ ବି ମନୋରମାର ପତ୍ତା ମିଳିଲା ନାହିଁ । ଥାନାରେ ଏଫ୍‌ଆଇଆର୍ ଦେଲେ । ପୁଲିସ କହୁଛି, ଆମେ ଚେଷ୍ଟା କରୁଛୁ । ଆପଣ ବି ନିଜ ବନ୍ଧୁବାନ୍ଧବ ଘରକୁ ଯାଇ ଖୋଜନ୍ତୁ । ପୁଲିସ ପାଖକୁ ଡେଲି ଦୌଡ଼ିଲେ ବିଶ୍ୱମିତ୍ର ସାର୍ । କାଳେ ସେମାନେ ଖବର ପାଇଥିବେ । ଥାନାରେ ପଶୁ ପଶୁ ଜଣେ ପୁଲିସ ବାଲା କହିଲେ, "ସାର୍ ଯାହା ଲାଗୁଛି, ସେଟିଂ ହେଇ ଆପଣଙ୍କ ଝିଅ କାହା ସହ ପଳାଇଛି । ମୋତେ ଡାଉଟ୍ ଲାଗୁଛି । ଆପଣ ଦେଖନ୍ତୁ ।"

ଏହା ଶୁଣି ବିଶ୍ୱମିତ୍ର ସାରଙ୍କ ମୁହଁ ଲାଲ୍ ପଡ଼ିଗଲା । "ନା ନା ଏମିତି ହେଇପାରିବ ନି । ମୋ ଝିଅ ଏମିତି ସେମିତି ଝିଅ ନୁହେଁ । ମୋ ଝିଅ ଚରିତ୍ର ଉପରେ ଆଙ୍ଗୁଠି ଉଠାଇବାକୁ ଆପଣ କିଏ? ହାଓ ଡେୟାର??"

ମନରେ କୋହ ଓ ଆଖିରେ ଲୁହ ନେଇ ଘରକୁ ଫେରିଲେ ବିଶ୍ୱମିତ୍ର ସାର୍ । ବିଜୟଲକ୍ଷ୍ମୀଙ୍କୁ ସବୁକଥା କହିଲେ । ବିଜୟଲକ୍ଷ୍ମୀ ମୁଣ୍ଡରେ ହାତ ଦେଇ କହିଲେ, କାହା କାହା ତୁଣ୍ଡ ବନ୍ଦ କରିବି । ଯାଡ଼େ ସାଇ ପଡ଼ିଶା ଲୋକ କହୁଥିବା ବେଳେ, ଶେଷରେ ପୁଲିସ ବି ତାଙ୍କ କଥାରେ ପଡ଼ିଗଲା । ହେ ଭଗବାନ, ମୋ ଝିଅଟା ଖାଣ୍ଟି ସୁନା । ତା' ମୁଣ୍ଡରେ ଅପବାଦ କାହିଁକି? ତମର ଆମେ କି ଦୋଷ କରିଥିଲୁ ଯେ ଆଜି ଏଭଳି ଅବସ୍ଥା ଭୋଗିବାକୁ ପଡୁଛି ।

ଝିଅକୁ ଖୋଜିବାରେ ଦିନରାତି ଏକ କରିଦେଲେଣି ବିଶ୍ୱମିତ୍ର ସାର୍ । କେବେ ଥାନାକୁ ଦୌଡୁଛନ୍ତି, ତ କେବେ କଲେଜ । ପୁଣି କଉ ବନ୍ଧୁବାନ୍ଧବ ଘର ବି ଛାଡ଼ି ନାହାନ୍ତି । ମନୋରମାଙ୍କୁ ଖୋଜିବାରେ ଟିକିଏ ବି ଅବହେଳା କରୁ ନାହାନ୍ତି । ଯାହାର ଅଚିହ୍ନା ଶବ ମିଳିଲେ ପୁଲିସବାଲା ବିଶ୍ୱମିତ୍ର ସାର୍‌ଙ୍କୁ ଡାକି ଦେଖାଉଛନ୍ତି । ଏ ଆପଣଙ୍କ ଝିଅ ନୁହେଁ ତ ? ଏମିତ କେତେ ଯେ ବିକୃତ ଶବ ଦେଖିଲେଣି ।

ଥକି ଗଲିଣି ହେ ପ୍ରଭୁ । ମୋ ଦେହରେ ଆଉ ବଳ ନାହିଁ । ମୋ ଝିଅକୁ ଫେରାଇ ଦିଅ । ଝିଅକୁ ଝୁରି ଝୁରି ବେମାର ହୋଇଗଲେଣି ବିଜୟଲକ୍ଷ୍ମୀ । ଆଉ ବିଛଣାରୁ ଉଠି ପାରୁନାହାନ୍ତି । ତାଙ୍କୁ ଡାକ୍ତରଖାନା ନେବାରେ ବିଶ୍ୱମିତ୍ର ସାର୍‌ଙ୍କ ସମୟ ଯାଉଛି । ସାନ ଝିଅ ଶେଫାଳି ଆଉ ସ୍କୁଲ ଯାଇପାରୁନି । ଘର କାମ ବୋଝ ତା' ଉପରେ । ମା'ଙ୍କ ସେବାରେ ବି ଲାଗିଛି ।

ଉଜୁଡ଼ି ଗଲାଣି ସୁନାର ସଂସାର । ଯାହା ଜମିବାଡ଼ି ଥିଲା ସବୁ ବିକ୍ରି କରି ବିଜୟଲକ୍ଷ୍ମୀଙ୍କ ଚିକିତ୍ସାରେ ଯାଉଛି । ଦିନକୁ ଦି ଥର ବି ଆଉ ପେଟପୂରା ଖାଇବାକୁ ନାହିଁ ।

ଝିଅ, ଆମେ କି ଦୋଷ କରିଥିଲୁ ଯେ ତୁ ଏଭଳି ବଦଳା ନେଲୁ । କିଏ କ'ଣ ଭାବୁଛି ଭାବୁ, ତୁ ତ ଆମର ସୁନାପିଲା ଥିଲୁ । ଆମ କଥା ଟିକିଏ ବି ଚିନ୍ତା କଲୁନାହିଁ । ଘର ବାରଣ୍ଡାରେ ବସି କାନ୍ଥରେ ଆଉଜି ମନକୁ ମନ କହି ଚାଲିଥିଲେ ବିଶ୍ୱମିତ୍ର ସାର୍ । ଆଖିରୁ ଲୁହ ସୁଖୁନାହିଁ, ନିଦ ବି ହଜିଗଲାଣି ।

ଶେଷରେ ମୃତ୍ୟୁ ଆଗରେ ହାର ମାନିଗଲେ ବିଜୟଲକ୍ଷ୍ମୀ । ଯାହା ଟିକିଏ ବାକି ଥିଲା, ତାହା ବି ସରିଗଲା । ସାନ ଝିଅ ଶେଫାଳିକୁ ତାଙ୍କ ମାମୁଁ ଘର ଲୋକ ଆସି ନେଇଗଲେ । ସେମାନେ ବିଶ୍ୱାମିତ୍ର ସାର୍‌ଙ୍କୁ ନେବାକୁ ବହୁତ ଚେଷ୍ଟା କଲେ । କିନ୍ତୁ ସେ ଗଲେ ନାହିଁ । କାଳେ ଝିଅ ଆସିବ । କହିଲେ, "ଶେଷ ନିଶ୍ୱାସ ଯାଏଁ ଅପେକ୍ଷା କରିବି ।"

ବିଶ୍ୱମିତ୍ର ସାର୍ ଝିଅ ଓ ପତ୍ନୀଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଗଲେଣି । ସେ ଖଣ୍ଡିଆ ଦଦରା ସାଇକଲ ଧରି ସବୁଦିନ ଝିଅ ପଢ଼ିଥିବା ବିପି କଲେଜ ସାମ୍ନାକୁ ଯାଇ ଗଛ ତଳେ ବସୁଛନ୍ତି । ଅପେକ୍ଷା, ଝିଅ ନିଶ୍ଚୟ ଫେରିବ । ■

# ଅନ୍ତରୀକ୍ଷରେ ଅନ୍ଧାର


ନୃସିଂହ ତରାଇ

ଅନ୍ଧାର ଚଢୁଥାଏ
ମାଟିରୁ ପାହାଡ଼ ଶିଖରକୁ
ବଣ ମାଳ ଡେଇଁ
ଅମ୍ଳଜାନ ସରି ଆସୁଥାଏ
ଓ ସେଇଠୁ ଆରମ୍ଭ ହେବାକୁ
ଥାଏ ବୋଧେ
ଗ୍ଲାନିର ଆକାଶ ।

ସାରା ଆକାଶ
ଆକାଶର ଶିରା ପ୍ରଶିରାରେ
ଲୁହ ଆଉ ଲହୁ
ରକ୍ତବୋଳା ମାଂସ ସାରା
ପୋଡ଼ା ଗନ୍ଧ...ବାରୁଦ ବାରୁଦ
ନେସି ହେଇ ରହିଛି
ମୃତ୍ୟୁମାନଙ୍କ ନାଗ ଫାଶ ।

ନଈ ସମୁଦ୍ର ପାହାଡ଼
ଘଞ୍ଚ ବଣ, ପଥ ଅପର୍ଯ୍ୟାପ୍ତ
ଦିଗବଳୟ ପରି ଦିଶୁଥିବା
ମାଇଲ ମାଇଲ ଦୂରତାରୁ
ଯୁଦ୍ଧର ଜୁଆର ଲଂଘେ
ସୀମା ସରହଦ... ।

ଆସ ଆସ ଦେଖିବ
କେତେ କେତେ ମୃତ୍ୟୁ
ମଣିଷର , ପ୍ରକୃତିର
ପୃଥିବୀର ମୃତ୍ୟୁ
ମାନବିକତାର ମୃତ୍ୟୁ
ଆଲୁଅର ଅଶାର ଆକାଂକ୍ଷାର
ମୃତ୍ୟୁ ମୃତ୍ୟୁ ମୃତ୍ୟୁ ... ■

ମୋ ୭୯୭୮୩୮୧୨୧୩



# ଗୁଞ୍ଜରଣ


ପୂରବୀ ଶତପଥୀ

ଅଗଣନ ଅଶରୀରୀର ଅପାଦ ନୃତ୍ୟରେ
କୁହୁଡ଼େଇ ଅଦୃଶ୍ୟ ହୋଇଯାଉଥିବା
ଏକ ଅଦ୍ଭୁତ ପୃଥିବୀ ଏଠି ଏବେ ।

ବନମାନସରେ, ଏଇ ଜୈତ୍ରଯାତ୍ରାରେ,
ମୁହୁର୍ମୁହୁଃ କାନଫଟା ଆତଙ୍କ ଭିତରେ,
ଏ କେଉଁ ଆତ୍ମବିସ୍ମୃତ ସ୍ୱରର ଗୁଞ୍ଜର ?

ମୁଁ କିଏ?
ହଜାର ଲଟାଦେହୀ ମୁଁ କି ଏକ ସେତୁ?
ଅସୁମାରି ପାଣିର ଗାର ନେଇ
ମୁଁ କି ଏକ ନଈ?
ମାଟିର ଦେହରଙ୍ଗ ବଦଳେଇ ପାରୁଥିବା
ମୁଁ ମୁଠାଏ ସ୍ୱଚ୍ଛ ଅବିର ?
ଅଥବା ସ୍ରୋତର ଛାତିରେ
ଛମ୍‌ଛମ୍ ବାଜୁଥିବା ମାଳେ ଘୁଙ୍ଗୁର ?

ମୁଁ କିଏ?
ଜଳପକ୍ଷୀ ଯୂଥର ଅପ୍ରତିଭ ଉଲ୍ଲାସ?
ଅବାଞ୍ଛିତ ବିପ୍ଳବ
ଉହ୍ୟ ଆବେଗ,
ଅଲୋଡ଼ା ସଂପ୍ରୀତି
ନା ଅସମୟର ହାହୁତାଶ?

କିଏ ମୁଁ? ମୁଁ କିଏ?

ମୁଁ କି ଏବେ
ଆନତ ମୁଦ୍ରାରେ ସ୍ଥିରେଇ ଯାଇଥିବା
ଆବେଗ ଓ ତରଙ୍ଗର
ଟୋପେ,ଅକସ୍ମାତ ଦ୍ରବଣ,
ଏକପାଦୀ ମୌନୀ ମୁନି!

ଜିଜୀବିଷା ସହ
ବାଲ୍‌କୋନୀ ରେଲିଂ ଉପରୁ
ଘର ଭିତରକୁ ଡେଇଁପଡ଼ି
ଡାଏରୀ ଭିତରକୁ ଛିଟିକି ଆସୁଥିବା
ଦଲକାଏ ଶବ୍ଦର ସିମ୍ଫୋନି ! ■

ରାସୋଳ, ଢେଙ୍କାନାଳ
ମୋ: ୮୮୪୭୮୨୫୬୮୮

# ସତ୍ୟବାଦୀ ବାଣୀମଞ୍ଚର କବି ନୀଳକଣ୍ଠ


ଡ. ପ୍ରଫୁଲ୍ଲ କୁମାର ସାହୁ

ସତ୍ୟବାଦୀ ବାଣୀମଞ୍ଚର ନୀତିନିଷ୍ଠ ଆଚାର୍ଯ୍ୟ ପଣ୍ଡିତ ନୀଳକଣ୍ଠ ଦାସ । ଉତ୍କଳୀୟ ସଂସ୍କୃତିର ଜଣେ ମୌଳିକ ଭାଷ୍ୟକାର । ଜାତି ଓ ଜାତୀୟ ଚରିତ୍ର ଗଠନ କ୍ଷେତ୍ରରେ ଏହି ଶୁଚିନିଷ୍ଠ ସତ୍ୟ ସନ୍ଧାନୀ କର୍ମବୀରଙ୍କ ଜୀବନ ଥିଲା ଏକ ଅନିର୍ବାଣ ଯଜ୍ଞ । ସାହିତ୍ୟ ସାଧନା, ରାଜନୀତି, ସାମ୍ବାଦିକତା ଓ ସମାଜ ସଂସ୍କାର ଥିଲା ସେ ଯଜ୍ଞର ଏକ ଏକ ଅବିଚ୍ଛେଦ୍ୟ ଓ ଅପରିହାର୍ଯ୍ୟ ଅଙ୍ଗ ।

ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଉତ୍କଳ ସମ୍ମିଳନୀ ମଣ୍ଡପରୁ ଯେଉଁ ଉଗ୍ର ଜାତୀୟତାବୋଧର ପ୍ରବାହ ସୃଷ୍ଟି ହୋଇଥିଲା, ତାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଏକ ସଂକଳ୍ପସ୍ନାତ ସାରସ୍ୱତ ପରିମଣ୍ଡଳ । ସତ୍ୟବାଦୀର ସାଧକ ଶିକ୍ଷକଙ୍କ ଲେଖନୀ ଚାଳନା ଫଳରେ ଓଡ଼ିଆ ବାଣୀ ଭଣ୍ଡାର ଯେ, କେବଳ ପରିପୁଷ୍ଟ ହେଲା ତା' ନୁହେଁ, ଏଥିସହିତ ଓଡ଼ିଆ ସାହିତ୍ୟ ଇତିହାସରେ ଆତ୍ମ ପ୍ରକାଶ କଲା ସତ୍ୟବାଦୀ ଯୁଗ ନାମରେ ଆଉ ଏକ ମହିମା ମଣ୍ଡିତ ଅଧ୍ୟାୟ ।

ବିସ୍ମୃତି ଗର୍ଭରୁ ପ୍ରାଚୀନ ଐତିହ୍ୟର ସ୍ମୃତିଚାରଣ, ବୀରତ୍ୱ କାହାଣୀର ଉଦ୍‌ଘାଟନ ଓ ସ୍ୱରାଜ୍ୟ ପ୍ରାପ୍ତିର ଦୁର୍ନିବାର ବାସନା ଥିଲା ଆଲୋଚ୍ୟ ଯୁଗର ସାହିତ୍ୟିକ ଆଦର୍ଶ । ସେହି ଐତିହ୍ୟବୋଧର ଏକ ଗୀତିମୟ ଗାୟତ୍ରୀ ହେଉଛି କବି ନୀଳକଣ୍ଠଙ୍କ ଐତିହାସିକ କାବ୍ୟ 'କୋଣାର୍କେ' । ନିଦ୍ରିତ ଛାତ୍ରମାନଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ତା'ର ବିଷୟ ଉପସ୍ଥାପନା ପରିପାଟୀ ଓ ଚରିତ୍ର ନିର୍ମାଣ କୌଶଳ ଯେମିତି ଅଭିନବ, ଇତିହାସର ନବୀକରଣ ସେମିତି ଜାତୀୟ ଭାବଦ୍ୟୋତକ । ସତ୍ୟବାଦୀ ସାହିତ୍ୟର ମୁଖପତ୍ର ଭାବରେ ପରିଚିତ 'କୋଣାର୍କେ' ।

ଅନ୍ୟପକ୍ଷରେ ଅନୁଭୂତିର ତୀବ୍ରତା ଓ ଅଭିଜ୍ଞତାର ବିଶ୍ୱସ୍ତତାକୁ ଆଧାର କରି ଗଢ଼ି ଉଠିଥିବା ନୀଳକଣ୍ଠଙ୍କ କାବ୍ୟ ଚେତନାର ସମଗ୍ରତାରେ ବିନ୍ୟସ୍ତ ଏକ ମହତ୍ତର ଆଦର୍ଶବୋଧ । ଯା'ର ଆବେଦନ ଅତ୍ୟନ୍ତ ଗଭୀର ଓ ଗମ୍ଭୀର । ତେଣୁ ବ୍ୟଭିଚାର ପରିବର୍ତ୍ତେ ତାଙ୍କ କାବ୍ୟ ନାୟକ ଓ ନାୟିକା ସଂଯମ ଓ ଶୃଙ୍ଖଳାର ଖଣ୍ଡାଧାରରେ ଚାଲନ୍ତି, ଯା'ର ଜ୍ୱଳନ୍ତ ଦୃଷ୍ଟାନ୍ତ ବହନ କରେ ଇତିହାସ ପରିପୁଷ୍ଟ କାବ୍ୟ 'ଖାରବେଳ" । କାବ୍ୟର ବିଷୟବସ୍ତୁ ହୋଇପାରେ ଅତ୍ୟନ୍ତ କ୍ଷୀଣ, ମାତ୍ର ନିର୍ମଳ ପ୍ରେମର ପ୍ରକାଶ ବୈଚିତ୍ର୍ୟ ହିଁ ତା'ର ଯଥାର୍ଥ ସୃଷ୍ଟି ଗୌରବ ।

ଆଧ୍ୟାତ୍ମିକ ଅଭୀପ୍ସାର କବି ପଣ୍ଡିତ ନୀଳକଣ୍ଠ । ତାଙ୍କ 'ଭକ୍ତି ଗାଥା'ର ପ୍ରତ୍ୟେକଟି ଗୀତିକାରେ ପ୍ରକାଶ ପାଇଛି, ସେହି ଭକ୍ତି ପ୍ରାଣତାର ଛଳ ଛଳ ପ୍ରବାହ । 'ଗୀତା ଭାଷ୍ୟ' ଓ 'ଗୀତା ପ୍ରବେଶ' ତାଙ୍କ ଜୀବନ ଦର୍ଶନ ଓ ପ୍ରଜ୍ଞାର ଏକ ପ୍ରସାରିତ ଫଳକ । କବିଙ୍କ ଦୃଷ୍ଟିରେ ଯାହା ମାନବ ସମାଜର ମଙ୍ଗଳ ବିଧାନ କରେ ତାହା ହିଁ ଧର୍ମ । ଅର୍ଥାତ୍ ଧର୍ମକୁ ଏକ ଆଦର୍ଶ ମାର୍ଗ ଭାବେ ଗ୍ରହଣ କରିଛନ୍ତି ଏବଂ ସେହି ମାର୍ଗ ଅନୁସରଣ କରିବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି 'ପିଲାଙ୍କ ରାମାୟଣ' ଓ 'ପିଲାଙ୍କ ଭାଗବତ'ରେ ।

ପଣ୍ଡିତ ନୀଳକଣ୍ଠ କେବଳ ପରମ୍ପରାର ପ୍ରମୂର୍ତ୍ତ ପୂଜାରୀ ନୁହନ୍ତି, ସେ ପୁରୋଗାମୀ ଚେତନାର ବାର୍ତ୍ତାବହ । ସତ୍ୟବାଦୀ ବନ ବିଦ୍ୟାଳୟକୁ କେନ୍ଦ୍ର କରି ସୂତ୍ରପାତ ହୋଇଥିବା ସଂସ୍କାର ଆନ୍ଦୋଳନର ସେ ଥିଲେ ମୁକ୍ତ ପ୍ରବକ୍ତା । 'ମୋ ନିଶ' ପ୍ରବନ୍ଧରେ ସମାଜର କୁସଂସ୍କାର ବିରୋଧରେ ବିଦ୍ରୂପର ଶାଣିତ ଖଡ୍‌ଗ ପ୍ରୟୋଗ କରି ସେ ତା'ର ଭିତ୍ତିଭୂମି ସ୍ଥାପନ କରିଥିଲେ ଏବଂ ସେହି କାରଣରୁ ତାହା ନିଶ ଆନ୍ଦୋଳନ ନାମରେ ପରିଚିତ । ବୌଦ୍ଧିକସ୍ତରରେ ସେ ଆନ୍ଦୋଳନକୁ ଆହୁରି ଆଗକୁ ନେବା ପାଇଁ ସେ ଲେଖିଛନ୍ତି 'ଅଛୁ ଓ ହେବୁ' ଏବଂ 'ପ୍ରତିଭା ପୂଜା ଓ ପ୍ରତିମା ପୂଜା' ଆଦି ଅନେକ ସଂସ୍କାରଧର୍ମୀ ପ୍ରବନ୍ଧ । ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ 'ଆର୍ଯ୍ୟ ଜୀବନ' ଏକ ଉଚ୍ଚକୋଟୀର ଗ୍ରନ୍ଥ । ଏଥିରେ ସେ ଆର୍ଯ୍ୟ ଜୀବନର ପ୍ରକୃତି, ତା'ର ଆଧ୍ୟାତ୍ମିକ ସାଧନା ଓ ଆଦର୍ଶ ସଂପର୍କରେ ଯେଉଁ ମନନଧର୍ମୀ ଆଲୋଚନା କରିଛନ୍ତି, ସାଂପ୍ରତିକ ପରିପ୍ରେକ୍ଷୀରେ ଆଦୌ ମହଳଣ ପଡ଼ି ଯାଇନି ତା'ର ପ୍ରାସଙ୍ଗିକତା ।

କବିଙ୍କ 'ଭକ୍ତିଗାଥା'ର ପ୍ରତ୍ୟେକଟି ଗୀତିକାରେ ପ୍ରକାଶ ପାଇଛି ତାଙ୍କ ଭକ୍ତିପ୍ରାଣତାର ଛଳଛଳ ଆବେଗ । ହଜାରିବାଗ ଜେଲରେ ଥାଇ ଗୀତା ଉପରେ ସେ ଯେଉଁ ଗଭୀର ଅଧ୍ୟୟନ କରିଥିଲେ, ତା'ର ଅମୃତମୟ ଫଳ ହେଉଛି ତାଙ୍କ 'ଗୀତା ଭାଷ୍ୟ' ଓ 'ଗୀତା ପ୍ରବେଶ' । ସଂସ୍କୃତକୁ ଅନେକ ମୃତଭାଷା କହୁଥିବାବେଳେ ସେ ତାକୁ ମର୍ଯ୍ୟାଦାବନ୍ତ ସ୍ଥାନ ଦେଇଛନ୍ତି 'ସଂସ୍କୃତି ଓ ସଂସ୍କୃତି' ଗ୍ରନ୍ଥରେ । କେବଳ ମୌଳିକ ପ୍ରବନ୍ଧ ରଚନା ନୁହେଁ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସେ ଥିଲେ ଅନେକଙ୍କ ପାଇଁ ଦିଗଦର୍ଶନ । 'ଓଡ଼ିଆ ସାହିତ୍ୟର କ୍ରମବିକାଶ' ଏକ ଚମତ୍କାର ଆଲୋଚନା ଗ୍ରନ୍ଥ, ଯାହା ତାଙ୍କ ସ୍ୱତନ୍ତ୍ର ଶୈଳୀ ଓ ଗଭୀର ଅନ୍ତର୍ଦୃଷ୍ଟିରେ ଗରୀୟାନ ।


ଓଡ଼ିଆ ଲିପି ସଂସ୍କାର କ୍ଷେତ୍ରରେ ସେ ଥିଲେ ଆଦ୍ୟ ଉଦ୍ୟକ୍ତା । ତାଙ୍କରି ଲେଖାରୁ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷାର ବୈଜ୍ଞାନିକ ଶୃଙ୍ଖଳା ଓ ତୁଳନାତ୍ମକ ଅଧ୍ୟୟନ ଧାରା । ସେ ହିଁ ପ୍ରଥମେ ଯୁକ୍ତାକ୍ଷର ପରିବର୍ତ୍ତେ ଅନୁସ୍ୱାର ବ୍ୟବହାର କଲେ ଏବଂ ଏ କ୍ଷେତ୍ରରେ ଏକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପରିଚୟ ବହନ କରେ ତାଙ୍କ ଗବେଷଣାତ୍ମକ ଗ୍ରନ୍ଥ 'ଓଡ଼ିଆ ଭାଷା ଓ ସାହିତ୍ୟ' । ତାଙ୍କ ଆତ୍ମଜୀବନୀ 'ସ୍ମୃତି ଓ ଅନୁଭୂତି' କେବଳ ଆତ୍ମକଥା ଅନ୍ତର୍ଲିପି ନୁହେଁ, ଏହା ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଘଟଣାବଳୀର ଐତିହାସିକ ଦସ୍ତାବିଜ । ତାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିଲା 'ନବଭାରତ' ମାସିକ ପତ୍ରିକା ଥିଲା ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ଆଲୋକ ବର୍ତ୍ତିକା । ଇତିହାସ, ଦର୍ଶନ, ସାହିତ୍ୟ ଓ ଭାଷାତତ୍ତ୍ୱ ଆଦି ପ୍ରତ୍ୟେକ ବିଷୟରେ ତାଙ୍କ ପ୍ରଜ୍ଞାର ପରିସୀମା ଏତେ ବ୍ୟାପକ ଯେ ତା'ର ଗୋଟିଏ ପାର୍ଶ୍ୱରେ ଥାଇ ଲକ୍ଷ୍ୟ କଲେ ଅପର ପାର୍ଶ୍ୱଟି ଦିଶେ ଦୂର ଦିଗବଳୟର ଟେନାଏ ନୀଳିମା ପରି । ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପୁସ୍ତକ ପରିଚୟ

### କର୍ଣ୍ଣିକା

 କ୍ଷମାନିଧି ଭୋଇ




କାବ୍ୟଲୋକ
ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୨
ମୂଲ୍ୟ: ୨୦୦ ଟଙ୍କା

ତୋଷାମଦ, ଟାଉଟର, କୁଟିଳ ପ୍ରକୃତିର ମଣିଷ ଯଦି ସିଂହାସନରେ ବସେ,ତେବେ ଶାସନ ବ୍ୟବସ୍ଥା ନିଶ୍ଚୟ ଦୁର୍ବଳ ହୋଇପଡ଼ିବ । ସେ ରାଜତନ୍ତ୍ର ହେଉ କି ଗଣତନ୍ତ୍ର । ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି କ୍ଷମାନିଧି ଭୋଇଙ୍କ 'କର୍ଣ୍ଣିକା' ପୁସ୍ତକର କେତେକ କବିତାରେ । ଏହି ପୁସ୍ତକର 'ମାୟା ଖେଳଘର', 'ସିଂହାସନ', 'ବସନ୍ତ', 'ମୁଁ ବଢ଼ିଲା ଝିଅର ବାପା', 'ଅସ୍ପଷ୍ଟ ଅସ୍ତିତ୍ୱ', 'ଫାଶ', 'ଭଙ୍ଗା ହୃଦୟ', 'ଗାନ୍ଧିଜୀ ନାହାନ୍ତି ବୋଲି', 'ଚିରନ୍ତନ ପ୍ରେମ', 'ସବୁ ଯଦି ଠିକ୍', 'ବର୍ଷା ଭାବନା', 'ପ୍ରାତିପଦ୍ମା', 'ଆମେ ସ୍ୱାଧୀନ', 'ଶାନ୍ତିର ସନ୍ଧାନ', 'ଉଠ ଜାଗ୍ରତ ହୁଅ', 'ଅଭିବ୍ୟକ୍ତି', 'ମୋ ଚିତ୍ରିତ ପୃଥିବୀ', 'ଅଭିବ୍ୟକ୍ତ', 'ସ୍ୱାର୍ଥପର', 'ଭାଗ୍ୟ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । କେଉଁଠି କବି ସାଂପ୍ରତିକ ସମାଜର ଅବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି, ପୁଣି କେଉଁଠି ଦୁର୍ବଳ ଶାସନ ବ୍ୟବସ୍ଥାକୁ କଟାକ୍ଷ କରିଛନ୍ତି । ପୁଣି କେଉଁ କବିତାରେ ମାନବିକତାର ଚିତ୍ର ପ୍ରତିଫଳିତ ହୋଇଛି । ଭାବ, ଭାଷା, ଅନୁଭବର ଏକ ପରିପକ୍ୱ କାବ୍ୟ ଚେତନାକୁ ଅନୁଭବ କରିହୁଏ ଏହି ପୁସ୍ତକର କବିତାଗୁଡ଼ିକରେ । 'କର୍ଣ୍ଣିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ସ୍ୱାମୀ ବିବେକାନନ୍ଦ

ଶାରଦା ପ୍ରସନ୍ନ ପଣ୍ଡା



ସାଇ ଯମୁନା ପବ୍ଲିକେଶନ
ଝାଞ୍ଜିରୀ ମଙ୍ଗଳା, କଟକ-୯
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୮୦ ଟଙ୍କା

ମହାନ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନକୁ ନେଇ ଶାରଦା ପ୍ରସନ୍ନ ପଣ୍ଡାଙ୍କ 'ବିଶ୍ୱ ବିଜୟୀ ବିବେକାନନ୍ଦ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକର 'ବାଲ୍ୟଜୀବନ', 'ଆଦର୍ଶଛାତ୍ର ନରେନ୍ଦ୍ରନାଥ', 'ଗୁରୁ-ଶିଷ୍ୟ ଭେଟାଭେଟି', 'ଗୁରୁ ପରୀକ୍ଷା', 'ବାପ ଛେଉଣ୍ଡ ନରେନ୍ଦ୍ରନାଥ', 'ଶ୍ରୀରାମକୃଷ୍ଣଙ୍କ ସମାଧି ଓ ନରେନ୍ଦ୍ରନାଥଙ୍କ ସିଦ୍ଧି' ଆଦି ଅଧ୍ୟାୟରେ ବିବେକାନନ୍ଦଙ୍କ ଶୈଶବ ଜୀବନ, ଶିକ୍ଷା, ସିଦ୍ଧିପ୍ରାପ୍ତ, ଗୁରୁ ରାମକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ ସଂପର୍କରେ ସଂକ୍ଷିପ୍ତ ଅଥଚ ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି । ଛାତ୍ର ଜୀବନରେ ତାଙ୍କର ଉତ୍ତମ ଚରିତ୍ର, ମେଧା, ମାନବିକତା, ସୌମ୍ୟ ଚେହେରା ସମସ୍ତଙ୍କୁ ଆକର୍ଷିତ କରୁଥିଲା । ବିବେକାନନ୍ଦଙ୍କ ନିରାଡ଼ମ୍ବର ଜୀବନ ଶୈଳୀ, ବ୍ୟକ୍ତିତ୍ୱ, ଆଧ୍ୟାତ୍ମିକତା, ମହତ ବାଣୀ ମାନବ ସମାଜ ପାଇଁ ପ୍ରେରଣାଦାୟକ ନିଶ୍ଚୟ । ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ୧୮ ରେ ବରଗଡ଼ରେ ବିଜେଡିର ଚାଷୀ ସମାବେଶ




**ବରଗଡ଼, ୧୬।୮ (ସମିସ):** ବରଗଡ଼ ଜିଲ୍ଲା ରାଜ୍ୟର ଏକ ଚାଷୀବହୁଳ ଅଞ୍ଚଳ। ରାଜ୍ୟର ସର୍ବାଧିକ ଉତ୍ପାଦନ ଏହି ଜିଲ୍ଲାରୁ ହିଁ ହୋଇଥାଏ। ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନରୁ ବଞ୍ଚିତ କରିବା ପାଇଁ ଚାଷୀ ପଞ୍ଜୀକରଣ ନୀତିକୁ ସରକାର ଜଟିଳ କରିଛନ୍ତି। ଫଳରେ ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ। ଏହା ସରକାରଙ୍କ ଏକ ସୁପରିକଳ୍ପିତ ଫନ୍ଦି। କିନ୍ତୁ ଚାଷୀଙ୍କ ସହ ବିଜେଡି ରହିଆସିଛି, ଆଗକୁ ବି ରହିବ। ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବ। ଆସନ୍ତା ୧୮ ତାରିଖରେ ଚାଷୀମାନଙ୍କୁ ନେଇ ବରଗଡ଼ରେ ଏକ ବିରାଟ ସମାବେଶ କରାଯିବ। ଉକ୍ତ ଦିନ ଗଣେଶରାମ ଭବନରୁ ଏକ ବିରାଟ ଶୋଭାଯାତ୍ରାରେ ଚାଷୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରିବେ। ବରଗଡ଼ ଗଣପତି ହୋଟେଲଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଆଜି ଏହି ସୂଚନା ଦେବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି।

ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚାଷୀମାରଣ ନୀତି ପାଇଁ ବିଜେପି ସରକାର ଉପରେ ବର୍ଷିଛନ୍ତି। ସେମାନେ କହିଥିଲେ ଯେ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଆଜି ହଜାରହଜାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରତିଦିନ ଚାଷୀ ନିଜ ହକ୍ ପାଇଁ ରାଜରାସ୍ତାରେ ଗର୍ଜନ କରୁଥିବା ବେଳେ ସରକାର ପୁଲିସ ଲଗାଇ ସେମାନଙ୍କୁ ଗିରଫ କରୁଛି। ଦେଶର ଅନ୍ନଦାତାଙ୍କୁ ଜେଲରେ ପୂରାଉଛି। ଖାଲି ସେତିକି ନୁହେଁ, ଚାଷୀ ଆଖିର ଲୁହକୁ ଖୁସିର ଲୁହ ବୋଲି କହୁଛି। ଏଥିପାଇଁ ସରକାରଙ୍କୁ ଲଜ୍ଜା ଲାଗିବା ଉଚିତ। ସରକାର ଯଦି ଚାଷୀଙ୍କ ପଞ୍ଜୀକରଣ ଓ ଅନ୍ୟ ସମସ୍ୟାର ତୁରନ୍ତ ସମାଧାନ ନ କରନ୍ତି, ଆଗାମୀ ଦିନରେ ବିଧାନସଭାରେ ଚାଷୀଙ୍କ ସମସ୍ୟାକୁ ଉପସ୍ଥାପନ କରାଯିବ ବୋଲି ବିରୋଧୀ ଦଳ ଉପନେତା ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## ସପ୍ତାହକ ମଧ୍ୟରେ ଗଠନ ହେବ ଶ୍ରୀମନ୍ଦିର ପରିଚାଳନା କମିଟି

**ପୁରୀ,୧୬।୮ (ସମିସ):** ଆଉ ଦିନ କେଇଟା ପରେ ବର୍ଷେ ପୂରିବ ବିନା ପରିଚାଳନା କମିଟିରେ ଚାଲିଛି ଶ୍ରୀମନ୍ଦିର ପରିଚାଳନା। ଗତବର୍ଷ ସେପ୍ଟେମ୍ବର ୧୪ରେ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା। ଏବେ ପୁଣି ସେପ୍ଟେମ୍ବର ହେବାକୁ ଯାଉଛି। ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରିନାହିଁ। ବିନା ପରିଚାଳନା କମିଟିରେ ରଥଯାତ୍ରା ସମେତ ବିଭିନ୍ନ ପର୍ବପର୍ବାଣୀ ଅନୁଷ୍ଠିତ ହେଉଛି। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଟାର୍ଗେଟ କରାଯାଉଛି। ହେଲେ ଏପର୍ଯ୍ୟନ୍ତ ପରିଚାଳନା କମିଟି ଗଢ଼ାଯାଇପାରି ନାହିଁ। ତେବେ ଏହାରି ଭିତରେ ପରିଚାଳନା କମିଟିକୁ ନେଇ ବଡ଼ ଘୋଷଣା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସପ୍ତାହେ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ ହେବ ବୋଲି ଶୁକ୍ରବାର ପୁରୀରେ ସ୍ୱାଧୀନତା ଦିବସ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟି ଗଠନ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। କମିଟି ଗଠନ ପରେ ବୈଠକ ବସି ଅନୁମୋଦନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି କରାଯିବ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଦୁଇଜଣ ଅଧିକାରୀ ନିୟୋଜିତ ହୋଇସାରିଛନ୍ତି। ସେମାନଙ୍କ ଉପସ୍ଥିତିରେ ଗଣତି ମଣତି ହେବ।

## ପରଲୋକରେ କଟକର ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁ ମଉସା



**କଟକ, ୧୬।୮ (ସମିସ):** ନା ସେଥିରେ ଘୁଘୁନି ମିଶୁଥିଲା ନା ପଡୁଥିଲା ପିଆଜ, ସେଓ। କିନ୍ତୁ ସେ ଦହିବରା ଆଳୁଦମର ସ୍ୱାଦ ଥିଲା ନିଆରା। ବାସ୍ନା ନାକରେ ବାଜୁବାଜୁ ପାଟିରୁ ଆପେଆପେ ଲାଳ ଗଡ଼ି ଆସୁଥିଲା। ଥରେ ଯିଏ ଖାଇଛି, ବାରମ୍ବାର ସେଠାକୁ ଦୌଡ଼ିଛି। ସାଙ୍ଗସାଥୀ, ସ୍ତ୍ରୀ-ପିଲା-ଛୁଆଙ୍କୁ ନେଇ ବି ଚଖେଇଛି। ଖାଲି କଟକ ନୁହେଁ, ଦୂରଦୂରାନ୍ତରୁ ବି ଲୋକେ କଟକ ଆସିଲେ, ସେଠି ଖାଇବାକୁ ଭିଡ଼ ଜମାଉଥିଲେ। କିନ୍ତୁ, ବଡ଼ ତରତରରେ ସେ ଆଳୁଦମ୍-ଦହିବରା ବାଢୁଥିବା ଲୋକଟାକୁ ଆଉ ଦେଖିବାକୁ ମିଳିବନି। କଟକ ବିଡାନାସୀରେ ବେପାର କରି ଆସୁଥିବା ପ୍ରସିଦ୍ଧ ରଘୁ ଦହିବରା ଓ ଆଳୁଦମର ମାଲିକ ରଘୁନାଥ ସାସମଲଙ୍କ ପରଲୋକ ଘଟିଛି। ରଘୁ ମଉସା ନାମରେ ଖ୍ୟାତ ସ୍ୱର୍ଗତ ସାସମଲ ତାଙ୍କ ବିଡାନାସୀ ଗୋପାଳସାହିସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୧ ବର୍ଷ ହୋଇଥିଲା। କଟକ ଦହିବରାକୁ ଦେଶବିଦେଶରେ ପରିଚିତ ଓ ପ୍ରସିଦ୍ଧ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି।

ରଘୁଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ନିଶାମଣି, ପୁଅ ଲିଙ୍ଗରାଜ, ବନମାଳୀ ଓ ପୁତୁରା କେଦାରନାଥଙ୍କ ସମେତ ଝିଅ ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏପରିକି, ସାମାଜିକ ଗଣମାଧ୍ୟମରେ ରଘୁଙ୍କ ପରଲୋକ ଜନିତ ଖବର ଓ ଶୋକବାର୍ତ୍ତା ସମ୍ପୂର୍ଣ୍ଣ ଛାଇ ହୋଇଯାଇଛି।

## ବଲାଙ୍ଗିରରେ କୁକୁର କାମୁଡ଼ାରେ ୩ ମୃତ୍ୟୁ, ୬ ଗୁରୁତର

**ଭୁବନେଶ୍ୱର, ୧୬।୮ (ସମିସ):** ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକର ଚିଞ୍ଚେଡ ଗ୍ରାମରେ କୁକୁର କାମୁଡ଼ାରେ ୩ ଜଣଙ୍କ ଜୀବନ ଯାଇଛି। ଗୁରୁତର ଆହତ ୬ଜଣଙ୍କୁ ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ଏପରି ସ୍ପର୍ଶକାତର ଘଟଣାରେ ପ୍ରଶାସନର ନିରବତାକୁ ଦୃଢ଼ ସମାଲୋଚନା କରିଛି ବିଜେଡି। ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ପିଏସି ସଦସ୍ୟା ଟୁକୁନି ସାହୁ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଜିଲ୍ଲା ପ୍ରଶାସନର ନିରବତାକୁ ତୀବ୍ର ସମାଲୋଚନା କରିଛନ୍ତି। ସରକାର ମୃତକଙ୍କ ପରିବାରବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ସହ ଆହତମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରନ୍ତୁ ବୋଲି ଶ୍ରୀମତୀ ସାହୁ ଦାବି କରିଛନ୍ତି।

## ହୀରାକୁଦ ଜଳସ୍ତର ୬୧୩.୪୧ ଫୁଟ୍

**ସମ୍ବଲପୁର, ୧୬।୮ (ସମିସ):** ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୬,୬୩୮ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୯୮୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୮.୦୬ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୪.୩୭ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୩୭ ଫୁଟ୍ ରହିଥିଲା।

## ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୮ (ସମିସ):** ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍-ରାସନ୍ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଛତୁଆର ପ୍ରସ୍ତୁତି ଠାରୁ ଆରମ୍ଭ କରି ପ୍ୟାକେଜିଙ୍ଗ୍, ବଣ୍ଟନ ପର୍ଯ୍ୟନ୍ତ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଯେପରି ମୁକାବିଲା କରିପାରିବେ, ସେଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି।

ସେହିପରି ଓମ୍ବାଡ୍‌ସି ଜିଲ୍ଲାଗୁଡିକରେ ଶତ ପ୍ରତିଶତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଏଆଇସିସି ନିଯୁକ୍ତ କଲା ୨୮ ଜଣିଆ ପର୍ଯ୍ୟବେକ୍ଷକ

**ନିଯୁକ୍ତ ହେବେ ଜିଲ୍ଲା କଂଗ୍ରେସ ସଭାପତି**

**ଭୁବନେଶ୍ୱର,୧୬।୮ (ସମିସ):** ଦେଶର ୪ଟି ରାଜ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ଏଆଇସିସି ପକ୍ଷରୁ ସୃଜନ ଅଭିଯାନ ଆରମ୍ଭ କରାଯାଇଛି। ପଞ୍ଜାବ, ଉତ୍ତରାଖଣ୍ଡ, ଝାଡଖଣ୍ଡ ଓ ଓଡ଼ିଶାରେ ଜିଲ୍ଲା ଏଥିରେ ଥିବାବେଳେ ଏଆଇସିସି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଓଡ଼ିଶା ପାଇଁ ୨୮ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି ମିଳିଥିବା ବେଳେ ଏମାନେ ଜିଲ୍ଲା କଂଗ୍ରେସ ସଭାପତି ଚୟନ କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ପାକିସ୍ତାନରେ...

ସେହି ଅଞ୍ଚଳକୁ ଯିବା ସମ୍ଭବ ହୋଇପାରୁ ନାହିଁ। ପ୍ରବଳ ବର୍ଷା କାରଣରୁ ଶୁକ୍ରବାର ପାକିସ୍ତାନର ବିଭିନ୍ନ ଜିଲ୍ଲାରେ ଅଚାନକ ବନ୍ୟା ଆସିଥିଲା। ଏଥିରେ ୯ଟି ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଜିଲ୍ଲାରେ ଦୁଇ ହଜାର ଉଦ୍ଧାରକାରୀ କର୍ମଚାରୀ ନିୟୋଜିତ ହୋଇଛନ୍ତି। କିନ୍ତୁ ଏବେ ବି ବହୁ ଇଲାକାରେ କର୍ମଚାରୀମାନେ ପହଞ୍ଚି ପାରି ନାହାନ୍ତି। ଖାଇବର ପଖତୁନରେ ବର୍ଷା କାରଣରୁ ଭୂସ୍ଖଳନ ମଧ୍ୟ ହୋଇଥିବାର ଖବର ମିଳିଛି। ଜଣେ ସେନା ଅଧିକାରୀ କହିଛନ୍ତି ଯେ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। କାରଣ ଅନେକ ଧ୍ୱସ୍ତବିଧ୍ୱସ୍ତ ଅଞ୍ଚଳକୁ ଉଦ୍ଧାରକାରୀ ଦଳ ଯାଇ ପାରି ନାହାନ୍ତି। ଏବେ ବି ଶତାଧିକ ଗାଁ ପାଣି ଘେରରେ ରହିଛନ୍ତି। ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରୁ ନାହିଁ।

### ୬୫ ମୃତ...

ଭୂସ୍ଖଳନରେ ଅନେକ ଘର ଓ ଲୋକେ ମାଟି ତଳେ ଚାପି ହୋଇରହିଛନ୍ତି। କିସ୍ତୱାର ଜିଲ୍ଲାର ଚୋସିଟି ଗ୍ରାମ ଧ୍ୱଂସ ହୋଇଯାଇଛି। ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଛି। ୬୫ ମୃତଦେହ ମଧ୍ୟରୁ ଏପର୍ଯ୍ୟନ୍ତ ୪୦ଟି ମୃତଦେହ ଚିହ୍ନଟ ହୋଇଛି। ୫୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏବେବି ୨୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି ବୋଲି କୁହାଯାଇଛି। ସେହିପରି ଏଥିରେ ୧୮୦ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତ ବ୍ୟକ୍ତିଙ୍କୁ କିସ୍ତୱାର- ଜମ୍ମୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫ୍ ୩ଟି ଟିମ୍, ସେନାର ୩୦୦ରୁ ଊର୍ଦ୍ଧ୍ୱ ଯବାନ, ହ୍ୱାଇଟ୍ ନାଇଟ୍ କୋର ମେଡିକାଲ ଟିମ୍, ପୁଲିସ, ଏସ୍‌ଡିଆରଏଫ୍ ଓ ଅନ୍ୟ ଏଜେନ୍ସିଗୁଡିକ ସାମିଲ ରହିଛନ୍ତି।

### ଆଶା ବଢ଼ାଇଲା...

ବୋଲି ପୁଟିନ କହିଛନ୍ତି। ଯଦି ୨୦୨୨ରେ ଟ୍ରମ୍ପ ରାଷ୍ଟ୍ରପତି ହୋଇଥାନ୍ତେ, ତେବେ ଯୁଦ୍ଧ ହୋଇ ନଥାନ୍ତା ବୋଲି ପୁଟିନ କହିଛନ୍ତି। ସେହିପରି ଏହି ବୈଠକକୁ ହ୍ୱାଇଟହାଉସ ମଧ୍ୟ ବହୁତ ପ୍ରଶଂସା କରିଛି ଓ ଏହା ଫଳପ୍ରଦ ହୋଇଛି ବୋଲି କହିଛି। ରୁଷ୍ ତରଫରୁ ମଧ୍ୟ ସମାନକଥା କୁହାଯାଇଛି। ଏବେ ଯୁଦ୍ଧ ରୋକିବା ଜେଲେନ୍‌ସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ କହିଛନ୍ତି। ଖୁବଶୀଘ୍ର ପୁଟିନ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ବୈଠକ ହେବ ବୋଲି ଟ୍ରମ୍ପ କହିଛନ୍ତି। ଆଲାସ୍କା ଯିବା ପୂର୍ବରୁ ପୁଟିନ ଆଙ୍କରେଜ୍ କବରସ୍ଥାନରେ ସୋଭିଏତ ସୈନିକଙ୍କ କବର ଉପରେ ଫୁଲ ଚଢ଼ାଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଟ୍ରମ୍ପ ଏହି ବୈଠକକୁ ୧୦ରୁ ୧୦ ନମ୍ବର ଦେଇଛନ୍ତି। ଅନ୍ୟପଟେ ରୁଷିଆର ସୁରକ୍ଷା ଆମପାଇଁ ସର୍ବୋପରି ବୋଲି ପୁଟିନ କହିଛନ୍ତି। ଆଗାମୀ ବୈଠକ ମସ୍କୋ ।।ରେ ଆୟୋଜନ କରିବାକୁ ପୁଟିନ ପ୍ରସ୍ତାବ ଦେଇଛନେ। ସମ୍ବାଦିକ ସମ୍ମିଳନୀରେ ଦୁହେଁ ନିଜ ବକ୍ତବ୍ୟ ରଖିବା ପରେ ଦୁଇ ନେତା ସେଠାରୁ ତୁରନ୍ତ ଚାଲିଯାଇଥିଲେ। ଅନ୍ୟପଟେ ଟ୍ରମ୍ପଙ୍କ ସହ ଦେଢଘଣ୍ଟା ଧରି କଥା ହୋଇଥିବା କଥା ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କି ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଜେଲେନ୍‌ସ୍କି ୧୮ ତାରିଖ ଅର୍ଥାତ ସୋମବାର ଆମେରିକା ଯାଇ ଟ୍ରମ୍ପଙ୍କୁ ଦେଖା କରିବେ।ସମ୍ପୂର୍ଣ୍ଣ ଭାବେ ଶାନ୍ତି ପ୍ରତିଷ୍ଠା କରିବାକୁ ୟୁକ୍ରେନ ପୂର୍ଣ୍ଣପ୍ରାଣରେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଭାରତ ସରକାର ମଧ୍ୟ ଆଲାସ୍କା ବୈଠକ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି।

### ୨ ଭିସୁଟ୍ ପ୍ରଫେସର...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିବା ପରେ ଭିସୁଟ୍ ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏ ନେଇ ପଦକ୍ଷେପ ଗ୍ରହଣ କରି ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ତଦନ୍ତ କରି କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦାଖଲ କରିଥିଲା। ସେହିପରି, ଆଉ ଏକ ବିଭାଗରେ ଜଣେ ମହିଳା ପ୍ରଫେସର୍‌ଙ୍କୁ ଜଣେ ବିଭାଗୀୟ ପ୍ରଫେସର ଅସଦାଚରଣ କରିଥିଲେ। ଏହି ଘଟଣା ମଧ୍ୟ ଆଇସିସି ଦ୍ୱାରା ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏହାପରେ ଭିସୁଟ୍ କର୍ତ୍ତୃପକ୍ଷ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଉଭୟ ଘଟଣା ଗଣିତ ବିଭାଗ ଓ ପ୍ରଡକ୍ସନ ଇଞ୍ଜିନିୟରିଂ ବିଭାଗରେ ହୋଇଥିବା କୁହାଯାଉଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅସ୍ୱୀକାର ନକଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରୁନାହାନ୍ତି।

### ଗଠନ ହେବ...

ଏବଂ ଅର୍ଥନୈତିକ ଉନ୍ନତି ଏବଂ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଶ୍ରୀ ପଟ୍ଟନାୟକ ଏଭଳି ଘୋଷଣା କରିଥିଲେ।

୨୦୨୪ ମସିହାରେ ୫୬ଟି ଏନ୍‌ଏସି ଘୋଷଣା କରାଯାଇଥିଲା ବେଳେ ଏହାର ଗୋଟିଏ ବର୍ଷ ପରେ ନୂତନ ସରକାର ଏନ୍‌ଏସି ଗଠନର ଡ୍ରାଫ୍ଟ ନୋଟିଫିକେସନ୍ ନେଇ ଆସିଛନ୍ତି। ଏହି ନୋଟିଫିକେସନ ଅନେକଙ୍କୁ ନିରାଶ କରିଛି। ଏଥିରେ ମାତ୍ର ୧୨ଟି ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି। ଅର୍ଥାତ୍ ନୂତନ ସରକାର ରାଜ୍ୟରେ ୪୪ଟି ଏନ୍‌ଏସି ଗଠନ ଉପରେ ନିରବ ରହିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି।

### ସମ୍ପତ୍ତି ପାଇଁ ପୁଅକୁ...

ଆସୁଥିଲେ। ଦିନକୁ ଦିନ ଏହି ବିବାଦ ଉଗ୍ର ହେବାରୁ ଜ୍ୟୋତିଙ୍କ ରାସ୍ତାରୁ ହଟାଇବା ପାଇଁ ବାପା, ସାବତ ମା' ଓ ସାବତ ଭାଇ ଷଡ଼୍‌ଯନ୍ତ୍ର ରଚିଥିଲେ। ଗତକାଲି ସେମାନେ ଜ୍ୟୋତିଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଜ୍ୟୋତିରଞ୍ଜନଙ୍କୁ ପ୍ରଥମେ ଅଠାନ୍ତର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସଂପର୍କରେ ତାଙ୍କ ପତ୍ନୀ ବିଜୟଲକ୍ଷ୍ମୀ ବେହେରା ଅଭିଯୋଗ କରିବାରୁ ପୁଲିସ୍ ହସ୍ପିଟାଲରେ ପହଞ୍ଚି ଜ୍ୟୋତିଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା। ସେଥିରେ ସେ କହିଥିଲେ ଯେ ତାଙ୍କ ବାପା, ସାବତ ମାଆ ଓ ସାବତ ଭାଇ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ତାଙ୍କ ଅବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା।

ଜ୍ୟୋତିଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ କହିଛନ୍ତି ଯେ ଜମିବାଡ଼ି ଓ ସମ୍ପତ୍ତି ପାଇଁ ବାପା, ସାବତ ମା' ଓ ଭାଇ ମାରିଛନ୍ତି। ପୂର୍ବରୁ ମାରପିଟ୍ ଘଟଣା ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରିକି, ବିଜୟଲକ୍ଷ୍ମୀଙ୍କ ମୁଣ୍ଡ ଫଟାଇ ଦେଇଥିଲେ ପ୍ରଭାତୀ। କିନ୍ତୁ ଅଭିଯୋଗ ପରେ ବି ହୋଇନଥିଲା କାର୍ଯ୍ୟାନୁଷ୍ଠାନ। ନିଜ ଘରେ ରହିବାକୁ ଭଡ଼ାଟିଆ ଭଳି ଭଡ଼ା ଦେଉଥିଲେ ମୃତ ଜ୍ୟୋତିରଞ୍ଜନ। ବାପା ଏବଂ ସାବତ ମା' ସାନ ପୁଅ ନାମରେ ସବୁ ସମ୍ପତ୍ତି କରିଦେଇଥିଲେ। ଏପରିକି, ସେମାନେ କୋଠା ଘରେ ରହୁଥିବା ବେଳେ ତାଙ୍କୁ ଏକ ଆଉଟ୍‌ହାଉସ୍ ଭଳି ଆଜବେଷ୍ଟସ୍ ଘର ରହିବାକୁ ଦେଇଥିଲେ। ତାହାର ମଧ୍ୟ ଭଡ଼ା ନେଉଥିଲେ ବୋଲି ପତ୍ନୀ ବିଜୟଲକ୍ଷ୍ମୀ କହିଛନ୍ତି। କେବଳ ସେତିକି ନୁହଁ ଭଡ଼ା ସାଙ୍ଗକୁ ଦେଉଥିଲେ ବାପାଙ୍କ ପ୍ରତିପୋଷଣର ଖର୍ଚ୍ଚ।


**OFFICE OF THE PANCHAYAT SAMITI: RAYAGADA SADAR** i-275
DIST- RAYAGADA, PIN CODE-765001, ODISHA
Tel No/ Fax No - 06856 - 223355, E-mail : ID: ori-brayagada@nic.in
INVITATION FOR BIDS (I.F.B)
e-Tender Notice
IDENTIFICATION No. PS- RGDA No. 03 OF 2025-26 Dt: 14/08/2025

1) The Block Development Officer, Rayagada Sadar, Rayagada invites Percentage Rate bid. in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice( D.T.C.N) from the eligible class of contractors.
2) No. of works: 07(Seven) Nos.
3) Cost of Tender paper: Rs. 6000 /- (Rupees Six Thousand)only for each work
4) Class of Contractor: "D & C" Class
5) Date of Time of available in website receipt online: 11:00 Hrs of 19.08.2025
17.00 Hrs of 30.08.2025
6) Date of opening of Technical Bid : 11:00 Hrs of 01.09.2025
7) The Bidders have to participa te in ONLINE bidding only. Further details can be seen from the State Govt. Portal website https: tendersodisha.gov.in
8) Any Conigendum/ Addendum will be displayed in the website https://tendersodisha.gov.in only

Block Development Officer
Rayagada

OIPR-19322/11/0007/2526



**OFFICE OF THE PRINCIPAL PANCHAYAT SAMITI DEGREE COLLEGE,**
BANGOMUNDA, DIST.- BALANGIR (ODISHA) PIN-767040
Mob.: 9078208298

**TENDER CALL NOTICE**

Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guidelines may be referd to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 26.08.2025 through Regd. Post/ Speed Post. The undersigned reserves the right to cancel part or whole of tender/ quotation without specifying any reason thereof.

Sd/- Principal



GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: semb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**

**Bid Identification No. SC (R&B)-GM-II-08/2025-26** **No. 7310 Dated 11.08.2025**

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system (composite) to be received in **ONLINE MODE** only for the work as detailed below:
2) Nature of Work : Building work
3) No. of work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 20.08.2025 10.00 AM to 02.09.2025 4.00 P.M.
7) Date of opening of Bid : 03.09.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-34080/11/0027/2526 B-402



**AFFIDAVIT (for Minor)**
By virtue of an Affidavit No.477 dtd-13/08/2025 Sworn before the Executive Magistrate Bisoi, I, Bhima Charan Tudu, At-Saraspada ,PO - Sunajodia, Ps-Bisoi, Dist Mayurbhanj, declared that my son Aadhaar card bearing No.7203 9238 6660 my son name has been wrongly written as YOSET TUDU instead of JOSEF TUDU.That both name as YOSET TUDU and JOSEF TUDU are same and one person.And I use to written my son name as JOSEF TUDU for any relevant documents.
Bhima Charan Tudu

**AFFIDAVIT**
I, Mohan Prsad Raiguru, S/o- Late Gokuleswar Raiguru, resident of At/Po.: Jagruti Vihar, Ps.: Burla, Dist. - Sambalpur, Pin - 768020, Odisha, declare by this affidavit No. 5144 dtd. - 12/08/2025 that now onwards I shall be known as MOHAN PRASAD RAIGURU for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Banpur, vide no-3172, dated 14/08/2025 I, Kabiraj Pradhan, S/o- Dhaneswar Pradhan, of At- Sanahantuad, Po-Sanahantuad, Ps- Banpur, Dist-Khordha, declare that in my Adhar card my name is wrongly mentioned as **Kabraj Pradhan instead** of **Kabiraj Pradhan**. Henceforth, I shall be known as **Kabiraj Pradhan** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Ranpur, CF.NO-4/1, SL. NO. 902, dated 29-07-2025 I, **RUDRA MADHAB PRADHAN, S/o Pratap kishore Pradhan** permanent resident of Village At- Kandarasingh, PO-Basudia, PS- Ranpur, Dist- Nayagarh, State- Odisha, PIN- 752026, declare that I have changed my name from **RUDRA MADHAB PRADHAN** (Old name) to **SANTANU KUMAR PRADHAN** (New name), Henceforth, I shall be known as **SANTANU KUMAR PRADHAN** for all purposes.
Sd-( SANTANU KUMAR PRADHAN )

**AFFIDAVIT**
I, Manas Ranjan Sankhua, S/o- Chakradhar Sankhua, resident of At-Nuapatana, Po-Gujidarada, PS/Dist-Bhadrak, PIN- 756128, Odisha declared by this affidavit No. 1410, dtd-16/08/2025 that now onwards I shall be known as **Manas Ranjan Sankhua** for all future purposes.

**AFFIDAVIT**
By of an affidavit before Executive Magistrate, Khordha vide No.- 2188, Dt.14.08.2025 I, Fakirun Nisha, of Vill.- Mukundaprasad, Po- P.N. College, Ps- Industrial Estate, Dist-Khordha, Pin- 752057 complete declare that i have changed my name from **Fakrun Nisha** to **Fakirun Nisha**. Henceforth i shall be known as **Fakirun Nisha** for all purposes.

**AFFIDAVIT**
I, Manoj Kumar Singh S/o Madan Singh, presently residing at 1554, Sharma Chhak, 1st Floor, Talcher, Dist-Angul, PIN-759100, Odisha declare by this affidavit No.6569 dtd 14.08.2025 that now onwards I shall be known as **MANOJ SINGH** for all future purposes.

**LOST**
I, **Sekh Jakir**, C/o- Sekh Sabir, resident of At- Musalim Sahi, Balugaon Chilika, Dist- Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below:- **1) ROR Khata No- 321/566, and Plot No-7, 2) Sell Deed No. 2711, Doc No- 11101102712, 3) Deed No-1243.**
If anyone finds it kindly contact to my number: 9853277994 or Balugaon Police Station. If anyone will misutilize it, we will not be responsible for it.
Sd/- Sekh Jakir

**AFFIDAVIT**
By virtue of an affidavit (CF No. 06) sworn before The Executive Magistrate, Padampur, on dated-14/08/2025. I, **Naresh Kumar Saha,** S/o- Prahallad Saha, permanent & current resident of At-Putudera, Po- Khaliapali, Ps-Buden, Dist- Bargarh, PIN-768036, Odisha declare that I have changed my name from **Bhopal Saha** (old name) to **Naresh Kumar Saha** (new name). Henceforth, I shall be known as **Naresh Kumar Saha** (new name) for all future purposes.
Naresh Kumar Saha

**AFFIDAVIT**
By virtue of an affidavit sworn before The Notary Public, Bhubaneswar. I, **Tithi Das** declare that, after marriage I have changed my name from **Tithi Nayak** to **Tithi Das.** Henceforth, I shall be known as **Tithi Das,** W/o Guru Prasad Das for all future purposes.
Tithi Das

**AFFIDAVIT**
I, Pravallika Simhadri, W/o- Bhavani Raj Jami, resident of New Colony, 1st Lane, Ward No.13, Rayagada, PO/PS/Dist-Rayagada, Odisha declared by this affidavit No. 2335, dtd-12/08/2025 that now onwards I shall be known as **PRAVALLIKA JAMI** for all future purposes.

# ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ

## ରାୟଗଡ଼ା ଏକ ସମ୍ଭାବନାର ଜିଲ୍ଲା : ମନ୍ତ୍ରୀ



ରାୟଗଡା,୧୬।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ରାୟଗଡ଼ା ଜିଲ୍ଲା ସଦରମହକୁମାର ସ୍ଥାନୀୟ ଜିସିଡି ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ପ୍ରଥମେ ମୁକ୍ତି ଯୋଦ୍ଧାର ସହୀଦ ବୀରମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା ସୁଭଦ୍ରା ଯୋଜନାରେ ୧କୋଟି ମହିଳା ଉପକୃତ ହୋଇଛନ୍ତି, ଲକ୍ଷପତି ଦିଦି ସୃଷ୍ଟି କରିବାରେ ଭାରତରେ ଆଗରେ ରହିଛି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ପାଇଁ ଗରିବ ଝିଅଙ୍କ ପାଇଁ ବ୍ୟବସ୍ଥା କରାଯାଇଛି, ମାଧସିଂ ହାତ ଖର୍ଚ୍ଚ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶାରେ ସର୍ବାଙ୍ଗୀନ ଉନ୍ନତି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କୃଷି ଉଦ୍ୟୋଗ ଯୋଜନା, ସିଏମ୍ କିଷାନ, ସମୃଦ୍ଧ କୃଷକ ଯୋଜନାରେ ଲୋକଙ୍କୁ ସୁବିଧା ଦିଆଯାଉଥିବା କଥା ଓ ସରକାର କଥା ଦେଇ କଥା ରଖିଲେ ବୋଲି କହିଥିଲେ। ସେ ଆହୁରି କହିଥିଲେ, ରାୟଗଡ଼ା ଏକ ସମ୍ଭାବନାର ଜିଲ୍ଲା, ଏଠାରେ ପ୍ରଚୁର ପରିମାଣରେ ପ୍ରାକୃତିକ ସମ୍ପଦ ଭରପୁର ହୋଇ ରହିଛି ବୋଲି କହିଥିଲେ। ପୁଲିସ ରିଜର୍ଭ ଇନ୍ସପେକ୍ଟର କବିବର ଦେଉରୀଙ୍କ ନେତୃତ୍ୱରେ ୩୬ଟି ଦଳ ପରେଡ ପରିବେଷଣ କରିଥିଲେ। ପରେଡ ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ଭାବେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ ଲିଖନ ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତାର ୨୬ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ବାର୍ଷିକ ପରୀକ୍ଷାରେ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ ସେନା ବାହିନିରେ ବିଚକ୍ଷଣ ସିଗନାଲ ମ୍ୟାନର ଦାୟିତ୍ୱ ବହନ କରି ମେନ ସଇନ-ଡେସପାଚ ଉପାଧିରେ ସମ୍ମାନିତ ହୋଇଥିବା ସ୍ୱର୍ଗତ ତ୍ରିନାଥ ଦାଶଙ୍କୁ ମୋରଣୋତ୍ତର ଭାବରେ ତାଙ୍କ ସ୍ତ୍ରୀ ଶ୍ରୀମତୀ ପ୍ରେମଲତା ଦାଶଙ୍କୁ ଏବଂ ସୌର ଚକ୍ରରେ ସମ୍ମାନିତ ହୋଇଥିବା ଗୁଣୁପୁର ବ୍ଲକ୍ ରେଗେଡା ଗ୍ରାମ ପଞ୍ଚାୟତର ଜଗୁଲୁ ଶବରଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ସମେତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଆରକ୍ଷୀ ଅଧିକ୍ଷକ ଏସ୍. ସ୍ୱାତୀ କୁମାର ପ୍ରମୁଖ ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଜିଲ୍ଲା କାରାଗାରରେ, ସେବା ସମାଜରେ ଫଳ ବଣ୍ଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ସ୍ୱଦ୍ଧାର ଗୃହରେ ଫଳ ବଣ୍ଟନ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଶକ୍ତି ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରିଥିଲେ। ମାତୃଶକ୍ତି ବୃଦ୍ଧାଶ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ର କାନ୍ତ ମାଝୀ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ ବଣ୍ଟନ କରିଥିଲେ। ସକାଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପ୍ରଚାର କରାଯାଇଥିଲା। ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବାବେଳେ ସହରରେ ଅବସ୍ଥାପିତ ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। ଜିସିଡ଼ି ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଶିକ୍ଷକ ଅଶୋକ ଦାଶ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ କର୍ମଚାରୀ କୁମୁଦିନୀ ମିଶାଲ, କ୍ଷିପ୍ର ଲେଖିକା, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ଡମ୍ବରୁଧର ପଣ୍ଡା, ସୁବାଷ କେରକେଟା, ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା, ଶିକ୍ଷିତ ଚପରାଶି, ରଞ୍ଜିତ ପିରିବାକା, ଚପରାଶି, ଗୁଡଲା ଚନ୍ଦ୍ରଶେଖର, ଚପରାଶି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଷମକଟକ



ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍‌ର ସ୍ଥାନୀୟ ମିନିଷ୍ଟାଡିୟମଠାରେ ବ୍ଲକ୍‌ସ୍ତରୀୟ ସ୍ୱାଧିନତା ଦିବସ ପାଳନ ଉତ୍ସବରେ ବିଷମ କଟକ ବିଧାୟକ ନିଳମାଧବ ହିକକା ମୁଖ୍ୟଅତିଥି ଏବଂ ତହସିଲଦାର କେ.ଭେଙ୍କେଟଶ୍ୱର ରେଡ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦିପ, ଖ୍ରୀଷ୍ଟିଆନ ହସ୍ପିଟାଲ ସୁପରିଟେଣ୍ଡ ଡ. ସୁନଲ ଜିବନ୍ ମଲ୍, ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଜଗନ୍ନାଥ ମେହେର, ଅବସରପ୍ରାପ୍ତ ନୌସେନା ଯବାନ ତଥା ବିଷମ କଟକ ଯୋଗାଣ ନୀରିକ୍ଷକ ଦେବଦତ ଲେଙ୍କା, ମା' ମାର୍କମା ମହାବିଦ୍ୟାଳୟର ଏନ୍‌ସିସି ଲେଫଟନ୍ୟାଟଂ ବି. ରବିଶଙ୍କର ଏବଂ ମା' ମାର୍କମା ଯୁକ୍ତ-୩ ମହାବିଦ୍ୟାଳୟ ଅଧକ୍ଷ ଡ଼. ଅଶ୍ୱିନୀ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ସିଆରସିସି ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବିଷମ କଟକ ବ୍ଲକ୍‌ର ୭ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପରେଡରେ ଭାଗ ନେଇଥିଲେ। ହାଟ ମୁନିଗୁଡା ବାଳିକା ଉଚ୍ଚ ବିଦ୍ୟାଳୟର ଜେଆରସି ପ୍ରଥମ, ମା' ମାର୍କାମ ମହାବିଦ୍ୟାଳୟର ଯୁକ୍ତ-୩ର ଏନ୍‌ସିସି ଦ୍ୱିତୀୟ ଓ ନ୍ୟୁ ଲାଇଫ ଇଂରାଜୀ ବିଦ୍ୟାଳୟର ଜେଆରସି ତୃତୀୟ ହୋଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୋ ଜଙ୍ଗଲ ଜମି ଯୋଜନାରେ ବିଷମ କଟକ ତହସିଲର ତରଫରୁ ୨୭ ଜଣ ହିତାଧିକାରୀଙ୍କୁ ଜଙ୍ଗଲଜମି ପଟ୍ଟା ବଣ୍ଟନ କରାଯାଇଥିଲା। ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡ୍ଡୀ, ସମସ୍ତ ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗୀ



ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତ କାର୍ଯ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିର, ପଞ୍ଚାୟତ ସମିତି ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ଭାଲେରୀଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସରପଞ୍ଚ ବିଜୟ କୁମୁରୁକା ପତକା ଉତ୍ତୋଳନ କରିଥିଲେ। ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସୁବୁଦ୍ଧି ପତକା ଉତ୍ତୋଳନ କରିଥିଲେ। ଆଦର୍ଶ ବିଦ୍ୟାଳୟରେ ଅଧକ୍ଷ ଜିତେନ୍ଦ୍ର ସାହୁ ପତକା ଉତ୍ତୋଳନ କରିଥିଲେ।

## ଗୁଡାରୀ



ଗୁଡାରୀ ପଞ୍ଚାୟତ କାର୍ଯ୍ୟାଳୟ, ତହସିଲ ଅଫିସ, ଗୁଡ଼ାରୀ ପୁଲିସ ଥାନା ସମେତ ଅନ୍ୟାନ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଗୁଡାରୀ ସରସ୍ୱତୀ ଶିଶୁ ମନ୍ଦିର ଏବଂ ରାଧାକୃଷ୍ଣ ଇଂରାଜୀ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ବିଭିନ୍ନ ସ୍ୱାଧିନତା ସଂଗ୍ରାମୀଙ୍କ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ଗୁଡାରୀ ଦୁର୍ଗା ମଣ୍ଡପରେ ମଧ ଏହି ଦିବସ ପାଳିତ ହୋଇଛି।

## ଚନ୍ଦ୍ରପୁର



ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚନ୍ଦ୍ରପୁର ବ୍ଲକ୍‌ରେ ବ୍ଲକ୍ ଅଧ୍ୟକ୍ଷ କୋଇନ କିମ୍ବାକା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସୁନିଲ କୁମାର ପ୍ରଧାନ, ପୁଲିସ ଷ୍ଟେସନରେ ଆଇଆଇସି ପ୍ରଶାନ୍ତ କୁମାର ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିକାଲ ଅଫିସର ଡ଼. କେଡି ମଲ୍ଲିକ, ନୋଡାଲ ଉଚ୍ଚ ବିଦ୍ୟାଳୟରେ କେଶବ ମଣ୍ଡଳ ବେହେରା, ଆଦର୍ଶ ବିଦ୍ୟାଳୟରେ ଅଧକ୍ଷ କାଳନ୍ଦୀ ଚରଣ ବେହେରା, ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରଞ୍ଜିତା ବ୍ରେକବେଡା, ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାସ୍କର ଗୋମାଙ୍ଗ, ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଶ୍ରୀ ନାୟକ, ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାଜୁ ପାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଚନ୍ଦ୍ରପୁର ୪ର୍ଥ ବାଟାଲିୟନର ଏଫ କମ୍ପାନୀ ସିଆରପିଏଫ କାର୍ଯ୍ୟାଳୟରେ ମଧ ଦିବସ ପାଳିତ ହୋଇଥିଲା। ଡ଼ାଙ୍ଗସରଡ଼ା ଏସଏସଡି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟନାୟକ, କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଶବର ପତାକା ଉତ୍ତୋଳନ କରିଥିଲେ।

## ରାୟଗଡା ରେଳ ଡିଭିଜନ

ରାୟଗଡା: ପୂର୍ବତଟ ରେଳବାଇର ରାୟଗଡ଼ା ଡିଭିଜନ ସ୍ଥାନୀୟ ରାୟଗଡା ରେଳବାଇ ଗ୍ରାଉଣ୍ଡରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଡିଭିଜନଲ ରେଲୱେ ମ୍ୟାନେଜର ଅମିତାଭ ସିଂଘଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରେଳ ସୁରକ୍ଷା ବାହିନୀ, ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଦଳ ଦ୍ୱାରା ପ୍ରଦତ୍ତ ରାଷ୍ଟ୍ରୀୟ ସଲାମୀ ଗ୍ରହଣ କରିଥିଲେ। ଡିଆରଏମ ଶ୍ରୀ ସିଂଘଲ ଡିଭିଜନରେ ନିଆଯାଇଥିବା ପ୍ରଭାବଶାଳୀ ସଫଳତା ଏବଂ ଭିତ୍ତିଭୂମି ବିକାଶମୂଳକ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ପୂର୍ବତଟ ରେଳବାଇର ମହାପ୍ରବନ୍ଧକଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡିଭିଜନାଲ ସାଂସ୍କୃତିକ ଆସୋସିଏସନ, କର୍ମଚାରୀ ଏବଂ ଆରପିଏଫ ଦ୍ୱାରା ଡଗ୍ ଶୋ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।



## ସେଣ୍ଟ ଜାଭିୟର୍ସ ହାଇସ୍କୁଲ

ରାୟଗଡ଼ାର ସ୍ଥାନୀୟ ନିୟୁ କଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ ରମେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ଶ୍ରୀନିବାସ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସଂଯୋଜିକା ସୁନୀତା ଖାଡାଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ୍




ରାୟଗଡା: ରାୟଗଡ଼ା ସହରର ସ୍ଥାନୀୟ ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ୍ ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ରାଜଲକ୍ଷ୍ମୀ ଦେବୀ ଯୋଗଦେଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ୍ ଓ ସହରର ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ମା ତୁଝେ ସଲାମ୍ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ବିନାୟକ କର, ରାୟଗଡ ବାର୍ ଆସୋସିଏସନ୍‌ର ସମ୍ପାଦକ ମଙ୍ଗଳ ମୂର୍ତ୍ତି ବେଉରିଆ, ସେଞ୍ଚୁରିଆନ୍ ଶିକ୍ଷା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ, ଓଡ଼ିଶୀ ନୃତ୍ୟ ଗୁରୁ ତ୍ରିଲୋଚନ ସାହୁ, ଉପସଭାପତି ନୀଳମଣି ପାଟଯୋଶୀ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବ୍ରଜ ସୁନ୍ଦର ନାୟକ, ଶିବ ପ୍ରସାଦ ମିଶ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ବିଭିନ୍ନ ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା, ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା, ରାୟଗଡ଼ା ସହରର ବିଭିନ୍ନ କଳାକାର ଉପସ୍ଥିତ ଥିଲେ। ଉଦ୍‌ଘୋଷିକା ବିଦିଶା ଶତପଥି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ମିହିର ପଣ୍ଡା, ସୁରଜ ସ୍ୱାଇଁ, ଜୀତେନ୍ଦ୍ର ରେଡୀ, ପ୍ରଶାନ୍ତ ବିଶୋଇ, ଜୟନ୍ତ ନାୟକ, ପ୍ରଫୁଲ୍ଲ ପରିଡା, ବ୍ୟୋମକେଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## କଲ୍ୟାଣସିଂହପୁର




ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପୂଜାରିଗୁଡ଼ା ପଞ୍ଚାୟତର ବିନିଶପୁର ଛକଠାରେ ଥିବା ଶହୀଦ ପୀଠରେ ୭୯ତମ ସ୍ୱାଧିନତା ଦିବସ ପାଳିତ ହୋଇଛି। ସମିତି ଅଧ୍ୟକ୍ଷା ଅମ୍ରିତା କାତ୍ରାକା ସେଠାରେ ପତାକା ଉତ୍ତୋଳନ କରିଥିଲେ। ଏଥିରେ କନ୍ଧକୂଳ ସମାଜ ସଭାପତି ଯୋଗେନ୍ଦ୍ର ୱାଡକା, ବିଡ଼ିଓ ମନୀଷା ଦାସ, ଡବ୍ଲ୍ୟୁଇଓ ଚନ୍ଦନ ଦାସ ବାଙ୍ଗାରିଙ୍କ ସମେତ ବିନିଶପୁର ଶହୀଦଙ୍କ ପରିବାର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତ୍ୟେକ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକଘର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶିଶୁ ମନ୍ଦୀର, ଇଂରାଜୀ ବିଦ୍ୟାଳୟ, ହନୁମାନ ଛକ, ପ୍ରିୟଦର୍ଶିନୀ କ୍ଲବ୍, ବ୍ୟାଙ୍କ, ମିନି ବ୍ୟାଙ୍କ, ବନବିଭାଗ କାର୍ଯ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଆମ୍ବେଦକର ଥାନାଠାରେ ପତାକା ଉତ୍ତୋଳନ କରାଯାଇଥିଲା। ବ୍ଲକ୍‌ରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା ପତାକା ଉତ୍ତୋଳନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗୁଣୁପୁର



ଗୁଣୁପୁର ଉପଖଣ୍ଡସଦର ମହକୁମା ଠାରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ସମ୍ମିଳିତ ପରେଡ଼ରେ ଉପଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲୀପ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସୁନ୍ଦର ଭାରତ ଗଠନ ନିମନ୍ତେ ଶିକ୍ଷା, ସମୃଦ୍ଧି ଉନ୍ନତମାନର ହେବା ଆବଶ୍ୟକ ଓ ଦେଶ ପାଇଁ ସ୍ୱାଧୀନତା ଆଣିଥିବା ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକେଇବା ସହ ସେମାନଙ୍କୁ ସଲାମି ଦେବା କୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣୁପୁର ଭାରତୀୟ ସଂରକ୍ଷିତ ବାହିନୀ ଦୁର୍ଗପତି ବ୍ରଜମୋହନ ନାୟକ, ଡେପୁଟି କମାଣ୍ଡାଣ୍ଟ ରମେଶ ଚନ୍ଦ୍ର ମହାଲିକ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଗୁଣପୁର ଆଦର୍ଶ ଥାନା ଅଧିକାରୀ କେ.କେ.ବି.କେ. କହଁର, ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର, ଅତିରିକ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଅଗ୍ନିଶମ ଅଧିକାରୀ ରଜନୀକାନ୍ତ ଗୌଡ଼ ସହକାରୀ ନିର୍ବାହୀଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରେଡ଼ରେ ସମୁଦାୟ ୨୬ ଗୋଟି ପ୍ଲାଟୁନ୍ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ଏନ୍‌ସିସି ପରେଡରେ କମନ୍ ଏନ୍ ସିସି ଗାନ୍ଧୀ ବିଶ୍ୱ ବିଦ୍ୟାଳୟ ପ୍ରଥମ, ଗୁଣପୁର ମହାବିଦ୍ୟାଳୟ ଦ୍ୱିତୀୟ, ଜୁନିଅର ଏନ୍‌ସିସିରେ ଜୁନିଅର ରେଡ୍‌କ୍ରସ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ବାଳକ ଏନ୍‌ସିସି ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଣପୁର ଦ୍ୱିତୀୟ ଓ ସିଭିଲିଆନରେ ବାଳିକା ସିଭିଲିଆନ ଏକଲବ୍ୟ ପ୍ରଥମ, ବାଳିକା ସିଭିଲିଅନ୍ ବିଦ୍ୟାନିକେତନ ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ପ୍ରଶାସନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ସହ ଚାରା ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୋର ୫ଟାରୁ ରାମଧୁନ ପ୍ରଚାର, ୫ଟା ୩୦ରୁ ପ୍ରଭାତଫେରି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଙ୍କ ସହ ପୌର ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ ସହରରେ ସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେଡ ପରେ ମୁଖ୍ୟ ଅତିଥି ଜେଲ ଅନ୍ତେବାସୀଙ୍କୁ ମିଠା, ସଦର ଚିକିତ୍ସାଳୟ ରୋଗୀଙ୍କୁ ଫଳ, ସେବାସମାଜ ବାଳିକାଙ୍କ ପୋଷାକ, ସ୍କୁଲ ଉପକରଣ, ବାଳନିକେତନ ଛାତ୍ରଙ୍କୁ ସ୍କୁଲ ବ୍ୟାଗ, ବହି ଆଦି ବଣ୍ଟନ କରିଥିଲେ। ଉପଖଣ୍ଡସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅନନ୍ତ କୁମାର ପାତ୍ର ଓ ସୋମନାଥ ଗମାଙ୍ଗ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ମୁନିଗୁଡ଼ା



ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅମ୍ବାଦଳା ସାମନ୍ତ ମହାବିଦ୍ୟାଳୟଠାରେ ପରିଚାଳନା କମିଟି ଅଧ୍ୟକ୍ଷ ରମେଶ ସାମନ୍ତ ପତାକା ଉତ୍ତୋଳନ କରିଥିଲେ। ଅଞ୍ଚଳର ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ରଘୁବାରି, ଡିମିରିଗୁଡା, ରାଣିପିଣ୍ଡା, ଇଚ୍ଛାପୁର , ଜଗଦଳପୁର , ସରଧାପୁର , ଘମଟଗୁଡା ଆଦି ସ୍କୁଲ ମାନଙ୍କରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନେ ପତାକା ଉତ୍ତୋଳନ କରିଥିଲେ। ଛତ୍ରପତି ଶିବାଜୀ କ୍ଲବ, ଇନ୍ଦିରାପଡ଼ା ଆମ୍ବେଦକର କ୍ଲବ, ସ୍ୱାମୀ ବିବେକାନନ୍ଦ କ୍ଲବ, ନେତାଜୀ କ୍ଲବ ସହିତ ଅମ୍ବାଦଳା ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା। ଅମ୍ବାଦଳା ଥାନା ପରିସରରେ ଥାନାଧିକାରୀ କଳ୍ପନା ବେହେରା ପତାକା ଉତ୍ତୋଳନ କରିଥିଲେ। ଅମ୍ବାଦଳା ବନପାଳଙ୍କ କାର୍ଯ୍ୟାଳୟରେ ବନପାଳ ମାଝି ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ଓଡ଼ିଶା ଡ୍ରାଇଭର ମହାସଂଘ ଓ ଆମ୍ବାଦଳା ଲାଇଫ ଲାଇନ ହସ୍ପିଟାଲରେ ମୁଖ୍ୟଅତିଥି ଭାବେ ଅମ୍ବାଦଳା ଥାନାଧିକାରୀ କଳ୍ପନା ବେହେରା ପତାକା ଉତ୍ତୋଳନ କରିଥିଲେ। ସାମନ୍ତ ମହାବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ରମେଶ ସାମନ୍ତ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅମ୍ବାଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ପୂର୍ବତନ କୋଷାଧ୍ୟକ୍ଷ କେ. ଗୌରୀ ଶଙ୍କର ରାଓ ପତାକା ଉତ୍ତୋଳନ କରିଥିଲେ। ସାଇ କରୁଣାଳୟଠାରେ ସ୍ଥାନୀୟ ସାମ୍ବାଦିକ ଜି.ମୁରଲି ମୋହନ ପତାକା ଉତ୍ତୋଳନ କରିଥିଲେ। ସେହିପରି ଅମ୍ବାଦଳା ସମ୍ବିଧାନ ସୁରକ୍ଷା ସମିତିଠାରେ ଗ୍ରାମର ମୁଖିଆ ବେଲାଜର କରକରିଆ ପତାକା ଉତ୍ତୋଳନ କରିଥିବାବେଳେ କୃପାସିନ୍ଧୁ କୁସୁଲିଆ ପରିଚାଳନା କରିଥିଲେ। ଇନ୍ଦିରାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ସିମାଞ୍ଚଳ ପାତ୍ର ପତାକା ଉତ୍ତୋଳନ କରିଥିଲେ।

## ମଡେଲ ଡିଗ୍ରୀ କଲେଜ

ରାୟଗଡା ଜିଲ୍ଲା ସଦର ବ୍ଲକ ଅମଲଭଟା ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ (ମଡେଲଡିଗ୍ରୀକଲେଜ) ରେମୁଖ୍ୟଅତିଥିଭାବେକଲେଜରଅଧ୍ୟକ୍ଷଡ. ବିପ୍ରନାରାୟଣ ମଲ୍ଲିକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କଲେଜର ଆଧ୍ୟାପକ ଆଧ୍ୟାପିକାଙ୍କ ମଧ୍ୟରେ କେ. କଲ୍ୟାଣ କୁମାର, ଡ. ଭବାନୀ ଶଙ୍କର ଦାସ, ଡ. ଲଳିତ ମୋହନ ବେହେରା, ମାନସୀ ମଲ୍ଲିକ୍ ପ୍ରମୁଖ ସ୍ୱାଧିନତା ସଂଗ୍ରାମୀମାନଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ। କ୍ରିଡ଼ା ଶିକ୍ଷକ ନାଥନ ବେଶ୍ରା ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ସ୍ନାତକ ଶେଷ ବର୍ଷର ଛାତ୍ରୀ ରେଶ୍ମା ମାଝୀ ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। ଶେଷରେ ମାନସୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଉତ୍କଳ ସାମ୍ବାଦିକ ସଂଘ



ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ଜିଲ୍ଲା ଯୁବ ବିଜେପି ସଭାପତି ରତନ ବଣିକ ଉପସ୍ଥିତ ଥିଲେ। ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ଅଶୋକ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଧାୟକ ଶ୍ରୀ ମାଡକାମୀ ଦେଶ ବିକାଶ ସହ ଲୋକଙ୍କ ସମସ୍ୟା ଲୋକ ଲୋଚନକୁ ଆଣିବାରେ ସାମ୍ବାଦିକଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସମ୍ପାଦକ ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷିକେଶ ସେଠୀ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ନୃସିଂହ ଚରଣ ମହାନ୍ତି, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ମନୋଜ ସାହା, ରାହୁଲ ଗୋଲରି, ଦିଲୀପ ପଟ୍ଟନାୟକ, ମାଣିକ ବାଛଡ, ପଙ୍କଜ ଖରା, ନିର୍ମଳା ଏକା, ବିଟୁ ରାଓ, ଶରତ ଖରା, କିରଣ କୁମାର, ମୃଣାଲ ମଣ୍ଡଳ, ବିକ୍ରମ ସ୍ୱାଇଁ, ବାଦଲ ବିଶ୍ୱାଳ, ଅସୀମ ବିଶ୍ୱାସ, କିଶୋର ପାତିକା ପ୍ରମୁଖଙ୍କ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ।

## କୋରୁକୋଣ୍ଡା/ବାଲିମେଳା



ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ ସଂସ୍ଥା କାର୍ଯ୍ୟାଳୟ ଗୁଡିକରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମାଲକାନଗିରି ସଦର ଥାନା, କୋରୁକୋଣ୍ଡାଠାରେ ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ପତାକା ଉତ୍ତୋଳନ କରିଥିବା ବେଳେ କୋରୁକୋଣ୍ଡା ଅଗ୍ନିଶମ କେନ୍ଦ୍ର କାର୍ଯ୍ୟାଳୟରେ କେନ୍ଦ୍ର ଅଧିକାରୀ ସୁନୀଲ ନାୟକ ପତାକା ଉତ୍ତୋଳନ କରିଥିଲେ। କୋରୁକୋଣ୍ଡା ଲ୍ୟାମ୍ପଠାରେ ସଭାପତି ସାଲୁ ଖିଲ ପତାକା ଉତ୍ତୋଳନ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରାଜସ୍ୱ ନିରିକ୍ଷକ ପ୍ରଦୀପ କୁମାର ବରାଡ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ନଏବ ସରପଞ୍ଚ ରାକେଶ ମାଝୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଓଡିଶା ଗ୍ରାମିଣ ବ୍ୟାଙ୍କଠାରେ ବ୍ୟାଙ୍କ ମ୍ୟାନେଜର ଚୈତନ୍ୟ ହାଁସଦା ପତାକା ଉତ୍ତୋଳନ କରିଥିଲେ। ବାଲିମେଳା ଏନଏସିରେ ଅଧକ୍ଷ ପ୍ରଦୀପ କୁମାର ନାୟକ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଉପାଧକ୍ଷା ରଶ୍ମିତା ବାଙ୍କାଙ୍କ ସମେତ ଅନ୍ୟ କାଉନ୍‌ସିଲର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।


# ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ

କୋରାପୁଟ,୧୬।୮ (ସମିସ):




ଜିଲ୍ଲା ପୁଲିସ ପ୍ୟାରେଡ ପଡିଆରେ ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଛି । ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ସ୍ୱାଧୀନତା ଆନ୍ଦୋଳନରେ କୋରାପୁଟ ଅଞ୍ଚଳର ସଂଗ୍ରାମୀମାନଙ୍କୁ ସ୍ମରଣ କରି ସ୍ମୃତି ଚାରଣ କରିଥିଲେ। କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୪୨ କୋଟି ୬୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ସେ ନିଜ ଅଭିଭାଷଣରେ କହି ସେହି ଅର୍ଥରେ ଦେଓମାଳି ଓ ପଣ୍ଡି ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ କରାଯିବା ସହ ଜିଲ୍ଲା ସଂଗ୍ରହାଳୟ ସ୍ଥାପନ କରାଯିବ ବୋଲି କହିଛନ୍ତି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ଯୋଜନା ଗୁଡ଼ିକ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କୋରାପୁଟ ବିଧାୟକ ରଘୁରାମ ମାଛ, ଏସ୍‌ପି ରୋହିତ ବର୍ମା, ଆଇଏଏସ ପ୍ରୋବେସେନରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ ପ୍ରଥମ ସ୍ଥାନ ପାଇଥିବା ବେଳେ ବିକାଶ ବିଦ୍ୟାଳୟ ୨ୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ୩ୟ ସ୍ଥାନ ପାଇ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ପ୍ରଜ୍ଞାପନ ମେଢ଼ ପ୍ରତିଯୋଗିତାରେ ସମଗ୍ର ଶିକ୍ଷା ଅଭିଯାନ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଥିବା ବେଳେ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱିତୀୟ ଏବଂ ଉଦ୍ୟାନ ବିଭାଗ ୩ୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପରେଡର ଶ୍ରେଷ୍ଠ ଦଳ ଓ ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ ଦଳ ଗୁଡିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେଡରେ ୨୭ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପୁଲିସ ଆରଆଇ ଭିଏସ୍ ଜୀବନ ସଂଗ୍ରାମ ପରେଡ ପରିଚାଳନା କରିଥିଲେ। ପରେଡ ପଡିଆଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ବୃକ୍ଷ ରୋପଣ ଓ ରକ୍ତଦାନ ଶିବିରର ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଅଧ୍ୟାପକ ରବି ଶତପଥି, କାର୍ଯ୍ୟାଳୟର ସତ୍ୟ ନାରାୟଣ ପ୍ରଧାନ, ଏକେ ବେହେରା, ଏସ୍‌କେ ସେଠୀ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମୁଖ୍ୟଅତିଥି ମହାଜନ ମଣ୍ଡଳ କାରାଗାର ଓ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ପରିଦର୍ଶନ କରି ଅନ୍ତେବାସୀ ଏବଂ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

## କୋରାପୁଟ ମଣ୍ଡଳ କାରାଗାର ବରିଷ୍ଠ ଅଧିକ୍ଷକଙ୍କୁ ରାଷ୍ଟ୍ରପତି ପଦକ



କୋରାପୁଟ,୧୬।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କୋରାପୁଟ ମଣ୍ଡଳ କାରାଗାରର ବରିଷ୍ଠ ଅଧିକ୍ଷକ କୁଅଁର ମାରାଣ୍ଡି ସମ୍ମାନଜନକ ରାଷ୍ଟ୍ରପତି ପଦକ ଓ ମାନପତ୍ର ପାଇଛନ୍ତି। ଓଡିଶା ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ସମାରୋହରେ ଶ୍ରୀ ମାରାଣ୍ଡିଙ୍କ ସମେତ ୩୦ ଜଣ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ସମ୍ମାନଜନକ ରାଷ୍ଟ୍ରପତି ପଦକ ଗ୍ରହଣ କରିଛନ୍ତି। ୨୦୦୦ ମସିହାରେ କୁଅଁର ମାରାଣ୍ଡି ରାଜ୍ୟ କାରାଗାର ସେବାରେ ସହକାରୀ କାରାପାଳ ଭାବେ ଯୋଗଦାନ କରିଥିଲେ। ସେ ୨୦୦୯ ମସିହାରେ କାରାପାଳ,୨୦୨୦ ମସିହାରେ ଜିଲ୍ଲା କାରା ଅଧିକ୍ଷକ ଏବଂ ୨୦୨୪ ମସିହାରେ ବରିଷ୍ଠ ଅଧିକ୍ଷକ ପଦବୀକୁ ପଦୋନ୍ନତି ପାଇଥିଲେ। ତାଙ୍କ ଉତ୍ତମ କାର୍ଯ୍ୟକଳାପ ପାଇଁ ଉପରିସ୍ଥ ଅଧିକାରୀମାନଙ୍କ ଦ୍ୱାରା ସେ ବହୁବାର ପ୍ରଶଂସିତ ହୋଇଛନ୍ତି। ସେ ବନ୍ଦୀ ମାନଙ୍କର କଲ୍ୟାଣ ପାଇଁ କାର୍ଯ୍ୟକ୍ରମ ମାନ ଅୟୋଜନ କରିଥାନ୍ତି। ସେ ଜେଲରେ ଅନ୍ତେବାସୀଙ୍କ ପାଇଁ ଅନେକ ସଂସ୍କାର ମୂଳକ, ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରି ଜେଲ ଅନ୍ତେବାସୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପ୍ରେରଣା ଯୋଗାଇଛନ୍ତି। ସେ ରାଷ୍ଟ୍ରପତି ପଦକ ହାସଲ କରିଥିବାରୁ କୋରାପୁଟ ମଣ୍ଡଳ କାରାଗାରର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ବନ୍ଧୁବର୍ଗମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସ୍ୱାଧୀନତା ଦିବସରେ ଉପାଧ୍ୟକ୍ଷାଙ୍କୁ ଅଣଦେଖା ଅଭିଯୋଗ



ଜୟପୁର,୧୬।୮ (ସମିସ): ଜୟପୁର ପୌରସଂସ୍ଥାର କାର୍ଯ୍ୟାଳୟ ପରିସରରେ ୭୯ତମ ସ୍ୱାଧିନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କିନ୍ତୁ ପତକା ଉତ୍ତୋଳନ ଉତ୍ସବରେ ପୌର ଉପାଧ୍ୟକ୍ଷାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଉପାଧ୍ୟକ୍ଷା ବି.ସୁନିତା କାର୍ଯ୍ୟାଳୟରେ ପହଞ୍ଚିବାର ମାତ୍ର ୫ ମିନିଟ ପୂର୍ବରୁ ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଜତୀୟ ପତକା ଉତ୍ତୋଳନ କରିବା ସହ ଭାଷଣ ଆରମ୍ଭ କରିଦେଇଥିଲେ। ଉପାଧ୍ୟକ୍ଷା ସୁନିତା ତରବରିଆ ଭାବରେ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଥିଲେ। କିନ୍ତୁ ପତକା ଉତ୍ତୋଳନ ହୋଇଯାଇଥିବା ଏବଂ ଭାଷଣବାଜି ଦେଖି ଫେରିଯାଇଥିଲେ। ସେ ନିଜ ୱାର୍ଡରେ ପତକା ଉତ୍ତୋଳନ କାର୍ଯ୍ୟ ଶେଷ କରି ପହଞ୍ଚିବା ନେଇ ସୂଚନା ଓ ଅନୁରୋଧ କରିଥିଲେ ସୁଦ୍ଧା ତାଙ୍କ ଅନୁରୋଧକୁ ଅଣଦେଖା କରାଯାଇ ସେ ପହଞ୍ଚିବା ପୂର୍ବରୁ ପତକା ଉତ୍ତୋଳନ କରାଯାଇ ତାଙ୍କୁ ଦେଶର ସ୍ୱାଧିନତା ଦିବସ ପାଳନ କରିବା ଅଧିକାରରୁ ବଞ୍ଚିତ କରାଯାଇଛି ବୋଲି ଉପାଧ୍ୟକ୍ଷା ଶ୍ରୀମତି ସୁନିତା ଅଭିଯୋଗ କରିଛନ୍ତି। ଦେଶର ସ୍ୱାଧିନତା ଦିବସ ପାଳନ କରିବାର ସମସ୍ତ ନାଗରିକଙ୍କ ଅଧିକାର ରହିଛି, କିନ୍ତୁ ଏଥିରୁ ବଞ୍ଚିତ କରିବା ସମ୍ବିଧାନ ବିରୋଧି ଏବଂ ପୌରସଂସ୍ଥା ଆଇନକୁ ଅଣଦେଖା କରାଯାଇଛି ବୋଲି ସେ ଗୁରୁତର ଅଭିଯୋଗ କରିଛନ୍ତି । ତାଙ୍କର ପ୍ରଶ୍ନର ସଠିକ ଉତ୍ତର ନ ମିଳିଲେ ସେ ଆଗାମୀ ଦିନରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅଧ୍ୟକ୍ଷ ଶ୍ରୀ ମହାନ୍ତି ଅନ୍ୟପକ୍ଷରେ ପୌରାଧ୍ୟକ୍ଷ ଶ୍ରୀ ମହାନ୍ତି କିହିଛନ୍ତି, ସ୍ୱାଧିନତା ଦିବସ ପାଇଁ ପୂର୍ବରୁ ସମସ୍ତଙ୍କୁ ନିର୍ଦ୍ଧାରିତ ସମୟରେ ଯୋଗଦେବା ପାଇଁ ସୂଚନା ଦିଆଯାଇଥିଲା। ସକାଳ

### ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ମୁହାଁମୁହିଁ

ଅନ୍ୟାନ୍ୟ ସଂସ୍ଥା ଗୁଡିକର କମିଟିର କର୍ମକର୍ତ୍ତା ରହିଥିବା ଯୋଗୁଁ ଉକ୍ତ ସଂସ୍ଥାର ପତକା ଉତ୍ତୋଳନକୁ ଯିବା ପାଇଁ ତରବରିଆ ଭାବେ ପତାକା ଉତ୍ତୋଳନ କରି ଏକ ସରକାରୀ ସଂସ୍ଥାର ସ୍ୱାଧିନତା ଦିବସରେ ଅନ୍ୟମାନଙ୍କୁ ଉପସ୍ଥିତିରୁ ବଞ୍ଚିତ କରିବାର ତାଙ୍କର ଅଧିକାର ନାହିଁ ବୋଲି ଉପାଧ୍ୟକ୍ଷା ଶ୍ରୀମତି ସୁନିତା ଅଭିଯୋଗ କରିଛନ୍ତି। ଏଥିସହ ମକାପୁଟ ସ୍ଥିତ ପୌରସଂସ୍ଥାର ଡମ୍ପିଂ ୟାର୍ଡ ତଥା ଖତ ପ୍ରସ୍ତୁତି କେନ୍ଦ୍ରରେ କିଭଳି ସକାଳ ୧୦ଟା ୪୫ ମିନିଟର ପତକା ଉତ୍ତୋଳନ କରାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ୭ ଟା ଠାରୁ ୮ଟା୪୦ ମିନିଟ ମଧ୍ୟରେ ଉପାଧ୍ୟକ୍ଷାଙ୍କୁ ଅପେକ୍ଷା କରାଯାଇ ଅଧ୍ୟକ୍ଷ ନିଜେ ୩ ଥର ଫୋନ କରିଥିଲେ। କିନ୍ତୁ ସେ ଫୋନ ଉଠାଇନଥିଲେ ଏବଂ ସ୍ୱାଧିନତା ଦିବସରେ ଅନେକ କାର୍ଯ୍ୟକ୍ରମ ରହିଥିବା ଯୋଗୁଁ ଉପସ୍ଥିତ ଅନ୍ୟମାନଙ୍କ ମତାମତ ଅନୁଯାୟୀ ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା। ତାଙ୍କୁ ପୌରସଂସ୍ଥା କାର୍ଯ୍ୟାଳୟରେ ଆୟୋଜିତ ସ୍ୱାଧିନତା ଦିବସରେ ଯୋଗଦେବାର ସମସ୍ତ ଅଧିକାର ରହିଛି। ଏଥିରେ ଅଣଦେଖା କରିବାର ପ୍ରଶ୍ନର କୌଣସି ଉତ୍ତର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

## 'ସକାଳ' ମୁଦ୍ରଣ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ



ଜୟପୁର,୧୬।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଇରିଗେସନ କୋଲନୀ ସ୍ଥିତ 'ସକାଳ' ଖବରକାଗଜ ମୁଦ୍ରଣ କାର୍ଯ୍ୟାଳୟଠାରେ ୭୯ତମ ସ୍ୱାଧିନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ତଥା ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳନା କମିଟିର ଅଧ୍ୟକ୍ଷ ଇଂ. ନିର୍ମଳ ଚନ୍ଦ୍ର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ । ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଜାତୀୟ ସଂଗୀତ ଗାନ କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଇରିଗେସନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ସୁଚିସ୍ମିତା ମହାନ୍ତି, ଉପାଧ୍ୟକ୍ଷା ସଂଯୁକ୍ତା ପଟ୍ଟନାୟକ, ଅନ୍ୟାନ୍ୟ ଶିକ୍ଷୟିତ୍ରୀ, 'ସକାଳ' ଖବରକାଗଜର ସାମ୍ବାଦିକ ସୁପ୍ରିତ ପୂଜାରୀ, ପ୍ରସାର ପ୍ରଚାର ବିଭାଗର କାର୍ଯ୍ୟ ନିର୍ବାହୀ ସୁଧିର କୁମାର ମାଦଳା, ବିଜ୍ଞାପନ କାର୍ଯ୍ୟନିର୍ବାହୀ ସୟଦ ହବିବ, ସହାୟକ ସିଟିପି ଅପରେଟର୍ ଏସ୍ ଜଗଦିଶ ରାଓ, ପ୍ରେସ୍‌ର ବିଦ୍ୟୁତ ବିଭାଗର କର୍ମଚାରୀ ସଞ୍ଜିବ ସାହୁ, ଅର୍ଜୁନ ପାତ୍ର, ଜଗନ୍ନାଥ ଦଳପତି, ସୁରକ୍ଷା କର୍ମଚାରୀ ଫୁଲମନ ଶବର, ଜଗନ୍ନାଥ ଖରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଷମ କଟକକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷିତ

ବିଷମ କଟକ,୧୬।୮ (ସମିସ): ରାଜ୍ୟ ନଗର ଉନ୍ନୟନ ବିଭାଗ ଆଜି ରାଜ୍ୟର ୭ଜିଲ୍ଲାର ୧୨ଟି ବିଜ୍ଞାପିତ ପରିଷଦ ଅଞ୍ଚଳ ଗଠନ ନିମନ୍ତେ ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ତାଲିକାରେ ରାୟଗଡା ଜିଲ୍ଲାର ବିଷମ କଟକଙ୍କ ନାମ ମଧ୍ୟ ସ୍ଥାନ ପାଇଛି। ବିଷମ କଟକ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଏହି ଦାବିକୁ ଆଜି ଓଡିଶା ସରକାର ପୂରଣ କରିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ରାଜ୍ୟ ସରକାର ଏନ୍‌ଏସି ମାନ୍ୟତା ଦାବିକୁ ପୂରଣ କରିଥିବାରୁ ବିଷମ କଟକ ପ୍ରେସ୍ କ୍ଲବ, ବଣିକ ସଂଘ, ନାଗରିକ ମଞ୍ଚ, ବିଭିନ୍ନ ରାଜନୈତିକ ଦଳ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରାଯାଇଛି। ବିଷମ କଟକକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା ହେବାରେ ଉଦ୍ୟମ ଜାରି ରଖିଥିବା ନାଗରିକ ମଞ୍ଚ ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ, ଦେବୀ ପ୍ରସାଦ ପଟ୍ଟନାୟକ, ଦିଲିପ କୁମାର ପଟ୍ଟନାୟକ, ଶଶି ଭୂଷଣ ପଟ୍ଟନାୟକ, ସୁବାସ ଚନ୍ଦ୍ର ବକ୍ସି, ଏସ୍.ବାବୁରାଓ, କୃଷ୍ଣ ଚନ୍ଦ୍ର ସାହୁ, ଡି.ଶିବପ୍ରସାଦ, ପୃଥ୍ୱୀବୀ ରାଜ ସାହୁ, ଚନ୍ଦ୍ରମୌଳି ପଟ୍ଟନାୟକ, ଦିଲିପ ମହାରଣା, ରବିନ୍ଦ୍ରନାଥ ପଣ୍ଡା, ଜି.ପ୍ରଦୀପ କୁମାର, ସନ୍ତୋଷ କୁମାର ପଣ୍ଡାଙ୍କ ସହ ଅନ୍ୟ ସମସ୍ତ ନେତୃମଣ୍ଡଳୀଙ୍କୁ ବିଷମ କଟକବାସୀଙ୍କ ତରଫରୁ ଧନ୍ୟବାଦ୍ ଜ୍ଞାପନ କରାଯାଇଛି।

## ସିଜିମାଳି ଅଞ୍ଚଳବାସୀଙ୍କ ସମସ୍ୟା ଶୁଣିଲେ ସାଂସଦ



ରାୟଗଡ଼ା,୧୬।୮ (ସମିସ): କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ରାୟଗଡ଼ା ଗସ୍ତବେଳେ ଶୁକ୍ରବାର କାଶିପୁର ବ୍ଲକ ସିଜିମାଳି ଅଞ୍ଚଳ ପରିଦର୍ଶନରେ ଯାଇ ସେଠାକାର ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସିଜିମାଳି ଅଞ୍ଚଳବାସୀ ଏବଂ ମା' ମାଟି ମାଳି ସୁରକ୍ଷା ମଞ୍ଚ ଗତ ଦିନରେ କଂଗ୍ରେସ ଭେଟେରାନ୍ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ନିଜ ସମସ୍ୟା ଜଣାଇବା ପରେ ସପ୍ତଗିରି ସିଜିମାଳି ଗସ୍ତ କରିଥିବା ଜଣାପଡ଼ିଛି। ଅଞ୍ଚଳବାସୀ ଏମ୍‌ପି ଉଲାକାଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଶନିବାର ଏମ୍‌ପି ଉଲାକା ରାୟଗଡ଼ା ଜେଲକୁ ଯାଇ ନାରିଙ୍ଗିଦେଇ ମାଝିଙ୍କୁ ଭେଟି ତାଙ୍କ ସମସ୍ୟା ପଚାରି ବୁଝିଥିଲେ।

## ଉପଜିଲ୍ଲାପାଳଙ୍କ ଗୁଡାରୀ ପରିଦର୍ଶନ

ଗୁଡାରୀ,୧୬।୮ (ସମିସ): ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଉପଜିଲ୍ଲାପାଳ ଦୁଦାଲ ଅଭିଷେକ ଗୁଡାରି ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ସେ ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଗୁଡାରୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ମା' ଗୃହ ପରିଦର୍ଶନ କରିବାପରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାର ଏ ସ୍ନେହଲତାଙ୍କ ସହ ଆଲୋଚନା କରିଥିଲେ। ଗୁଡ଼ାରି ପ୍ରେସ୍ ୟୁନିଅନର ପ୍ରମୋଦ କୁମାର ପତି, ମକରଧ୍ୱଜ କାଦମ୍ବାଲୁ, ପ୍ରସାଦ ଲିମା ଉପସ୍ଥିତ ରହି ଗୁଡାରିରୁ ଭୁବନେଶ୍ୱର ଓ ଗୁଡାରିରୁ ରାୟଗଡ଼ାକୁ ସରକାରୀ ବସ୍ ଚଳାଚଳ କରିବା ନିମନ୍ତେ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ।

## ଟ୍ରାକ୍ଟର-ବାଇକ୍ ଧକ୍କା; ଜଣେ ମୃତ

ପୋଡ଼ାଗଡ,୧୬।୮ (ସମିସ): ଦଶମନ୍ତପୁର ସଦର ମହକୁମାରେ ଟ୍ରାକ୍ଟର ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଚିକାମ୍ବ ପଞ୍ଚାୟତ ଅଧୀନସ୍ଥ ବନାସିଲ ଗାଁର ବାରିକ ମୁଦୁଲି ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛି। ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ କରୁଛି।

## ଜୟପୁର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ

ଜୟପୁର,୧୬।୮ (ସମିସ):



ଜୟପୁର ସହରରେ ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସ୍ଥାନୀୟ ଦଶହରା ପଡିଆଠାରେ ଗତ ଶୁକ୍ରବାର ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଏ. ସସ୍ୟା ରେଓ୍ୱି ଯୋଗଦେଇ ପୂର୍ବାହ୍ନ ୯.୧୫ ମି ସମୟରେ ଜାତୀୟ ପତକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଭାଷଣ ମାଧ୍ୟମରେ ମୁଖ୍ୟଅତିଥି ଉପଜିଲ୍ଲାପାଳ କୁମାରୀ ରେଓ୍ୱି କହିଛନ୍ତି ଯେ, ଆଜିର ଦିବସରେ ଆମେ ନିଜନିଜ କର୍ତ୍ତବ୍ୟ ପ୍ରତି ସଚତନତା ଏହାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଏହି ଦୁଇଟିକୁ ମୂଳମନ୍ତ୍ର କଲେ ତେବେ ନିଶ୍ଚିତ ଭାବରେ ଆମ ସହର, ରାଜ୍ୟ ଓ ଦେଶର ବିକାଶ ହୋଇପାରିବ। ଏହାପରେ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଏନସିସି, ସ୍କାଉଟ, ଗାଇଡ ଏବଂ ସିଭିଲରେ ୩୭ଟି ପ୍ଲାଟୁନ ଦଳର ପରିଦର୍ଶନ ଏବଂ ପ୍ୟାରେଡ ମାଧ୍ୟମରେ ଅଭିବାଦନ ଗ୍ରହଣ କରିଥିଲେ। ଏହା ପରେ ଜିଲ୍ଲା ଓ ରାଜ୍ୟସ୍ତରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଏହି ଅଞ୍ଚଳର ପ୍ରତିଭା ଭାବେ କୁନ୍ଦ ମାଝୀ, ହିରାମଣି ମାଝୀ, ଗ୍ଲୋବାଲ ଫେଷ୍ଟରେ ରାଜ୍ୟ ସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେଇଥିବା ଏବଂ ମାର୍ଶଲ ଆର୍ଟର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଛାତ୍ରଛାତ୍ରୀ ଓ ପରେଡରେ ଭାଗ ନେଇଥିବା ବିଜେତା ଦଳମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପ୍ୟାରେଡ ପଡିଆର କାର୍ଯ୍ୟକ୍ରମ ପରେ ଉତ୍କଳ ବାଳାଶ୍ରମରେ ଥିବା ଅନ୍ତେବାସୀ ଓ ଉପଖଣ୍ଡ କାରାଗାର ଅନ୍ତେବାସୀ, ଜିଲ୍ଲା ଚିକିତ୍ସାଳୟର ରୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ମିଷ୍ଟାନ ଏବଂ ଫଳ ବଣ୍ଟନ କରାଯାଇଥିଲା । ଏହି ଉତ୍ସବରେ ଏସଡିପିଓ ପାର୍ଥ କାଶ୍ୟପ, ଗୋଷ୍ଠି ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଟାଉନଥାନା ଅଧିକରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦରଥାନା ସଚିନ୍ଦ୍ର ପ୍ରଧାନ, ମହିଳା ଥାନା ଅଧିକାରୀ ଆଶ୍ରିତା ଖାକ୍ଲୋ, ବିଭିନ୍ନ ବିଭାଗିୟ ସରକରୀ ଅଧିକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନସିସି ଅଧିକାରୀ ଡ.ଲକ୍ଷ୍ମଣ ପାତ୍ର, ପୀତବାସ ବିଶ୍ୱାଳ, ଅଶୋକ ବିଶ୍ୱାଳ, ରବି ନାୟକ, ନିରଞ୍ଜନ ପାଣିଗ୍ରାହୀ, ଗଣେଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସହରର ପୌରକାର୍ଯ୍ୟାଳୟ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟ ଅଟୋ ଚାଳକ ସଂଘ, ଶ୍ରମିକ ସଂଘ, ଜିଲ୍ଲା ଡମ୍ ସଂଗଠନ, ବିଜେଡି, କଂଗ୍ରେସଦଳୀୟ କାର୍ଯ୍ୟାଳୟଠାରେ ଏବଂ ଅନ୍ୟାନ୍ୟ ସଂସ୍ଥା ଗୁଡିକରେ ପତକା ଉତ୍ତୋଳନ କରାଯାଇ ସ୍ୱାଧିନତା ଦିବସ ପାଳିତ ହୋଇଥିଲା।

## ନବରଙ୍ଗପୁର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

ନବରଙ୍ଗପୁର,୧୬।୮ (ସମିସ):



ନବରଙ୍ଗପୁର ସହର ସ୍ଥିତ ଷ୍ଟାଡିୟମ୍‌ଠାରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପରେଡର ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପ୍ରାତଃ ୪ଟା ୩୦ମି ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ରାମଧୁନ୍ ପରିବେଷଣ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିଙ୍କ ଠାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥୀ ଙ୍କ ସମେତ ନବରଙ୍ଗପୁର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ, ପୌର ଅଧ୍ୟକ୍ଷ କୁନୁ ନାୟକ ପତାକା ଉତ୍ତୋଳନ ସମୟରେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାରତର ସ୍ୱାଧୀନତା ଆନ୍ଦୋଳନରେ ଦେଶ ତଥା ରାଜ୍ୟର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ମହାନତା, ପାପଡ଼ାହାଣ୍ଡି ସହିଦଙ୍କ ବଳିଦାନ ଓ ସହିଦ ଲକ୍ଷ୍ମଣ ନାୟକଙ୍କ ବିରତ୍ୱକୁ ସ୍ମରଣ କରି ନବରଙ୍ଗପୁର ଜିଲ୍ଲାକୁ ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେଡ ପଡ଼ିଆରେ ମୋଟ ୨୬ ଟି ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପୋଲିସ ବିଭାଗର ପ୍ଲାଟୁନ୍ ଯୋଗ ଦେଇଥିଲେ। ପଡିଆରେ ୮ ଟି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଗ୍ରୁପ୍ ଏ ସିନିଅର ୟୁନିଫର୍ମ ଦଳରେ ବିଜେତା ଏନସିସି ନବରଙ୍ଗପୁର ମହାବିଦ୍ୟାଳୟ ଓ ଉପ ବିଜେତା ଏନ୍ ସି ସି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, ଗ୍ରୁପ୍ ବି ୟୁନିଫର୍ମରେ ବିଜେତା ରେଡକ୍ରସ ଆର୍‌ସିଡି ହାଇସ୍କୁଲ ଓ ଉପ ବିଜେତା ସ୍କାଉଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମହାବିଦ୍ୟାଳୟ ସିଭିଲିଆନ ଦଳରେ ବିଜେତା ସ୍ମାର୍ଟ ଗୁରୁକୁଳ ଓ ଉପବିଜେତା ଶିକ୍ଷା ବିଜ୍ଞାନ କଲେଜ, ଗ୍ରୁପ ସି ସିଭିଲିଏନ୍ (ସିନିଅର) ଦଳରେ ବିଜେତା ବାପୁଜୀ ପବ୍ଲିକ ସ୍କୁଲ ଓ ଉପବିଜେତା ୟୁନିକ ପବ୍ଲିକ ସ୍କୁଲ, ଗ୍ରୁପ୍ ଡି ସିଭିଲିଏନ୍ (ଜୁନିଅର) ଦଳରେ ବିଜେତା ଟେକ୍ନୋ ଗୁରୁକୁଳ ଓ ଉପବିଜେତା ଏକ୍ସ ବୋର୍ଡ ୟୁପି ସ୍କୁଲ ପ୍ରମାଣ ପତ୍ର ଓ ଟ୍ରଫି ପୁରସ୍କାର ମୁଖ୍ୟଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ବିଭିନ୍ନ ବିଭାଗୀୟ କ୍ଷେତ୍ରରେ ଉତ୍କୃଷ୍ଟତା ଲାଭ କରିଥିବା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଆଶାକର୍ମୀ ରୂପେ ସଂଯୁକ୍ତା ଚୌଧୁରୀ, ସୁସ୍ଥ ଗାଁ ପୁରସ୍କାର ରୂପେ ଗାଁ କଲ୍ୟାଣ ସମିତି ଖାଣ୍ଡା, ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ରୂପେ ବେତାଳ ଗ୍ରାମ ପଞ୍ଚାୟତ, ଶ୍ରେଷ୍ଠ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରୂପେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଜିରାଗୁଡ଼ା, ପୌରପାଳିକା ନବରଙ୍ଗପୁର ଶ୍ରେଷ୍ଠ ପୁରୁଷ ସଫେଇ କର୍ମଚାରୀ ରୂପେ ଜଗତ ହରିଜନ, ଶ୍ରେଷ୍ଠ ମହିଳା ସଫେଇ କର୍ମଚାରୀ ରୂପେ ତୁଳସି ହରିଜନ, ମମତା ଓ ସୁଭଦ୍ରା ଯୋଜନାରେ ଉତ୍ତମ କାର୍ଯ୍ୟ ନିର୍ବାହ କରି ଜିଲ୍ଲା ସଂଯୋଜକ (ମମତା) ବିଶ୍ୱଜିତ୍ ମହାନ୍ତି, ବାଲ୍ୟ ବିବାହ ପ୍ରତିରୋଧରେ ଆକ୍ସନଏଡର ଫକୀର ରାଉତ, ପୋଷଣ ଅଭିଯାନ ପାଇଁ ଶ୍ରେଷ୍ଠ ସିଡିପିଓ ସସ୍ମିତା ବାଲା ମହାନ୍ତି, ଶ୍ରେଷ୍ଠ ସୁପରଭାଇଜର ସବିତା ମଲ୍ଲିକ, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ଧବନି ଜାନୀ, ଶ୍ରେଷ୍ଠ ଶିକ୍ଷକ ବଦ୍ରି ନାରାୟଣ ବିଶ୍ୱାଳ ଓ କାଳୁ ଚରଣ ମହାରଣା, ଶ୍ରେଷ୍ଠ ଏଟିଏମ ଭାବେ ତେନ୍ତୁଳିଖୁଣ୍ଟି ଆତ୍ମା ର ବାଲ ଗୋବିନ୍ଦ ସାହୁ, ଶ୍ରେଷ୍ଠ ଉଦ୍ୟାନ କୃଷକ କୃଷ୍ଣ ଭତରା ଏବଂ ସମ୍ପୂର୍ଣ୍ଣତା ଅଭିଯାନ ପାଇଁ ପିରାମଲ୍ ଫାଉଣ୍ଡେସନ ମୁଖ୍ୟଅତିଥିଙ୍କ ଠାରୁ ମାନପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ। ପରେ ମୁଖ୍ୟଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପ କାରାଗାର ପରିଦର୍ଶନ କରି ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଆର୍‌ସିଡି ହାଇସ୍କୁଲରେ ଅନୁଷ୍ଠିତ ସଂଧ୍ୟା ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଏବଂ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତର ପ୍ରବନ୍ଧ, ବକ୍ତୃତା, କୁଇଜ୍,ଚିତ୍ରାଙ୍କନ,ସଙ୍ଗୀତ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ୪ଟି ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପରେଡ ପଡିଆ କାର୍ଯ୍ୟକ୍ରମ ଓ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୬୭.୬୫ ● ପାଉଣ୍ଡ ୧୧୮.୬୪
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୬୩ (ନୂଆଦିଲ୍ଲୀ)
- ରୁପା : ୧,୧୬,୨୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୭.୦୦
- ନିଫ୍ଟି ୨୪,୬୩୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଗ୍ରାହକଙ୍କୁ ଝଟ୍‌କା ଦେଲା ଦେଶର ବଡ଼ ବ୍ୟାଙ୍କ

# ଗୃହ ଋଣ ମହଙ୍ଗା କଲା ଏସ୍‌ବିଆଇ

ମୁମ୍ବାଇ, ୧୬।୮ (ଏଜେନ୍ସି)

ସୁଧହାର ବଢ଼ାଇଲା ୨୫ ବେସିସ୍ ପଏଣ୍ଟ

ଭାରତର ସବୁଠାରୁ ବଡ଼ ସରକାରୀ ବ୍ୟାଙ୍କ ଏସ୍‌ବିଆଇ ଗ୍ରାହକଙ୍କୁ ବଡ଼ ଝଟ୍‌କା ଦେଇଛି। ଏହି ବ୍ୟାଙ୍କ ଗୃହ ଋଣର ସୁଧ ହାର ବଢ଼ାଇ ଦେଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୁଧ ହାର ୨୫ ବେସିସ ପଏଣ୍ଟ ବୃଦ୍ଧି କରିଛି। ପୂର୍ବରୁ ଯେଉଁ ସୁଧ ହାର ୭.୫ରୁ ୮.୪୫ ପ୍ରତିଶତ ଥିଲା ଏବେ ତାହା ୭.୫ରୁ ୮.୭୦ ପ୍ରତିଶତ ହୋଇଯାଇଛି। ଏହି ବ୍ୟାଙ୍କ ଉପର ବ୍ୟାଣ୍ଡରେ ସୁଧ ହାର ବୃଦ୍ଧି କରିବାକୁ ଘୋଷଣା କରିଛି। ଏହା ଦ୍ୱାରା ସାଧାରଣ ନାଗରିକଙ୍କ ପାଇଁ ଗୃହ ଋଣ ମହଙ୍ଗା ହୋଇଯିବ। ଘର କରିବା ମଧ୍ୟ ଅଧିକ କଠିନ ହେବ। ଏହି ନିଷ୍ପତ୍ତି ଦ୍ୱାରା କ୍ରେଡିଟ ସ୍କୋର କମ୍ ଥିବା ଲୋକେ ବେଶୀ ପ୍ରଭାବିତ ହେବେ। କାରଣ ବ୍ୟାଙ୍କଗୁଡିକ ଋଣ ହାରର ସର୍ବାଧିକ ସୀମାକୁ ବୃଦ୍ଧି କରିଦେଇଛନ୍ତି। ଆଗାମୀ ଦିନରେ ଅନ୍ୟ ସରକାରୀ ବ୍ୟାଙ୍କଗୁଡିକ ମଧ୍ୟ ଏପରି ନିଷ୍ପତ୍ତି ନେଇପାରନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଥର ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିଥିବାବେଳେ ବ୍ୟାଙ୍କଗୁଡିକ ସୁଧ ହାର ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବୈଠକକୁ ଛାଡ଼ି ଦେଲେ ତା ପୂର୍ବରୁ ଆର୍‌ବିଆଇ କ୍ରମାଗତ ଭାବେ ରେପୋ ରେଟ୍ ହ୍ରାସ କରିଛି।

ଜୁଲାଇ ଶେଷରେ ଏସ୍‌ବିଆଇର ଗୃହ ଋଣ ଉପରେ ସୁଧ ହାର ୭.୫ ରୁ ୮.୪୫ ପ୍ରତିଶତ ଥିଲା। ସେହିପରି ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟ ଜୁଲାଇ ଶେଷରେ ନିଜ ସୁଧ ହାର ବଢ଼ାଇ ୭.୩୫ରୁ ବଢ଼ାଇ ୭.୪୫ ପ୍ରତିଶତ କରି ଦେଇଥିଲା। ଅନ୍ୟପଟେ ଏଚ୍‌ଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି ଘରୋଇ ବ୍ୟାଙ୍କର ସୁଧ ହାର ଯଥାକ୍ରମେ ୭.୯୦ ପ୍ରତିଶତ, ୮ ପ୍ରତିଶତ ଏବଂ ୮. ୩୫ ପ୍ରତିଶତ ରହିଛି। ରିପୋର୍ଟ ଅନୁଯାୟୀ ଏସ୍‌ବିଆଇ ସିବିଲ ସ୍କୋର ଏବଂ ଏକ୍ସଟରନା ବେଞ୍ଚମାର୍କ ଲେଣ୍ଡିଂ ରେଟ (ଇବିଏଲଆର) ଆଧାରରେ ସୁଧ ହାରରେ ପରିବର୍ତ୍ତନ କରିଛି।

## ଆରମ୍ଭ ହେଲା ବର୍ଷିକିଆ ଫାସଟାଗ୍

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଅଗଷ୍ଟ ୧୫ରୁ ସାରା ଦେଶରେ 'ବର୍ଷିକିଆ ଫାସ୍‌ଟାଗ୍ ପାସ୍'ସେବା ଆରମ୍ଭ ହୋଇଛି। ଏହି ପାସ୍‌ର ମୂଲ୍ୟ ୩ ହଜାର ଟଙ୍କା ରଖାଯାଇଛି। ଏହା ବର୍ଷେ ପର୍ଯ୍ୟନ୍ତ ବୈଧ ରହିବ। ବ୍ୟବହାରକାରୀ ଏହାକୁ ଦେଖାଇ ୨୦୦ ଥର ଟୋଲ୍ ଦେଇ ଯାତାୟତ କରିପାରିବେ। ଏହା ଦ୍ୱାରା ବ୍ୟବହାରକାରୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। କାରଣ ଏହି ପାସ୍ ମାଧ୍ୟମରେ ଗୋଟିଏ ଟୋଲ୍ ଅତିକ୍ରମ କରିବା ପାଇଁ ୧୫ ଟଙ୍କା ଲାଗିବ। ସାରା ଦେଶରେ ଏନ୍‌ଏଚ୍ ଗୁଡିକରେ ଭିଡ଼ କମ୍ ହେବ। ବାରମ୍ବାର ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବ ନାହିଁ। ରିଚାର୍ଜ ସମସ୍ୟାରୁ ମଧ୍ୟ ଆଶ୍ୱସ୍ତି ମିଳିବ। ବାରମ୍ବାର ଏନ୍‌ଏଚ୍‌ରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହି ପାସ୍ ବ୍ୟବସ୍ଥା ଉପଯୋଗୀ ହେବ। ଗତ ଜୁନ୍ ୧୮ ରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଏହି ପାସ୍ ବ୍ୟବସ୍ଥାର ଘୋଷଣା କରିଥିଲେ। ଟୋଲ୍ କ୍ରସ କରିବାରେ ପ୍ରାୟ ୧୦ ହଜାର ଟଙ୍କା ବ୍ୟୟ ହେଉଥିବାବେଳେ ଏବେ ୩ ହଜାରରେ କାମ ହୋଇଯିବ ବୋଲି ସେ କହିଥିଲେ। ବର୍ଷିକିଆ ପାସ୍ ଦ୍ୱାରା ପ୍ରତି ଟୋଲ୍‌ରେ ପ୍ରାୟ ୩୫ ଟଙ୍କା ସଞ୍ଚୟ ହେବ। ବ୍ଲାକଲିଷ୍ଟ ହେବାର ଚିନ୍ତା ଦୂର ହେବ। ଲୋକେ ଡିଜିଟାଲ ପେମେଣ୍ଟକୁ ଅଧିକ ବ୍ୟବହାର କରିବେ। ଟୋଲ୍ କର୍ମଚାରୀ ଏବଂ ଡ୍ରାଇଭରଙ୍କ ମଧ୍ୟରେ ଝଗଡ଼ା ଶେଷ ହେବ। ୬୦ କିମି ମଧ୍ୟରେ ରହୁଥିବା ଲୋକଙ୍କ ସମସ୍ୟା ଦୂର ହେବ। ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ ପାଇବ।




### ଟାଫେର ମାସି ଡାଇନାଷ୍ଟାର ପ୍ରତିଯୋଗିତା

## ତୃଣମୂଳସ୍ତରର କୃଷି ଉଦ୍ଭାବନକୁ ସ୍ୱୀକୃତି

ହାଇଦରାବାଦ, ୧୬।୮ (ସମିସ): ଟାଫେ - ଟ୍ରାକ୍ଟର ଓ ଫାର୍ମ ଇକ୍ୟୁପମେଣ୍ଟ ଲିମିଟେଡ୍ ଏବଂ ମାସି ଫର୍ଗୁସନ ଟ୍ରାକ୍ଟରର ନିର୍ମାତା ଏହାର ମାସି ଡାଇନାଷ୍ଟାର ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣକୁ ସଫଳତାର ସହ ଶେଷ କରିଛନ୍ତି। ଏହି ପଦକ୍ଷେପ ବହୁମୁଖୀ ମାସି ଫର୍ଗୁସନ ଡାଇନାଟ୍ରାକ୍ ୨୪୧ ଟ୍ରାକ୍ଟର ଦ୍ୱାରା ପରିଚାଳିତ ମୌଳିକ, ଦକ୍ଷତାଏବଂ ସାମାଜିକ ଭାବରେ ପ୍ରଭାବଶାଳୀ ଚିନ୍ତାଧାରା ଆବିଷ୍କାରକୁ ପୁରସ୍କୃତ କରିବା ଲକ୍ଷ୍ୟ ରଖିଛି। ଏହି ସଂସ୍କରଣରେ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳରୁ ୧୬ ହଜାରରୁ ଅଧିକ ପ୍ରବେଶ ମିଳିଛି। ଏହି ଗୋଷ୍ଠୀରୁ ଆସାମ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ - ୭ଟି ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷି-ଛାତ୍ର ସାମିଲ ଥିଲେ।

କର୍ଣ୍ଣାଟକର ବେଲଗାମର ଆଇଟି କର୍ମଚାରୀ ଅଭିନାଶ ଦେଶାଇଙ୍କୁ ମହାନ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କୁ ପ୍ରାୟ ୮.୨ ଲକ୍ଷ ମୂଲ୍ୟର ଏକ ସମ୍ପୂର୍ଣ୍ଣ ନୂତନ ଏମଏଫ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲା। ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏବଂ ପଟିଆଲାର ଅମ୍ରିତ ଜୋତ ସିଂହଙ୍କୁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ପାଇଁ ୮ ଗ୍ରାମ ସୁନା ମୁଦ୍ରା ପ୍ରଦାନ କରାଯାଇଥିଲା। ଆସାମ କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଡକ୍ଟର ଜୟକୁମାର କାରୁପ୍ପସାମି ଜୁରି'ସ ଚଏସ୍ ପୁରସ୍କାରରେ ୫୦ ଗ୍ରାମ ରୂପା ମୁଦ୍ରା ଜିତିଥିଲେ।

## ସ୍ୱିଗିରେ ଖାଇବା ମଗାଇବା ମହଙ୍ଗା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଅନ୍‌ଲାଇନ ଫୁଡ୍ ଡେଲିଭରି ପ୍ଲାଟଫର୍ମ ସ୍ୱିଗି ଖାଦ୍ୟ ମଗାଇବାକୁ ଅଧିକ ମହଙ୍ଗା କରିଦେଇଛି। କମ୍ପାନୀ ନିଜ ପ୍ଲାଟଫର୍ମ ଦେୟ ୧୭ ପ୍ରତିଶତ ଅର୍ଥାତ୍ ୨ ଟଙ୍କା ବୃଦ୍ଧି କରିଛି। ଏବେ ଖାଦ୍ୟ ମଗାଇଲେ ଥରକୁ ପ୍ଲାଟଫର୍ମ ଦେୟ ବାବଦକୁ ୧୪ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହି ଦର ୧୨ ଟଙ୍କା ଥିଲା। ପାର୍ବଣ ଋତୁରେ ଚାହିଦା ବୃଦ୍ଧି ପାଉଥିବାବେଳେ ଲାଭ ଏବଂ ଆର୍ଥିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ କମ୍ପାନୀ ଏହି ପଦକ୍ଷେପ ନେଇଛି। ସ୍ୱିଗି ପ୍ରଥମ ଥର ପାଇଁ ୨୦୨୩ ଏପ୍ରିଲରେ ପ୍ଲାଟଫର୍ମ ଦେୟ ଆରମ୍ଭ କରିଥିଲା। ନିଜର ଆର୍ଥିକ ସ୍ଥିତିକୁ ଅଧିକ ଭଲ କରିବା ପାଇଁ ଏପରି କରାଯାଇଥିଲା। ସେହି ଦିନଠାରୁ କମ୍ପାନୀ ଧିରେ ଧିରେ ଅନେକ ଥର ପ୍ଲାଟଫର୍ମ ଦେୟ ବଢ଼ାଇଲାଣି। କାରଣ ଏହା ଦ୍ୱାରା ଖାଦ୍ୟ ମଗାଇବା ଉପରେ କୌଣସି ପ୍ରଭାବ ପଡୁନାହିଁ। ଗ୍ରାହକଙ୍କ ଏହି ଧାରାରେ ପଡ଼ି ଯାଉଛନ୍ତି। ଦୁଇ ଚାରି ଟଙ୍କା ବୃଦ୍ଧି ଦ୍ୱାରା ଗ୍ରାହକଙ୍କୁ ମଧ୍ୟ କୌଣସି ପ୍ରଭାବ ପଡୁନି। ପ୍ରାରମ୍ଭରେ ଏହି ଦେୟ ମାତ୍ର ୨ ଟଙ୍କା ଥିଲା। ସେହିପରି ଗତ ବର୍ଷ ନୂଆ ବର୍ଷରେ ଏହି ଦେୟ ୧୨ ଟଙ୍କା କରିଦିଆଯାଇଥିଲା।

### ଜିଏସ୍‌ଟି ହାର ବଦଳିବ

# କ୍ଷୀର, ଦହି, ପେନ୍‌ସିଲ ଆଦି ହେବ ଶସ୍ତା!

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି)

ସାରା ଦେଶରୁ ଟିକସ ବୋଝ କମ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସରେ 'ନେକ୍ସଟ ଜେନେରେସନ ଜିଏସ୍‌ଟି ରିଫର୍ମ' ଘୋଷଣା କରିଛନ୍ତି। ଏହି ଜିଏସ୍‌ଟି ସଂସ୍କାର ଆସନ୍ତା ଦିପାବଳୀରୁ ଲାଗୁ ହେବ ବୋଲି ସେ ସଙ୍କେତ ଦେଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ଟିକସ ହ୍ରାସ କରାଯିବ। ଦୈନନ୍ଦିନ ସାମଗ୍ରୀ ଶସ୍ତା ହୋଇପାରେ ବୋଲି କହିଥିଲେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୧୨ ପ୍ରତିଶତ ଜିଏସ୍‌ଟି ସ୍ଲାବରେ ଆସୁଥିବା ସାମଗ୍ରୀକୁ ହ୍ରାସ କରି ୫ ପ୍ରତିଶତ କରାଯାଇପାରେ। ୨୮ ପ୍ରତିଶତ ବର୍ଗରେ ଥିବା ସାମଗ୍ରୀ ୧୮ ପ୍ରତିଶତକୁ ହ୍ରାସ ପାଇପାରେ। ପୂର୍ବରୁ ଟୁଥପେଷ୍ଟ, ବାସନକୁସନ, ପୋଷାକ, ଜୋତା ଭଳି ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ ବୋଲି କୁହାଯାଉଥିଲା। କାରଣ ସରକାର ମଧ୍ୟବର୍ତ୍ତି, ନିମ୍ନ ଆୟକାରୀ ପରିବାରକୁ ଜିଏସ୍‌ଟିରେ ଆଶ୍ୱସ୍ତି ଦେବାକୁ ପ୍ରସ୍ତୁତି କରୁଛନ୍ତି।

ରିପୋର୍ଟ ଅନୁଯାୟୀ ସରକାର ୧୨ ପ୍ରତିଶତ ଜିଏସ୍‌ଟି ସ୍ଲାବ ସମ୍ପୂର୍ଣ୍ଣ ଉଚ୍ଛେଦ କରିବେ କିମ୍ବା ବର୍ତ୍ତମାନର ୧୨ ପ୍ରତିଶତ ଟିକସ ଥିବା ସାମଗ୍ରୀକୁ ହ୍ରାସ କରି ୫ ପ୍ରତିଶତକୁ ଆଣିପାରନ୍ତି। ଏହି ପରିବର୍ତ୍ତନରେ ମଧ୍ୟବିତ୍ତ, ଆର୍ଥିକ ଦୁର୍ବଳ ଶ୍ରେଣୀରେ ଲୋକ ବ୍ୟବହାର କରୁଥିବା ସାମଗ୍ରୀ ସାମିଲ ହେବ। ଏବେ ଜିଏସ୍‌ଟି ଚାରୋଟି ସ୍ଲାବ୍‌ରେ ରହିଛି। ଏଥିରେ ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ ଏବଂ ୨୮ ପ୍ରତିଶତ ସାମିଲ ରହିଛି। ତେବେ ତମାଖୁ, ସିଗାରେଟ ଏବଂ ବିୟର ଭଳି ତମାଖୁ ଉତ୍ପାଦ ପାଇଁ ଅତିରିକ୍ତ ୪୦ ପ୍ରତିଶତ ଜିଏସ୍‌ଟି ସ୍ଲାବ ରହିବ। ବିଶେଷଜ୍ଞଙ୍କ ଅନୁଯାୟୀ ଜିଏସ୍‌ଟିରେ ସଂସ୍କାର ଦ୍ୱାରା ଦୈନନ୍ଦିନର ସାମଗ୍ରୀଠାରୁ ନେଇ ଔଷଧ, ଟିଭି ଏବଂ ୱାସିଂ ମେସିନ ଆଦି ଶସ୍ତା ହେବ। କୃଷି ଉପକରଣ, ସାଇକେଲ, ବୀମା, ଶିକ୍ଷା, କ୍ଷୀର, ଦହି, ପେନ୍‌ସିଲ ଆଦି ଶସ୍ତା ହେବ। ଏହା ଦ୍ୱାରା ପରିବାର ଏବଂ ଚାଷୀଙ୍କୁ ସିଧା ଲାଭ ମିଳିବ। ଅର୍ଥ ବ୍ୟବସ୍ଥା ବଢ଼ିବ। ଜିଏସ୍‌ଟି ସ୍ଲାବ୍‌କୁ ହ୍ରାସ କରି ୫, ୧୮ ଏବଂ ୪୦ ପ୍ରତିଶତ କରାଯାଇପାରେ। ୧୨ ପ୍ରତିଶତରେ ଥିବା ପ୍ରାୟ ୯୯ ପ୍ରତିଶତ ସାମଗ୍ରୀକୁ ୫ ପ୍ରତିଶତ ସ୍ଲାବକୁ ଅଣାଯିବ। ଏହି ସାମଗ୍ରୀ ମଧ୍ୟରେ କ୍ଷୀର,




ଦହି, ଖଟାମିଠା, ପାସ୍ତା, ଭୁଜିଆ, ଜାମ, ଟୁଥ୍ ପାଉଡର, କ୍ଷୀର ବୋତଲ, ଛତା, ସାଇକେଲ, ଆସବାବପତ୍ର, ପେନ୍‌ସିଲ, କପା, ହ୍ୟାଣ୍ଡବ୍ୟାଗ ଏବଂ ହଜାରେ ଟଙ୍କାରୁ କମ୍ ଦାମର ଜୋତା ସାମିଲ ରହିଛି। ଏ ସବୁର ଜିଏସ୍‌ଟି ହାର ହ୍ରାସ ପାଇ ୫ ପ୍ରତିଶତ କରାଯାଇପାରେ।

## ଟ୍ରମ୍ପ-ପୁଟିନଙ୍କ ବୈଠକ ପରେ ୧୦୦ ଦେଶକୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆଲାସ୍କାରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ କୌଣସି ଚୁକ୍ତି ହୋଇପାରି ନାହିଁ। କିନ୍ତୁ ଏହି ବୈଠକ ବିଶ୍ୱର ଶହେ ଦେଶକୁ ଆଶ୍ୱସ୍ତି ଦେଇଛି। ଏହି ଦୁଇ ନେତାଙ୍କ ଆଲୋଚନା ପରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ଦୁଇ ପ୍ରତିଶତ ହ୍ରାସ ପାଇଛି। ସୂଚନା ଅନୁଯାୟୀ ବିଶ୍ୱର ପ୍ରାୟ ୯୮ଟି ଦେଶ ଅଶୋଧିତ ତୈଳ ଉତ୍ପାଦନ କରୁଛନ୍ତି। ଏହି ତୈଳ ଅନ୍ୟ ଶହେ ରାଷ୍ଟ୍ରଙ୍କୁ ରପ୍ତାନୀ କରନ୍ତି। ଅଶୋଧିତ ତୈଳ ଦର ହ୍ରାସ ପାଇବା ଯୋଗୁଁ ତୈଳ ଆମଦାନୀକାରୀ ଦେଶମାନଙ୍କ ଉପରେ ଚାପ କମ୍ ରହିଛି। ଅଗଷ୍ଟ ମାସରେ ଉପସାଗରୀୟ ଏବଂ ଆମେରିକୀୟ ତୈଳ ୯ ପ୍ରତିଶତରୁ ଅଧିକ ଶସ୍ତା ହୋଇଛି।

ଟ୍ରମ୍ପ ଏବଂ ପୁତିନଙ୍କ ବୈଠକ ଦ୍ୱାରା ପରବର୍ତ୍ତୀ ବାର୍ତ୍ତାର ଦ୍ୱାର ଖୋଲି ଯାଇଛି। ମସ୍କୋରେ ଏହି ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାର ପ୍ରଭାବ ଅଶୋଧିତ ତୈଳ ଦର ଉପରେ ପଡିଛି। ଅନ୍ତର୍ଜାତୀୟ ବଜାରରେ ଏହି ଦର ହ୍ରାସ ପାଇଛି। ଆମେରିକା କ୍ରୁଡ ଅଏଲ ତଥା ଡବ୍ଲୁଟିଆଇ ମୂଲ୍ୟ ପ୍ରାୟ ୨ ପ୍ରତିଶତ ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ ଏହା ୧.୮୦ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପିଛା ୬୨.୮୦ ପ୍ରତିଶତ ରହିଛି। ଚଳିତ ମାସରେ ଆମେରିକା ଅଶୋଧିତ ତୈଳ ପ୍ରାୟ ୯.୩୨ ପ୍ରତିଶତ ଅର୍ଥାତ ୬.୪୬ ଡଲାର କମିଲାଣି। ଏହା ଦ୍ୱାରା ଅନେକ ଦେଶକୁ ଲାଭ ମିଳିଛି। ସେହିପରି ଉପସାଗରୀୟ ଦେଶଗୁଡିକର ତୈଳ ମୂଲ୍ୟ ମଧ୍ୟ ଦେଢ଼ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଲାଣି। ଶୁକ୍ରବାର ବ୍ରେଣ୍ଟ କ୍ରୁଡ ଅଏଲ ବ୍ୟାରେଲ ପିଛା ୧.୪୮ ପ୍ରତିଶତ ହ୍ରାସ ପାଇ ୬୫.୮୫ ଡଲାର ରହିଛି। ଚଳିତ ମାସରେ ଏହା ୬.୬୮ ଡଲାର ତଥା ୯.୨୧ ପ୍ରତିଶତ ହ୍ରାସ ପାଇଲାଣି।

# ରାଜ୍ୟ ଖବର



ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁଲିସ ପଦକ ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ

## ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ

### ଖବର ଶୁଣି ବିଷ ପିଇଦେଲେ ସ୍ତ୍ରୀ

ନିଆଳି, ୧୬।୮ (ସମିସ): ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ଖବର ପାଇ ସ୍ତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ନିଆଳି ବ୍ଲକ୍ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ଏକବେରୁଆଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ସୁରେନ୍ଦ୍ର ସ୍ୱାଇଁ (୭୦)। ଗୁରୁତର ସ୍ତ୍ରୀ ଲତିକା ଏବେ ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଶନିବାର ଭୋର୍‌ରେ ସୁରେନ୍ଦ୍ର ଘର ପାଖ ପରିବା କିଆରିରେ ବାଇଗଣ ତୋଳୁଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ





ତାଙ୍କୁ ଜଗତସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣିବା ପରେ ସ୍ତ୍ରୀ ଲତିକା ମାନସିକ ଭାରସାମ୍ୟ ହରାଇ ବସିଥିଲେ। ନିଜକୁ ଏକ ଘର ଭିତରେ ବନ୍ଦ କରି କୀଟନାଶକ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଛି।

ସୁରେନ୍ଦ୍ରଙ୍କ ତିନିଝିଅ ବିବାହିତ। ଏକମାତ୍ର ୨୫ ବର୍ଷର ପୁଅ ଦିବ୍ୟାଙ୍ଗ। ଏପରି ଖବର ପାଇ ୩ଝିଅ ପହଞ୍ଚିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

ପୁରୀ, ୧୬।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଚଢୁଥିଲେ ଜଣେ ଭକ୍ତ। ବେହେରଣ ଦ୍ୱାର ଦେଇ ଉପରକୁ ଉଠୁଥିବାବେଳେ ଜେଟିପି ତାଙ୍କୁ ଦେଖିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଭାବେ ତଳକୁ ଅଣାଯାଇଥିଲା। ପରେ ତାଙ୍କୁ ସିଂହଦ୍ୱାର ଥାନା ନିଆଯାଇଥିଲା। ସେଠାରେ ପଚରାଉଚରା କରିଥିଲା ପୁଲିସ। ସମ୍ପୃକ୍ତ ବ୍ୟକ୍ତି ଝାଡ଼ଖଣ୍ଡ ରାଞ୍ଚିର ପଞ୍ଚମ ମହାତୋ ବୋଲି ଜଣାପଡ଼ିଛି। ତେବେ ସେ କାହିଁକି ଚଢୁଥିଲେ, ସେମିତି କିଛି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ପୁଲିସ ପଚରାଉଚରା କରିବା ପରେ ତାଙ୍କୁ ଛାଡ଼ିଦେଇଛି।



ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ଶନିବାର ଥିଲା ନନ୍ଦୋତ୍ସବ। ଏଥିପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତି ବେହେରଣ ଦ୍ୱାର ପଟରୁ ପ୍ରାୟ ୫ରୁ ୭ ଫୁଟ୍ ଚଢ଼ିଯାଇଥିବା ବେଳେ ଜେଟିପି (ଜଗନ୍ନାଥ ଟେମ୍ପୁଲ ପୁଲିସ) ହାତରେ ଧରାପଡ଼ିଲେ। ଏହାପରେ ତାଙ୍କୁ ସିଂହଦ୍ୱାର ଥାନାରେ ପଚରାଉଚରା କରିଥିଲା। କେଉଁ ପରିସ୍ଥିତିରେ ଏବଂ କାହିଁକି ମନ୍ଦିର ଉପରକୁ ଚଢୁଥିଲେ ବୋଲି ପୁଲିସ ତାଙ୍କୁ ପଚାରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ତେବେ ସେ ଏକୁଟିଆ ଦର୍ଶନ ପାଇଁ ଆସିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ମନ୍ଦିର ଉପରକୁ ଚଢୁଥିବା ବେଳେ ତାଙ୍କୁ ସୁରକ୍ଷା କର୍ମୀ ଦେଖି ତଳକୁ ଆଣିଥିଲେ। ସେମିତି କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ତାଙ୍କର ନ ଥିଲା। ଜେରା ପରେ ତାଙ୍କୁ ଛାଡ଼ି ଦିଆଯାଇଛି ବୋଲି ସିଟି ଡିଏସ୍‌ପି ସୂଚନା ଦେଇଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା ପାଇଁ ମାଳମାଳ ସୁରକ୍ଷାକର୍ମୀଙ୍କ ସହ ସିସିଟିଭି ମଧ୍ୟ ଲାଗିଛି। ଏହା ସତ୍ତ୍ୱେ ଜଣେ ବ୍ୟକ୍ତି କେମିତି ଓ କେଉଁ ପରିସ୍ଥିତିରେ ମନ୍ଦିର ଉପରକୁ ଚଢ଼ିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି। ଯଦି ଉକ୍ତ ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥାନ୍ତା, କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ ଉଠୁଛି। ଏହା ଅତି ଅଭାବନୀୟ ଘଟଣା। ପୁଲିସ ଓ ପ୍ରଶାସନ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆହୁରି ସମ୍ବେଦନଶୀଳ ହେବା ଉଚିତ ବୋଲି କହିଛନ୍ତି ଶ୍ରଦ୍ଧାଳୁ।

ସୂଚନାଥାଉ କି, ପୂର୍ବରୁ ମଧ୍ୟ ଏମିତି ଏକାଧିକ ଘଟଣା ନଜିର ରହିଛି। ଗତବର୍ଷ ସେପ୍ଟେମ୍ବର ୧୧ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ବଳରାମ ମହାରଣା ନାମକ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଦଧିନଉତିକୁ ଚଢ଼ିଯାଇଥିଲେ। ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୁଲିସ କହିଥିଲା। ସେହିପରି ୨୦୨୨ ଏପ୍ରିଲ ୧ ତାରିଖରେ ଶ୍ରୀମନ୍ଦିରରେ ଘଟିଥିଲା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ସିଂହଦ୍ୱାର ଗୁମ୍ଫୁଟ ଉପରୁ ତଳକୁ ଡେଇଁ ଜୀବନ ହାରିଥିଲେ ନିମାପଡ଼ା ଗଡ଼ଇଟାପୋଖରୀର ବଳରାମ ରାଉତ ନାମକ ଜଣେ କିନ୍ନର। ୨୦୧୯ ଏପ୍ରିଲ ୨୦ତାରିଖରେ ନୀଳଚକ୍ରରେ ଚଢ଼ି ଗାମୁଛା ବାନ୍ଧିଥିଲେ ଜଣେ ବାଳକ। ଏପରିକି ସେ ମହାପ୍ରଭୁଙ୍କ ବାନା ମଧ୍ୟ ଖୋଲି ନେଇ ଆସିଥିଲେ। ଏମିତି କିଛି ଘଟଣା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଥିବା ବେଳେ ଶନିବାର ପୁଣି ଏହାର ପୁନରାବୃତ୍ତି ହୋଇଛି।

# ମହିଳା ଟ୍ରାଭେଲ୍ ଭ୍ଲଗର

ଆଜିର ମହିଳା ସବୁ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି । ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ, କଳା ଓ ଖେଳ ଆଦିରେ ସେମାନେ ନିଜକୁ ସମୃଦ୍ଧ କରିଛନ୍ତି । ସେହିପରି କିଛି ମହିଳା ଟ୍ରାଭେଲ ଭ୍ଲଗ୍ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି । ଭ୍ରମଣ କରିବା କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ବୋଲି ସେ ପ୍ରମାଣ କରିଛନ୍ତି । ଅଦମ୍ୟ ସାହସ, ଦୃଢ଼ ମନୋବଳ ପାଇଁ ସେମାନେ ବିଶ୍ୱର ବିଭିନ୍ନ ସ୍ଥାନକୁ ଭ୍ରମଣ କରିବାରେ ସଫଳ ହୋଇଛନ୍ତି । ଯେଉଁଠି ମହିଳାଙ୍କ ଏକାକୀ ଯାତ୍ରାକୁ ଅସୁରକ୍ଷିତ ମନାଯାଏ, ସେହି ରକ୍ଷଣଶୀଳ/ରଢ଼ିବାଦୀ ଚିନ୍ତାଧାରାରୁ ବାହାରି ସେମାନେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ସେହିପରି ପ୍ରସିଦ୍ଧି ଲାଭ କରିଥିବା କେତେକ ଭାରତୀୟ ମହିଳା ଟ୍ରାଭେଲ୍ ଭ୍ଲଗରଙ୍କୁ ନେଇ ଏହି ଉପସ୍ଥାପନା ।



## ତାନ୍ୟା ଖନିଜୋ

ତାନ୍ୟା ଖନିଜୋ ଜଣେ ପ୍ରସିଦ୍ଧ ଭାରତୀୟ ଟ୍ରାଭେଲ ଭ୍ଲଗର, ୟୁଟ୍ୟୁବର୍ ତଥା ଇନ୍‌ଫ୍ଲୁଏନ୍ସର ଭାବେ ପରିଚିତ । ସେ ଦେଶ, ବିଦେଶ ବିଭିନ୍ନ ସ୍ଥାନକୁ ଭ୍ରମଣ କରି ତାହାର ଅନୁଭୂତି ସାଉଁଟିବା ସହ ତାକୁ ନେଇ ବୃତ୍ତଚିତ୍ର ପ୍ରସ୍ତୁତ କରନ୍ତି । ହରିୟାଣାରେ ରହୁଥିବା ଏହି ଯୁବତୀଙ୍କର ଅଜଣା ଜିନିଷ, ସ୍ଥାନ ଓ ଲୋକଙ୍କ ବିଷୟରେ ଜାଣିବାରେ ବେଶ୍ ରୁଚି ରହିଛି । ଏଥିପାଇଁ ସେ କର୍ପୋରେଟ୍ ଚାକିରି ଛାଡ଼ି ଭ୍ରମଣ ଦିଗରେ ଆଗେଇଥିଲେ । ସେ ୨୦୧୨ ମସିହାରେ ଏହି ଭ୍ରମଣ ଯାତ୍ରା ଆରମ୍ଭ କରିଥଲେ । ସେ ବିଭିନ୍ନ ସ୍ଥାନ ବୁଲି ସେଠାର ସଂସ୍କୃତି, ପରମ୍ପରାକୁ ୟୁଟ୍ୟୁବରେ ଭିଡିଓ କରି ଲୋକମାନଙ୍କୁ ଦେଖାଇଥାନ୍ତି । ଏଥିସହ ଲୋକମାନଙ୍କୁ ବିଦେଶ ଯାତ୍ରା କରିବାର ସମ୍ପୂର୍ଣ୍ଣ ବିବରଣୀ ଦେଇଥାନ୍ତି । ତାଙ୍କର ୟୁଟ୍ୟୁବ୍‌ରେ ଲକ୍ଷ ଲକ୍ଷ ସବ୍‌ସ୍କ୍ରାଇବର ରହିଛନ୍ତି । ସେ ଏକାକୀ ମହିଳା ଭାବେ ଆଫ୍ରିକା, ଆମେରିକା, ମାଳଦ୍ୱୀପ, ଆଣ୍ଡମାନ, କେରଳ, ହିମାଚଳ ପ୍ରଦେଶ, ନେପାଳ ଏଭେରେଷ୍ଟ ବେସ୍ କ୍ୟାମ୍ପ ଆଦି ସ୍ଥାନକୁ ଭ୍ରମଣ କରିଛନ୍ତି । ସେ ନିଜ ଟ୍ରାଭେଲ ଭ୍ଲଗ୍ ମାଧ୍ୟମରେ, ବିଭିନ୍ନ ସ୍ଥାନର ବିଶେଷତା ଯଥା- ଖାଦ୍ୟପେୟ, ଜଳବାୟୁ ବାବଦରେ ଜଣାଇଥାନ୍ତି ।



## କ୍ରୀତିକା ଗୋଏଲ୍

ସେହିପରି ଆଉ ଜଣେ ସଫଳ ଟ୍ରାଭେଲ୍ ଭ୍ଲଗର ହେଲେ କ୍ରୀତିକା ଗୋଏଲ । ସେ କର୍ପୋରେଟ୍ କର୍ମଚାରୀ ହେବା ସହ ଜଣେ ଟ୍ରାଭେଲ୍ ଭ୍ଲଗର ଭାବେ ପରିଚିତ । ସେ ବିଭିନ୍ନ ସ୍ଥାନ ବୁଲି ତାହା ବିଷୟରେ ଜାଣିବାକୁ ରୁଚି ରଖନ୍ତି । ୨୦୧୭ ରେ ସେ ନିଜର ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ । ସେ ୟୁଟ୍ୟୁବ୍ ଭ୍ଲଗ୍ ମାଧ୍ୟମରେ ବିଭିନ୍ନ ପର୍ଯଟନ ସ୍ଥଳୀର ବିବରଣୀ ସମେତ ଲୋକଙ୍କ ଜୀବନ ଶୈଳୀ, ଫେଶନ ବିଷୟରେ ମଧ୍ୟ ବାର୍ତ୍ତା ଦେଇଥାନ୍ତି । ପାଞ୍ଚ ବର୍ଷରେ ଚାରି ଲକ୍ଷ ସବ୍‌ସ୍କ୍ରାଇବର ହାସଲ କରିଥିବା କ୍ରୀତିକା ସ୍ୱିଜର୍‌ଲ୍ୟାଣ୍ଡ, ଆମେରିକା, ଆଦି ସ୍ଥାନକୁ ଯାତ୍ରା କରିଛନ୍ତି । ସେ ବିଭିନ୍ନ ସ୍ଥାନ ଯାତ୍ରା କରି ଖୁବ୍ ରୋମାଞ୍ଚକର ଅନୁଭୂତି ନେଇଛନ୍ତି, ଯାହା ତାଙ୍କୁ ଏକ ନୂଆ ଜୀବନ ବଞ୍ଚିବାର ମାର୍ଗ ଦର୍ଶାଇଛି ବୋଲି ସେ କୁହନ୍ତି ।



## ପ୍ରିୟଙ୍କା ଚନ୍ଦୋଲା

ପ୍ରିୟଙ୍କା ଚନ୍ଦୋଲା ଜଣେ, ଦେଶୀ ଗର୍ଲ ଟ୍ରାଭେଲର ଭାବେ ପରିଚିତ । ସେ ୨୦୧୮ ଏହି ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ । କମ୍ ଟଙ୍କାରେ ପର୍ଯ୍ୟଟକମାନେ କିପରି ବିଭିନ୍ନ ସ୍ଥାନ ବୁଲିପାରିବେ, ସେ ବିଷୟରେ ୟୁଟ୍ୟୁବ୍ ଭିଡିଓ କରି ଦେଖାଇଥାନ୍ତି । ସେହିପରି ସେ ଜଣେ ବଜେଟ୍ ଫ୍ରେଣ୍ଡଲୀ ଟ୍ରାଭେଲ୍ ଭ୍ଲଗର ଭାବେ ଜଣାଯାଆନ୍ତି । ସେ ଭାରତର ବିଭିନ୍ନ ସ୍ଥାନ ବୁଲି ସେଠାର ସଂସ୍କୃତି, ପରମ୍ପରା ସମେତ କିଛି ଜଣା ଅଜଣା କଥା ଜଣାଇଥାନ୍ତି । ତାଙ୍କର ୟୁଟ୍ୟୁବ୍‌ରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ଅଛନ୍ତି । ସେହିପରି ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରଶଂଶକ ରହିଛନ୍ତି ।

# ପାରମ୍ପରିକ ଶାଢ଼ିରେ ଆଧୁନିକ ସ୍ପର୍ଶ



ସାଧାରଣତଃ ଶାଢ଼ି ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ମହିଳାଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ତେବେ ଏହା କେବଳ ଏକ ପାରମ୍ପରିକ ପରିଧାନ ନୁହେଁ, ଏହା ଏବେ ଏକ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି । ପୂର୍ବରୁ ମହିଳାମାନେ ଏହାକୁ ସିମ୍ପଲ୍ ଷ୍ଟାଇଲ୍‌ରେ ପିନ୍ଧୁଥିବାବେଳେ ଏବେ ଏହାକୁ ବେଲ୍ଟ, ଜ୍ୟାକେଟ୍, ଧୋତି, ତଥା ଟପ୍‌ସ ସହ ପିନ୍ଧି ନିଜକୁ ଆଧୁନିକ ଲୁକ୍ ଦେଉଛନ୍ତି ।

### ବେଲ୍ଟ

ଏବେ ମହିଳାମାନେ ଅଣ୍ଟାରେ ବେଲ୍ଟ ବାନ୍ଧି ଶାଢ଼ୀ ପିନ୍ଧୁଛନ୍ତି । ଏହାଦ୍ୱାରା ଶାଢ଼ି ଭଲରେ ସେଟ୍ ହୋଇ ରହିଥାଏ । ପଣତକାନି ବାରମ୍ବାର ତଳକୁ ଖସେ ନାହିଁ । ଏଥିରୁ ଷ୍ଟାଇଲିଶ୍ ସାଙ୍ଗକୁ ଏକ ଆଧୁନିକ ଲୁକ୍ ମିଳିଥାଏ । ବେଲ୍ଟ ଉଭୟ ଆଧୁନିକ ଓ ପାରମ୍ପରିକ ରହିଛି । ସେହିପରି ଏହାକୁ ପିନ୍ଧି ପାର୍ଟି, ଫଙ୍କ୍‌ସନ୍‌କୁ ଯାଇପାରିବେ ।

### ଧୋତି ଷ୍ଟାଇଲ୍

ଶାଢ଼ି ପିନ୍ଧିବାର ଏହି ପ୍ରକ୍ରିୟା ଟିକେ ଭିନ୍ନ । ଏଥିରେ ଶାଢ଼ି କୁଞ୍ଚ କରି ଧୋତି ଷ୍ଟାଇଲ୍‌ରେ ଡ୍ରେପିଂ କରି ପିନ୍ଧା ଯାଇଥାଏ । ଏଥିରେ ଶାଢ଼ିର ପ୍ଲିଟ୍‌ଗୁଡ଼ିକ ଦୁଇଗୋଡ଼ ମଧ୍ୟ ଦେଇ ନିଆଯାଇ ଅଣ୍ଟା ପାଖରେ ବନ୍ଧା ଯାଇଥାଏ । ଏହା ବିଶେଷ କରି ନୃତ୍ୟ ପ୍ରତିଯୋଗୀତା କିମ୍ବା କୌଣସି ବିଶେଷ ଦିନମାନଙ୍କରେ ପିନ୍ଧା ଯାଇଥାଏ । ଏହା ଖୁବ୍ ଆର୍ଷଣୀୟ ଦେଖାଯାଏ ।

### ଜ୍ୟାକେଟ୍ ସହ ଶାଢ଼ି

ମହିଳାମାନେ ନିଜକୁ ଏକ ରୟାଲ୍ ଲୁକ୍ ଦେବାକୁ ଚାହୁଁଥିଲେ, ଶାଢ଼ି ଉପରେ ଜ୍ୟାକେଟ୍ ପରିଧାନ କରିପାରିବେ । ଏହି ଜ୍ୟାକେଟ୍ ଛୋଟ, ବଡ଼ ବିଭିନ୍ନ ଷ୍ଟାଇଲ୍‌ର ରହିଛି । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।

### ଫ୍ୟାନ୍‌ସି ବ୍ଲାଉଜ୍

ସେହିପରି ଶାଢ଼ିରେ ପାରମ୍ପରିକ ବ୍ଲାଉଜ୍ ବଦଳରେ ଅଫ୍‌ସୋଲଡର୍, ହଲ୍‌ଟର୍ ନେକ୍, ବ୍ୟାକ୍‌ଲେସ୍ ବ୍ଲାଉଜ୍ ଆଦି ପିନ୍ଧିପାରିବେ । ଏଥିରେ ଶାଢ଼ିର ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

### ସାର୍ଟ ସହ ଶାଢ଼ି

ସାର୍ଟ ସହ ଶାଢ଼ି ପିନ୍ଧିଲେ ଏଥିରୁ ଏକ ମଡର୍ଣ୍ଣ ତଥା ଫ୍ୟୁଜନ୍ ଲୁକ୍ ମିଳିଥାଏ । ଏହାଦ୍ୱାରା ପାରମ୍ପରିକ ଶାଢ଼ିକୁ ଆଧୁନିକ୍ ଲୁକ୍ ଦିଆଯାଇଥାଏ । ଏଥିରେ ବ୍ଲାଉଜ୍ ବଦଳରେ ଫୁଲ୍ ସ୍ଲିଭ୍ ସାର୍ଟ, ଡେନିମ୍ କିମ୍ବା କ୍ରପ୍ ସାର୍ଟ ପିନ୍ଧା ଯାଇଥାଏ । ଏହାକୁ ଶାଢ଼ି ଉପରେ କିମ୍ବା ଭିତର ପାର୍ଶ୍ୱରେ ଟକ୍ କରି ଷ୍ଟାଇଲ କରିପାରିବେ ।

# ଘନ କେଶ ପାଇଁ ମେହେନ୍ଦୀ ତେଲ

ମେହେନ୍ଦୀ କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏଥିପାଇଁ ଅନେକ ସପ୍ତାହକୁ ଥରେ ଏହା କେଶରେ ଲଗାଇଥାନ୍ତି । ଏହାଦ୍ୱାରା କେଶରେ ପ୍ରାକୃତିକ ଚମକ ଆସିଥାଏ । ସେହିପରି ଚାହିଁଲେ ମେହେନ୍ଦୀ ତେଲ ଲଗାଇ କେଶକୁ ଘନକଳା କରିପାରିବେ ।



### ଆବଶ୍ୟକ ସାମଗ୍ରୀ

ଏହାକୁ ପ୍ରସ୍ତୁତ କରିବା ପାଇଁ ଅଧା ଚାମଚ ମେହେନ୍ଦୀ ପାଉଡର, ଏକ କପ୍ ନଡ଼ିଆ ତେଲ, ଜଡ଼ା ତେଲ, ମେଥି ଦାନା ଓ ଏକ ଚାମଚ ଭୃସଙ୍ଗପତ୍ର ଗୁଣ୍ଡ ଭିଟାମିନ୍ – ଇ କ୍ୟାପ୍‌ସୁଲ୍ ଆବଶ୍ୟକ ।

### ପ୍ରସ୍ତୁତି

ଗୋଟେ ଲୁହା କଡ଼େଇରେ ତେଲ ଢାଳି ତାକୁ ଧିମା ଆଞ୍ଚରେ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ଏଥିରେ ମେହେନ୍ଦୀ ଓ ଭୃସଙ୍ଗପତ୍ରଗୁଣ୍ଡ ପକାଇ ଏପଟସେପଟ କରନ୍ତୁ । ଏହାପରେ ମେଥିଦାନା ଦିଅନ୍ତୁ । ଏହାକୁ ଧିମା ଆଞ୍ଚରେ ୧୫ ମିନିଟ୍ ବସାନ୍ତୁ । ଧ୍ୟାନ ରଖିବେ ତେଲ ଯେମିତି ନ ଜଳେ । ତେଲର ରଙ୍ଗ ପରିବର୍ତ୍ତନ ହେଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏହା ଥଣ୍ଡା ହୋଇଗଲେ ଗୋଟିଏ ସୂତା କପଡ଼ାରେ ଛାଣି ଏହାକୁ ରଖନ୍ତୁ ।

### ତେଲ ଲଗାଇବାର ବିଧି

କେଶ ଧୋଇବାର କିଛି ଘଣ୍ଟା ପୂର୍ବରୁ ଏହାକୁ ଲଗାନ୍ତୁ । ପ୍ରଥମେ ଏହାକୁ ହାଲୁକା ହାତରେ ସ୍କାଲ୍‌ପରେ ମସାଜ୍ କରନ୍ତୁ । ଏହାପରେ କେଶର ଲଗାନ୍ତୁ । ଚାହିଁଲେ ଏହାକୁ ରାତିରେ ଲଗାଇ ସକାଳେ ଧୋଇପାରିବେ । ସପ୍ତାହରେ ଥରେ ଦୁଇଥର ଲଗାଇବା ପରେ କେଶରେ ନାନା ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହା କେଶକୁ ମୂଳରୁ ମଜଭୂତ କରି କେଶଝଡ଼ା ରୋକିଥାଏ । ଏଥିସହ କେଶରେ ଚମକ ଆଣି କେଶକୁ କଳା, ଚିକ୍କଣ କରିଥାଏ ।

# ମୋ ହାଣ୍ଡିଶାଳରୁ...



## ରାଇସ୍ ଆମ୍‌ଲେଟ୍

### ଆବଶ୍ୟକ ସାମଗ୍ରୀ

ବଏଲ୍ ରାଇସ୍ - ୨୦୦ ଗ୍ରାମ୍, ଅଣ୍ଡା- ଦୁଇଟି, ହଳଦୀଗୁଣ୍ଡ - ଅଧା ଚାମଚ ଲଙ୍କାଗୁଣ୍ଡ - ଅଧା ଚାମଚ, କଟା ପିଆଜ ଶଣ୍ଢା - ଏକ ଚାମଚ, ଚିଜ୍ - ଖଣ୍ଡେ, ଲୁଣ - ସ୍ୱାଦ ଅନୁସାରେ, ଚିଲି ଅଏଲ୍- ଦୁଇ ଚାମଚ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଚିଲି ଅଏଲ୍ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସିଝା ଭାତକୁ ଦେଇ ପିଠା ଖଡ଼ିକାରେ ଭଲରେ ଖେଳାଇ ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ସେଥିରେ ଅଣ୍ଡା ଭାଙ୍ଗି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଲୁଣ ପକାଇ ଗୋଳେଇ ଦିଅନ୍ତୁ । ଏହି ଅଣ୍ଡାକୁ ଭାତ ଉପରେ ଦେଇ ଦିଅନ୍ତୁ । ଏହା ଉପରେ ପିଆଜ ଶଣ୍ଢା, ଚିଜ୍ ପକାଇ ପାଞ୍ଚ ମିନିଟ୍ ଧିମା ଆଞ୍ଚରେ ଘୋଡାଇ ଦିଅନ୍ତୁ । ଏହାପରେ ଢାଙ୍କୁଣି ଖୋଲି, ଆମ୍‌ଲେଟକୁ ଏକ ପାଖ କରି ଲେଉଟାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ରାଇସ୍ ଅମ୍‌ଲେଟ୍' ।



# ଥ୍ରେଡର୍ ଇୟରିଂ

ମେକ୍‌ଅପ୍ ଭଳି ସମୟାନୁସାରେ କାନଫୁଲକୁ ନେଇ ମଧ୍ୟ ବିଭିନ୍ନ ଡିଜାଇନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଯୁବତୀଙ୍କ ମଧ୍ୟରେ ଥ୍ରେଡର୍ ଇୟରିଂର ଚାହିଦା ରହିଛି । ଏହା ସାଧା ଓ ସରୁ ଚେନ୍ କାନଫୁଲ । ଏଥିରେ ହୁପ୍ କିମ୍ବା ତାଳି ନ ଥିବାରୁ ଏହା ପିନ୍ଧିବା ସୁବିଧାଜନକ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ଏହା ସବୁ ପ୍ରକାର ମୁଖଗଠନ ଶୈଳୀକୁ ମାନିଥାଏ । ତେବେ ଏହା କେଉଁ ଆଉଟ୍ ଫିଟ୍‌କୁ ଭଲ ମାନିବ ଜାଣିବା ସେ ବିଷୟରେ ।

ପାର୍ଟି, ଫଙ୍କ୍‌ସନ୍‌ରେ ଟିକେ ହେଭି ଦିଶିବାକୁ ଚାହୁଁଥିଲେ, ଝୁମ୍‌କା କିମ୍ବା ଷ୍ଟୋନ୍ ଲାଗିଥିବା କାନଫୁଲ ପିନ୍ଧିପାରିବେ । ଖୋଲା କେଶ ଅପେକ୍ଷା ଏହା ବନ୍ଧା କେଶରେ ଭଲ ମାନିଥାଏ ।

ସେହିପରି ଏହି କାନଫୁଲ ତଳୁ ଚେନ୍ ଭଳି ଝୁଲି ରହୁଥିବାରୁ ଏହା ଯୁବତୀଙ୍କର ଅତି ପ୍ରିୟ ହୋଇଥାଏ । ଏହା ଜିନ୍ସ, ଟପ୍‌ସ, ସାଲୱର ସୁଟ୍ ଆଦି ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

ଗୋଲକାର ଏବଂ ଡାଇମଣ୍ଡ ଫେସ୍ ଥିବା ଯୁବତୀମାନେ ପତଳା, ଲେୟାର୍ଡ ଚେନ୍ ଡିଜାଇନର



କାନଫୁଲ ପିନ୍ଧିପାରିବେ । ସେହିପରି ଲମ୍ବା, ସେପ୍ ଥିବା ମହିଳାଙ୍କୁ ଓଜନିଆ ଥ୍ରେଡର୍ ଇୟରିଂ ଡିଜାଇନ୍ ଭଲ ମାନିଥାଏ ।

ଏହି ଡିଜାଇନର ବିଶେଷ କରି ବଟର ଫ୍ଲାଏ, ଷ୍ଟୋନ୍, ଫ୍ଲାୱାର, ମୁନ୍ ସେପ୍, ହାଟ୍‌ସେପ୍ ଆଦି କାନଫୁଲ ଡିଜାଇନ୍ ଟ୍ରେଣ୍ଡରେ ରହିଛି । ପର୍ଲ ଏବଂ ହାପ୍‌ମୁନ୍ ଡିଜାଇନର କାନଫୁଲ ବିଶେଷ କରି କଲେଜ ଏବଂ କର୍ମଜୀବୀ ମହିଳାଙ୍କ ପ୍ରଥମ ପସନ୍ଦ ପାଲଟିଛି ।

# ଆଲମଣ୍ଡରେ ତ୍ୱଚା ହେବ ଉଜ୍ଜ୍ୱଳ

ପୋଷକ ତତ୍ତ୍ୱରେ ଭରପୂର ଆଲମଣ୍ଡ ତ୍ୱଚା ପାଇଁ ହିତକର । ଏହାର ବ୍ୟବହାରରେ ବ୍ରଣ, ଚର୍ମ କୁଞ୍ଚନ ଦୂର ହେବା ସହ ତ୍ୱଚା ଉଜ୍ଜ୍ୱଳ ଦିଶେ । ସୁସ୍ଥ, ସୁନ୍ଦର ତ୍ୱଚା ପାଇଁ ଏହାକୁ କିଭଳି ବ୍ୟବହାର କରିବେ, ଜାଣିବା ସେ ସମ୍ପର୍କରେ... ।



- ଆଲମଣ୍ଡକୁ ବାଟି ରଖନ୍ତୁ । ଏଥିରେ ଦହି ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ୧୦ ମିନିଟ୍ ପରେ ମୁହଁକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ସପ୍ତାହକୁ ଦୁଇ ଥର ଏହାକୁ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ଦିଶିବ ।
- ଆଲମଣ୍ଡ ପେଷ୍ଟରେ ପାଚିଲା ଅମୃତଭଣ୍ଡାକୁ ଚକଟି ଦିଅନ୍ତୁ । ଏହାକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ । କିଛି ସମୟ ପରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଥରେ କିମ୍ବା ଦୁଇଥର ବ୍ୟବହାର କରିବା ଦ୍ୱାରା ବ୍ଲାକ୍‌ହେଡ୍ସ ଦୂର ହୋଇଥାଏ ।
- ଆଲମଣ୍ଡ ପେଷ୍ଟରେ ନଡ଼ିଆ ରସ ମିଶାଇ ଲଗାନ୍ତୁ । ୫-୬ ଦିନରେ ଥରେ ଲଗାଇବା ଦ୍ୱାରା ତ୍ୱଚା କୋମଳ ରହେ ।
- ଆଲମଣ୍ଡ ପେଷ୍ଟରେ ମହୁ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ଦଶ ମିନିଟ୍ ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ତୁରନ୍ତ ଉଜ୍ଜ୍ୱଳ ଦିଶେ ।



ବିସିସିଆଇର ବଡ଼ ନିଷ୍ପତ୍ତି

# ବଦଳିପାରିବେ ଗୁରୁତର ଆହତ ଖେଳାଳି



ମୁମ୍ବଇ,୧୬।୮ (ଏଜେନ୍ସି): ଘରୋଇ କ୍ରିକେଟର ପ୍ଲେଇଂ କଣ୍ଡିସନ ବା ଖେଳ ସର୍ତ୍ତାବଳୀରେ ବିସିସିଆଇ ଏକ ବଡ଼ ନିଷ୍ପତ୍ତି ନେଇଛି। ଚଳିତ ସିଜନର ସମସ୍ତ ଘରୋଇ ମଲ୍ଟି ଡେ (ଏକାଧିକ ଦିନ ଧରି ହେଉଥିବା କ୍ରିକେଟ) କ୍ରିକେଟ ପ୍ରତିଯୋଗିତାରେ ଗୁରୁତର ଆହତ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବ। ଚଳିତ ସିଜନ ଲାଗି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ପ୍ଲେଇଂ କଣ୍ଡିସନ୍‌ରେ ବିସିସିଆଇ 'ସିରିୟସ ଇଞ୍ଜୁରୀ ରିପ୍ଲେସ୍‌ମେଣ୍ଟ' କ୍ଲଜ୍ ଯୋଡିଛି। ଏହା କେବଳ ରଣଜୀ ଟ୍ରଫି, ଦୁଲୀପ ଟ୍ରଫି ଭଳି ଏକାଧିକ ଦିନ ଧରି ଖେଳାଯାଉଥିବା ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଲାଗୁ ହେବ। ୧୯ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଏହି ନିୟମ ମଧ୍ୟ ଲାଗୁ ହେବ। କିନ୍ତୁ ଏହା ସୟଦ ମୁସ୍ତାକ ଅଲି ଟି-୨୦ କିମ୍ବା ବିଜୟ ହଜାରେ ଟ୍ରଫି ୫୦ ଓଭର ବିଶିଷ୍ଟ କ୍ରିକେଟରେ ଲାଗୁ ହେବ ନାହିଁ। ନିକଟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ରଷଭ ପନ୍ତ ଓ କ୍ରିସ୍ ଓକ୍ସଙ୍କ ଆହତ ହେବା ପରେ ବିସିସିଆଇ ଏଭଳି ନିଷ୍ପତ୍ତି ନେଇଛି। ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଚତୁର୍ଥ ଟେଷ୍ଟରେ ଭାରତର ୱିକେଟ ରକ୍ଷକ ରଷଭ ପନ୍ତଙ୍କ ଗୋଡରେ ଆଘାତ ଲାଗିବା ଫଳରେ ଓ ପଞ୍ଚମ ଟେଷ୍ଟରେ କ୍ରିସ୍ ଓକ୍ସଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିବା ଫଳରେ ଉଭୟ ଖେଳାଳି ମ୍ୟାଚ୍‌ରେ ଅବଶିଷ୍ଟ ସମୟ ଖେଳି ପାରି ନ ଥିଲେ। ଏପରିକି ମ୍ୟାଚ୍ ବଞ୍ଚାଇବା ଲାଗି ଓକ୍ସ ଗୋଟିଏ ହାତରେ ଯନ୍ତ୍ରଣାର ସହ ବ୍ୟାଟିଂ କରିଥିଲେ।


ଗୁରୁତର ଆହତ ହୋଇଥିଲେ ମଧ୍ୟ ଆଇସିସି ନିୟମ ଅନୁଯାୟୀ ସେମାନଙ୍କ ସ୍ଥାନରେ ଅନ୍ୟ କୌଣସି ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇ ନ ଥିଲା। ଯାହା ଫଳରେ ଉଭୟ ଦଳ ସମ୍ପୃକ୍ତ ମ୍ୟାଚ୍‌ରେ ଜଣେ ଲେଖାଏଁ ଖେଳାଳିଙ୍କ ଅନୁପସ୍ଥିତିରେ ଖେଳିଥିଲେ। ଟେଷ୍ଟ ମ୍ୟାଚ୍‌ରେ କେବଳ କନକସସ ନିୟମ ଅନୁଯାୟୀ ଜଣେ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାର ଏବେ ନିୟମ ରହିଛି। କିନ୍ତୁ ପନ୍ତ ଓ ଓକ୍ସଙ୍କ ଗୁରୁତର ଆଘାତ ପରେ ଏହି ନିୟମରେ ପରିବର୍ତ୍ତନ ଆଣିବାକୁ ଦାବି ଜୋର ହୋଇଥିଲା। ଏପରିକି ଯେଉଁ ଖେଳାଳି ଆହତ ହୋଇଛନ୍ତି, ଠିକ୍ ତାଙ୍କ ପରି ଜଣେ ସମାନ ଖେଳାଳିଙ୍କୁ ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ଦେବାକୁ ଦାବି କରାଯାଇଥିଲା। କିନ୍ତୁ ଏ ସମ୍ପର୍କରେ ଆଇସିସି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା କିମ୍ବା ନିୟମ ପରିବର୍ତ୍ତନ ଲାଗି କିଛି ପଦକ୍ଷେପ ନିଆଯାଇ ନ ଥିଲା।

ବିସିସିଆଇ ଏବେ ପାଦେ ଆଗେଇଯାଇ ଏପରି ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାକୁ ନିଷ୍ପତ୍ତି ନେଇଛି। ଏହା ଫଳରେ ଯଦି ଦଳରେ ଜଣେ ଖେଳାଳି ଗୁରୁତର ଆହତ ହୁଅନ୍ତି, ତେବେ ତାଙ୍କ ସମକକ୍ଷ ଜଣେ ଖେଳାଳିଙ୍କୁ ଅବଶିଷ୍ଟ ସମୟରେ ଖେଳିବାକୁ ସୁଯୋଗ ଦିଆଯିବ ବୋଲି ବିସିସିଆଇ ପ୍ଲେଇଂ କଣ୍ଡିସନରେ ଯୋଡିଛି। ଏହା ନିଶ୍ଚିତଭାବେ ଆହତ ସମସ୍ୟା ଲାଗି ଗୋଟିଏ ଦଳ ଅସୁବିଧାରେ ପଡ଼ିବ ନାହିଁ। କିନ୍ତୁ ବିସିସିଆଇ ସର୍ତ୍ତ ରଖିଛି ଯେ, ଆଘାତ ସମସ୍ୟାଟି ଖେଳ ପଡ଼ିଆ ମଧ୍ୟରେ ହୋଇଥିବ। ଖେଳାଳିଙ୍କ ବାହାର ଅଂଶରେ ଆଘାତ ଲାଗିଥିବା ଜରୁରୀ। ଯେପରି ଜଣେ ଖେଳାଳିଙ୍କ ହାତଗୋଡ କିମ୍ବା ଅନ୍ୟ କିଛି ଭାଙ୍ଗିଯିବା, ଗଭୀର କ୍ଷତ ସୃଷ୍ଟି ହେବ କିମ୍ବା କାନ୍ଧରୁ ହାଡ ଖସିଯିବା। ଏପରି ଆଘାତ ହୋଇଥିଲେ ଖେଳାଳି ପରିବର୍ତ୍ତନ ଲାଗି ମ୍ୟାଚ୍ ରେଫରି ଉଭୟ ଡାକ୍ତର ଓ ଅମ୍ପାୟାର ନିଷ୍ପତ୍ତି ନେଇ ସମଦକ୍ଷତା ସମ୍ପନ୍ନ ଖେଳାଳିଙ୍କୁ ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବା ଲାଗି ଅନୁମତି ଦେଇ ପାରିବେ। ଉଭୟ ଆହତ ଓ ବଦଳ ଖେଳାଳି ଏହି ମ୍ୟାଚ୍ ଖେଳିବାର ରେକର୍ଡ ରହିବ।

## ଫିଟ୍‌ହେଲେ ସୂର୍ଯ୍ୟକୁମାର

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ପାଇଁ ଏକ ଖୁସି ଖବର ଆସିଛି। ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଟନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ଜୁନ ମାସରେ ଜର୍ମାନୀରେ ସୂର୍ଯ୍ୟକୁମାରଙ୍କ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅପରେସନ ହୋଇଥିଲା। ଅପରେସନ ପରେ ସୁସ୍ଥ ହୋଇଥିବା ସୂର୍ଯ୍ୟଙ୍କର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ରେ ଫିଟନେସ ପରୀକ୍ଷା ହୋଇଥିଲା। ଏଥିରେ ସେ ପାସ୍ କରିଥିବା ବିସିସିଆଇ ପକ୍ଷରୁ ଜଣାପଡ଼ିଛି। ଫଳରେ ଏସିଆ କପ୍‌ରେ ସେ ଦଳରେ ନେତୃତ୍ୱ ନେବା ନିଶ୍ଚିତ ହୋଇଛି। ଏସିଆ କପ୍ ଲାଗି ମଙ୍ଗଳବାର ୧୫ ଜଣିଆ ଦଳ ଚୟନ ହେବ। ଏଥିରେ ମୁଖ୍ୟ ଚୟନକର୍ତ୍ତାଙ୍କ ସହ ୩୪ ବର୍ଷୀୟ ସୂର୍ଯ୍ୟକୁମାର ଉପସ୍ଥିତ ରହିବେ। ସେପ୍ଟେମ୍ବର ୯ରୁ ୟୁଏଇରେ ଏସିଆ କପ୍ କ୍ରିକେଟ୍ ଖେଳାଯିବ। ଆୟୋଜକ ୟୁଏଇ, ପାକିସ୍ତାନ ଓ ଓମାନ ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେପ୍ଟେମ୍ବର ୧୦ରେ ୟୁଏଇ ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ସେପ୍ଟେମ୍ବର ୧୪ରେ ପାକିସ୍ତାନ ଓ ୧୯ରେ ଓମାନ ସହ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର୍-୪କୁ ଯୋଗ୍ୟତା ଅର୍ଜନ କରିବେ।

## ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ସିମ୍ପସନ୍‌ଙ୍କ ପରଲୋକ



ସିଡନୀ, ୧୬।୮ (ଏଜେନ୍ସି): ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବବ୍ ସିମ୍ପସନଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଜଣେ ଓପନିଂ ବ୍ୟାଟର୍ ସହ ସିମ୍ପସନ ଲେଗ୍-ସ୍ପିନ ବୋଲିଂ ମଧ୍ୟ କରିଥାନ୍ତି। ସେହିଭଳି ସ୍ଲିପ ଅଞ୍ଚଳରେ ସେ ଜଣେ ଶ୍ରେଷ୍ଠ ଫିଲ୍ଡର ଥିଲେ। ସିମ୍ପସନଙ୍କୁ ୧୬ ବର୍ଷ ହୋଇଥିବାବେଳେ ସେ ନ୍ୟୁ ସାଉଥୱେଲ୍ସ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ୧୯୫୭ରୁ ୧୯୭୮ ମସିହା ମଧ୍ୟରେ ସେ ଅଷ୍ଟ୍ରେଲିଆ ପାଇଁ ୬୨ ଟେଷ୍ଟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ଯେଉଁଥିରେ ସେ ୪୬.୮୧ ହାରରେ ୪୮୬୯ ରନ ସଂଗ୍ରହ କରିଥିଲେ। ତାଙ୍କ ନାମରେ ୧୦ ଶତକ ଓ ୨୭ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ୭୧ଟି ୱିକେଟ୍ ମଧ୍ୟ ଅକ୍ତିଆର କରିଛନ୍ତି। ଏହାବାଦ୍ ପ୍ରଥମଶ୍ରେଣୀ ଫର୍ମାଟ୍‌ରେ ସେ ୨୫୭ ମ୍ୟାଚ୍ ଖେଳି ୬୦ ଶତକ ଓ ୧୦୦ ଅର୍ଦ୍ଧଶତକ ସହ ୨୧,୦୨୯ ରନ ସଂଗ୍ରହ କରିଥିଲେ। ଅବସର ପରେ ସିମ୍ପସନ ୧୯୮୬ରୁ ୧୯୯୬ ପର୍ଯ୍ୟନ୍ତ ୧୦ ବର୍ଷ ଧରି ଅଷ୍ଟ୍ରେଲିଆ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଅଷ୍ଟ୍ରେଲିଆ ୧୯୮୭ ବିଶ୍ୱକପ ଓ ୧୯୮୯ରେ ଆସେସ୍ ସିରିଜ ବିଜୟୀ ହୋଇଥିଲା।

## ଜାତୀୟସ୍ତରର ଫୁଟ୍‌ବଲ ଖେଳାଳି ଉତ୍ତମଙ୍କ ବିୟୋଗ

ଭୁବନେଶ୍ୱର, ୧୬।୮ (ସମିସ): ଓଡ଼ିଶାର ପୂର୍ବତନ ଜାତୀୟସ୍ତରର ଫୁଟବଲ୍ ଖେଳାଳି ଉତ୍ତମ କୁମାର ବେହେରାଙ୍କ ୫୫ ବର୍ଷ ବୟସରେ ବିୟୋଗ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ପତ୍ନୀ, ପୁତ୍ର ଓ କନ୍ୟା ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତ ଉତ୍ତମ ଜଣେ ଗୋଲ୍‌କିପର ଭାବେ ରାଜ୍ୟ ପକ୍ଷରୁ ଖେଳୁଥିଲେ। ସେ ଜାତୀୟ ଜୁନିଅର ଓ ସବ୍‌ଜୁନିଅର ବର୍ଗରେ ବହୁ ଜାତୀୟସ୍ତରର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।



## ଜମିଲ୍‌ଙ୍କ ଦଳରେ ସ୍ଥାନ ପାଇଲେନି ଛେତ୍ରୀ



ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ଆଗାମୀ କାଫା ନେସନ୍ସ କପ୍ ଲାଗି ୩୫ ଜଣିଆ ସମ୍ଭାବ୍ୟ ଭାରତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ନବନିଯୁକ୍ତ ମୁଖ୍ୟ ପ୍ରଶିକ୍ଷକ ଖଲିଦ ଜମିଲଙ୍କ ଦ୍ୱାରା ଘୋଷିତ ଦଳରେ ଅଭିଜ୍ଞ ଷ୍ଟ୍ରାଇକର୍ ସୁନିଲ ଛେତ୍ରୀଙ୍କ ନାମ ନାହିଁ। ତେବେ ୪୧ ବର୍ଷୀୟ ଛେତ୍ରୀଙ୍କୁ ଦଳରୁ ବାଦ୍ ଦିଆଯାଇଛି କି ସେ ନିଜ ଆଡୁ ବିଶ୍ରାମ ନେଇଛନ୍ତି ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ଅବସର ପରେ ପୁଣିଥରେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ପ୍ରତ୍ୟାବର୍ତ୍ତନ କରି ଛେତ୍ରୀ ୪ଟି ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ତାଙ୍କ ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ସେ ମାତ୍ର ଗୋଟିଏ ଗୋଲ୍ ଦେଇଛନ୍ତି। ତେଣୁ ନୂଆ ପ୍ରଶିକ୍ଷକ ଜମିଲ ପ୍ରଦର୍ଶନକୁ ନେଇ ତାଙ୍କୁ ବାଦ୍ ଦେଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ କିନ୍ତୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ବେଙ୍ଗାଲୁରୁରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। କାଫା ନେସନ୍ସ କପ୍‌ରେ ଭାରତ ଅଗଷ୍ଟ ୨୯ରେ ତାଜିକିସ୍ତାନ, ସେପ୍ଟମ୍ବର ୧ରେ ଇରାନ ଓ ୪ରେ ଆଫଗାନିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ସିରିଜ ସୁଇପ୍ ଲକ୍ଷ୍ୟରେ ଭାରତ-ଏ

ବ୍ରିସବେନ, ୧୬।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତ-ଏ ମହିଳା କ୍ରିକେଟ୍ ଦଳ ଦିନିକିଆ ସିରିଜକୁ ଆଗୁଆ କବଜା କରିନେଇଛି। ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ-ଏ ମହିଳା କ୍ରିକେଟ୍ ଦଳକୁ ଭାରତ-ଏ ୩ ୱିକେଟ୍‌ରେ ହରାଇଥିଲା। ଏହାପରେ ସ୍ୱାଧୀନତା ଦିବସରେ ଖେଳାଯାଇଥିବା ୨ୟ ଦିନିକିଆକୁ ଭାରତ-ଏ ୨ ୱିକେଟ୍‌ରେ ଜିତିନେଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ଆଲିସା ହେଲୀଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟରେ ୨୬୫ ରନ କରିଥିଲା। ହେଲୀ ସର୍ବାଧିକ ୯୧ ରନ କରିଥିଲେ। ଭାରତ-ଏ ପକ୍ଷରୁ ମିନୁ ମାନି ୩ ଓ ସଇମା ଠାକୁର ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ-ଏ ନିମ୍ନକ୍ରମର ବ୍ୟାଟରଙ୍କ ଉପଯୋଗୀ ପାଳି ବଳରେ ଗୋଟିଏ ବଲ୍ ଓ ୨ ୱିକେଟ ବଳକା ଥାଇ ବିଜୟୀ ହୋଇଥିଲା। ଓପନର ଯଷ୍ଟିକା ଭାଟିଆ ସର୍ବାଧିକ ୬୬ ରନ କରିଥିଲେ। ସେହିଭଳି ଅଧିନାୟିକା ରାଧା ଯାଦବ ୬୦ ଓ ୮ମ ସ୍ଥାନରେ ଆସିଥିବା ତନୁଜା କନୱର ୫୦ ରନ କରି ଦଳକୁ ଆଗୁଆ ସିରିଜ କବଜା କରିବାରେ ସହାୟତା କରିଥିଲେ। ରବିବାର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ଭ୍ରମଣକାରୀ ଭାରତ-ଏ ସିରିଜ କ୍ଲିନ ସୁଇପ୍ କରିବାକୁ ଲକ୍ଷ୍ୟ ରଖିଛି।

ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍

## ଭାରତୀୟ ଦଳରେ ବିଶାଖା

ଭୁବନେଶ୍ୱର, ୧୬।୮ (ସମିସ): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ଜୁନିଅର ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ସୁନ୍ଦରଗଡ଼ର ବିଶାଖା ଟପ୍ପୋ ସ୍ଥାନ ପାଇଛନ୍ତି। ସେ ଉଭୟ ଦଳଗତ ଓ ବ୍ୟକ୍ତିଗତ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ବିଶାଖା ଭୁବନେଶ୍ୱରସ୍ଥିତ ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ୨୦୧୯ରେ ବିଶାଖା ୧୩ ବର୍ଷରୁ କମ୍ ସିଙ୍ଗଲ୍ସରେ ରାଜ୍ୟ ଚାମ୍ପିଅନ ହୋଇଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଏହି ଅବସରରେ ରାଜ୍ୟ କ୍ରୀଡ଼ା ଜଗତରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୬ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍ ଗୌହାଟୀରେ ଖେଳାଯିବ। ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ୩୭ଟି ଦଳ ଭାଗନେବେ। ଦଳଗତ ଇଭେଣ୍ଟରେ ଭାରତ ୨ୟ ସିଡ୍ ମାନ୍ୟତା ପାଇଛି। ଆୟୋଜକ ଭାରତ ଗ୍ରୁପ୍-ଏଚ୍'ରେ ହଂକଂ, ନେପାଳ ଓ ଘାନା ସହ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ଶୀର୍ଷ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବ। ୨୦୦୮ ପରେ ପ୍ରଥମଥର ଲାଗି ଭାରତ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ଅଧିକାର ହାସଲ କରିଛି।



ମ୍ୟାଚ୍‌ରେ ମ୍ୟାକ୍ସୱେଲ, ସିରିଜ୍‌ରେ ଡେଭିଡ୍ ଶ୍ରେଷ୍ଠ

# ଅଷ୍ଟ୍ରେଲିଆର ଟି-୨୦ ସିରିଜ୍ କବ୍‌ଜା

କେର୍ନସ,୧୬।୮ (ଏଜେନ୍ସି): ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ (୩୬ ବଲ୍‌ରେ ୬୨*ରନ୍)ଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ରୋମାଞ୍ଚକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତିନେଇଛି। ଏହି ମ୍ୟାଚ୍‌ରେ ନଂ-୬ରେ ବ୍ୟାଟିଂ କରିବାକୁ ଆସି ୩୬ ବଲ୍‌ରୁ ୮ ଚୌକା ଓ ୨ ଛକା ସହ ୬୨ ରନ୍ କରି ଅପରାଜିତ ଥିବା ମ୍ୟାକ୍ସୱେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୩ଟି ମ୍ୟାଚ୍‌ରେ ୧୫୦ ରନ୍ କରିଥିବା ଅଷ୍ଟ୍ରେଲିଆର ଟିମ୍ ଡେଭିଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଟି-୨୦ ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଏଠାରେ ଅଗଷ୍ଟ ୧୯ରୁ ଆରମ୍ଭ ହେବ। ଏହା ପରେ ମ୍ୟାକୟରେ ଅଗଷ୍ଟ ୨୨ ଓ ୨୩ରେ ଶେଷ ଦୁଇଟି ଦିନିକିଆ ମ୍ୟାଚ୍ ଖେଳାଯିବ।

ଏହି ମ୍ୟାଚ୍‌ରେ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କ ୫୩ ଓ ରାସି ଭାନ ଡର ଡୁସେନଙ୍କ ଅପରାଜିତ ୩୮ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୧୭୨ ରନ୍ କରିଥିଲା। ନାଥାନ ଏଲିସ୍ ୩ଟି, ଜୋଶ ହାଜ୍‌ଲେଉଡ୍ ଓ ଆଦାମ ଜାମ୍ପା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବା ଫଳରେ ଅଷ୍ଟ୍ରେଲିଆ ଆଗରେ ୧୭୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ଅଷ୍ଟ୍ରେଲିଆ ଭଲ ଆରମ୍ଭ କରି ୮ ଓଭରରୁ ୬୬ ରନ୍ ଉଠାଇଥିଲା। କିନ୍ତୁ ଓପନର ଟ୍ରାଭିସ ହେଡ୍‌ଙ୍କୁ ଆଇଡେନ ମାର୍କରାମ ଆଉଟ କରି ବ୍ରେକ୍ ଥ୍ରୁ ଦେବା ପରେ ଅଷ୍ଟ୍ରେଲିଆ ୨୦ ରନ୍‌ରେ ୪ଟି ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଡେଭିଡ୍ ଓ ମ୍ୟାକ୍ସୱେଲ ପାଳି ସଜାଡିଆସୁଥିଲାବେଳେ ଦଳ ୨ ରନ୍‌ରେ ୨ଟି ୱିକେଟ ହରାଇ ପୁଣି ବିପଦରେ ପଡ଼ିଥିଲା। ଏହି ସମୟରେ ଦଳ ୧୩.୫ ଓଭରରେ ୧୨୨ ରନ୍‌ରେ ୬ ୱିକେଟ ହରାଇଥିଲା। ଏହି ସମୟରେ ୮ ବଲ୍‌ରେ ୭ ରନ୍ କରିଥିବା ମ୍ୟାକ୍ସୱେଲ ଏକାକୀ ଲଢୁଆ ଖେଳି ଦକ୍ଷିଣ ଆଫ୍ରିକା ନିକଟରୁ ମ୍ୟାଚ୍ ଛଡ଼ାଇଆଣିଥିଲେ। ଏହି ସ୍କୋର ପରେ ୨ଜଣ ଖେଳାଳି ଆଉଟ ହୋଇଥିଲାବେଳେ ଗୋଟିଏ ରନ୍ ହୋଇଥିଲା। ମ୍ୟାକ୍ସୱେଲ ଏକାକୀ ଅବଶିଷ୍ଟ ରନ୍ ସଂଗ୍ରହ କରି ଗୋଟିଏ ବଲ ବାକିଥାଇ ଦଳକୁ ମ୍ୟାଚ୍ ଜିତାଇଥିଲେ। ପରାଜିତ ଦଳର କର୍ବିନ ବୋଶ ୩ଟି, କାଗିସୋ ରାବାଡ଼ା ଓ କ୍ୱେନା ମାପାକା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ମଧ୍ୟ ତାହା ଦଳକୁ ଜିତାଇ ପାରି ନ ଥିଲା।



ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍-୨୦୨୬

# ଜର୍ମାନୀର ଯୋଗ୍ୟତା ଅର୍ଜନ




ବର୍ଲିନ୍,୧୬।୮ (ଏଜେନ୍ସି): ୩ ଥରର ଚାମ୍ପିଅନ ଜର୍ମାନୀ ୨୦୨୬ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସ୍ପେନ୍‌କୁ ୪-୧ ଗୋଲରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ଏଠାରେ ଚାଲିଥିବା ୟୁରୋ କପ୍ ହକି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିବା ପରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ଏକ ସେମିଫାଇନାଲରେ ଫ୍ରାନ୍ସକୁ ହରାଇ ନେଦରଲାଣ୍ଡସ ମଧ୍ୟ ଫାଇନାଲରେ ପ୍ରବେଶ କରିଛି। ନିୟମ ଅନୁଯାୟୀ ୟୁରୋକପ୍ ଚାମ୍ପିଅନ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା କଥା। କିନ୍ତୁ ୨୦୨୬ ବିଶ୍ୱକପ୍ ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବ। ଏଣୁ ଆୟୋଜକ ଭାବେ ଉଭୟ ଦଳ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଅନ୍ୟ କୌଣସି ପ୍ରକାର ଯୋଗ୍ୟତା ଅର୍ଜନରେ ଏହି ଦୁଇ ଦେଶ ସାମିଲ ହେବେ ନାହିଁ। ଏଣୁ ୟୁରୋକପ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ହେଲେ ମଧ୍ୟ ପୂର୍ବରୁ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ୟୁରୋପ୍‌ର ଦ୍ୱିତୀୟ ଦଳ ଭାବେ ଜର୍ମାନୀ ଯୋଗ୍ୟତା ଅର୍ଜନ କରିବ। ଏଣୁ ୟୁରୋ କପ୍ ଫାଇନାଲର ଫଳାଫଳ ଯାହା ହେଉ ପଛେ ଜର୍ମାନୀ ଟାଇଟଲ ରକ୍ଷା ଲାଗି ସୁଯୋଗ ପାଇଛି। ସେହିପରି ୨୦୨୩-୨୪ ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବା ଦଳ ମଧ୍ୟ ଯୋଗ୍ୟତା ଅର୍ଜନ କରିବା କଥା। ପ୍ରୋ-ଲିଗ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ଓ ବେଲଜିୟମ ରନର୍ସ ଅପ୍ ହୋଇଥିବାରୁ ଏମାନେ ବାଦ୍ ପଡ଼ିଛନ୍ତି। ଏହା ଫଳରେ ପଏଣ୍ଟ ତାଲିକାରେ ତୃତୀୟ ସ୍ଥାନରେ ଥିବା ସ୍ପେନ୍ ପ୍ରୋ-ଲିଗ୍ କୋଟାରୁ ଯୋଗ୍ୟତା ଅର୍ଜନ କରିଛି। ସେହିପରି ୨୦୨୪-୨୫ ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବାରୁ ୬ଟି ଦଳକୁ ଯୋଗ୍ୟତା, ୧୦ ସ୍ଥାନ ପୂରଣ ହେବ: ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏଯାଏ ବିଭିନ୍ନ କୋଟାରେ ୬ଟି ଦଳ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ତାହା ମଧ୍ୟରେ ୟୁରୋପର ୪ଟି ଦଳ ରହିଛି। ସେଗୁଡିକ ହେଲା ନେଦରଲାଣ୍ଡସ, ବେଲଜିୟମ, ସ୍ପେନ୍ ଓ ଜର୍ମାନୀ। ଅନ୍ୟ ଦୁଇ ଦଳ ହେଲା ପାନ୍‌ଆମେରିକାନ ଚାମ୍ପିଅନ ଆର୍ଜେଣ୍ଟିନା ଓ ୨୦୨୪-୨୫ ପ୍ରୋ-ଲିଗ୍ ଚାମ୍ପିଅନ ଅଷ୍ଟ୍ରେଲିଆ। ଏଣୁ ବିଶ୍ୱକପ୍‌ରେ ଆହୁରି ୧୦ଟି ସ୍ଥାନ ପୂରଣ ହେବାକୁ ବାକି ରହିଛି। ତାହା ମଧ୍ୟରୁ ଏସିଆ, ଆଫ୍ରିକା ଓ ଓସେନିଆ ଚାମ୍ପିଅନ ଟିମ୍ ୩ଟି ସ୍ଥାନରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟ ୭ଟି ଦେଶ ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରୁ ଯୋଗ୍ୟ ବିବେଚିତ ହେବେ। ଭାରତ ଏହି ୧୦ଟି ମଧ୍ୟରେ ରହିଛି। ଏସିଆ କପ ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୮ ଯାଏ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିଅନ ହେଲେ ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଯଦି ଚାମ୍ପିଅନ ହୋଇ ନ ପାରେ, ତେବେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଭାଗନେଇ ଭାଗ୍ୟ ପରୀକ୍ଷା କରିବ।

୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

# ଶେଷଦଳ ଭାବେ ଆମେରିକାକୁ ଟିକେଟ

ଦୁବାଇ,୧୬।୮ (ଏଜେନ୍ସି): ଯୁକ୍ତରାଷ୍ଟ୍ର ଆମେରିକା ୧୬ତମ ତଥା ଶେଷଦଳ ଭାବେ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ସବୁ ଟିମ୍ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଅର୍ଜୁନ ମହେଶଙ୍କ ନେତୃତ୍ୱରେ ଡବଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଉଥିବା କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଆମେରିକା ଚାମ୍ପିଅନ ହେବା ସହ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ମେଗା ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡିକର ନାମ ହେଲେ ଆୟୋଜକ ଦେଶ ଭାବେ ଜିମ୍ବାୱେ। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ରେ ପ୍ରଥମ ୧୦ଟି ସ୍ଥାନରେ ଥିବା ଦଳ ଯଥା ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ଆୟର୍ଲାଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍। ଆଫ୍ରିକୀୟ କ୍ୱାଲିଫାୟର ଭାବେ ତାଞ୍ଜାନିଆ, ଏସୀୟ କ୍ୱାଲିଫାୟର ଭାବେ ଆଫଗାନିସ୍ତାନ, ଆମେରିକା କ୍ୱାଲିଫାୟର ଭାବେ ଆମେରିକା, ପୂର୍ବ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟର ଭାବେ ଜାପାନ ଏବଂ ୟୁରୋପିଆନ୍ କ୍ୱାଲିଫାୟର ଭାବେ ସ୍କଟଲାଣ୍ଡ ଏଥର ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS